୬ ▶ ଅନ୍ତର୍ଜାତୀୟ କ୍ରିକେଟରେ ୮୪ତମ ଶତକ ହାସଲ କଲେ କୋହଲି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୩୦୬ ● ୪ ଡିସେମ୍ବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-306 ● 4th December 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବିଧାନସଭାରେ ବିବୃତି ଜରିଆରେ ଜଣାଇଲେ ମୁଖ୍ୟମନ୍ତ୍ରୀ

# ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କ ଦାବିର ଅନୁଧ୍ୟାନ ପାଇଁ ହେଲା ଉଚ୍ଚସ୍ତରୀୟ କମିଟି

**ଭୁବନେଶ୍ୱର, ୩।୧୨**
**ନ୍ୟୁଜ୍ ବ୍ୟୁରୋ**

ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କ ଦାବି ସମ୍ପର୍କରେ ଅନୁଧ୍ୟାନ କରିବା ନିମନ୍ତେ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଭାରତୀୟ ପ୍ରଶାସନିକ ସେବା (ଅବସରପ୍ରାପ୍ତ) ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କମିଟି ଆସନ୍ତା ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ବୁଧବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।



ବିଧାନସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ବିବୃତିରେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ପ୍ରକାର ସରକାରୀ ଏବଂ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ରହିଅଛି। ଏହି ଶିକ୍ଷାନୁଷ୍ଠାନଗୁଡିକର ବିଭିନ୍ନ ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସେମାନଙ୍କର ବିଭିନ୍ନ ପ୍ରକାରର ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ସେମାନଙ୍କର ଏହି ଦାବି ଉପରେ ବିଭିନ୍ନ ସମୟରେ ଆଲୋଚନା ମଧ୍ୟ କରାଯାଇଛି। ଏହାକୁ ରାଜ୍ୟ ସରକାର ଗୁରୁତର ସହ ବିଚାର କରି ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ ଦାବି ସମୂହର ଅନୁଶୀଳନ ନିମନ୍ତେ ଏହି ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବିବୃତିରେ କହିଥିଲେ।

ବିଭିନ୍ନ ସମୟରେ ଶିକ୍ଷକ/ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ହୋଇଆସୁଥିବା ଦାବି ସମ୍ପର୍କରେ ରାଜ୍ୟ ସରକାର ସହାନୁଭୂତିର ସହ ବିଚାର କରି ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଗୃହରେ ବିଧାୟକମାନେ ଏହାକୁ ସ୍ୱାଗତ ଜଣାଇଥିଲେ।

## ସୁରକ୍ଷାବାହିନୀର ଏନ୍‌କାଉଣ୍ଟର

# ଟଳିଲେ ୧୨ ମାଓବାଦୀ, ୩ ଯବାନ ସହିଦ

**ରାୟପୁର, ୩।୧୨**

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଏକ ବଡ଼ଧରଣର ଏନକାଉଣ୍ଟର ଘଟଣା ଘଟିଛି। ସୁରକ୍ଷା ବାହିନୀର ଗୁଳିମାଡ଼ରେ ୧୨ଜଣ ମାଓବାଦୀ ନିପାତ ହୋଇଛନ୍ତି। ସଂଘର୍ଷ ବେଳେ ୩ ଯବାନ ସହିଦ ହୋଇଥିବା ବେଳେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇଥିବାର ସୂଚନା ମିଳିଛି। ଘଟଣାସ୍ଥଳରେ ଅତିରିକ୍ତ ସୁରକ୍ଷା ବାହିନୀ ପହଞ୍ଚି ଜୋରଦାର ଖାନତଲାସି ଅଭିଯାନ ଚଳାଇଛନ୍ତି।

ମାଓ ପ୍ରଭାବିତ ବିଜାପୁର ଜିଲ୍ଲାର ଏକ ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ନେଇ ସୁରକ୍ଷାବାହିନୀକୁ ସୂଚନା ମିଳିଥିଲା। ଏହି ଆଧାରରେ ସୁରକ୍ଷାବାହିନୀର ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ କରିଥିଲେ। ସୁରକ୍ଷାବାହିନୀକୁ ଦେଖିବା ପରେ ମାଓବାଦୀମାନେ ବିଚଳିତ ହୋଇପଡ଼ିଥିଲେ। ସେମାନେ ଅଙ୍କୁଶ ଲଗାଇ ବସିଥିବାରୁ ପୂର୍ବ ଯୋଜନା ଅନୁସାରେ



ଯବାନଙ୍କୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ମାଓବାଦୀଙ୍କର ଗୁଳିମାଡ଼ରେ ୩ଜଣ ଯବାନ ସହିଦ ହୋଇଛନ୍ତି।

ଜଣେ ପୁଲିସ ଅଧିକାରୀ ଗଣମାଧ୍ୟମକୁ ବୁଧବାର କହିଛନ୍ତି, ପଶ୍ଚିମ ବସ୍ତର ଡିଭିଜନର ଏକ ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏହି ଗୁଳିବିନିମୟ ହୋଇଛି। ନକ୍ସଲ ଗତିବିଧି ନେଇ ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ କରାଯାଇଥିଲା। ମାଓବାଦୀଙ୍କୁ ମୁକାବିଲା କରିବା ପାଇଁ ରିଜର୍ଭ ଗାର୍ଡ, ଏସଟିଏଫ୍ ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ୍)ର ବାଟାଲିଅନ ପହଞ୍ଚି ଥିଲେ। ସୁରକ୍ଷାକର୍ମୀଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। କିନ୍ତୁ ସୁରକ୍ଷାବାହିନୀର ଯବାନମାନେ କଡ଼ା ମୁକାବିଲା କରିଥିଲେ। ଏହି ଏନ୍‌କାଉଣ୍ଟରରେ ୧୨ଜଣ ମାଓବାଦୀ ନିପାତ ହୋଇଛନ୍ତି। ସର୍ଚ୍ଚ ଅପରେସନ ଜାରି ରହିଛି।

ବସ୍ତର ଆଇଜି ପି ସୁନ୍ଦରରାଜ କହିଛନ୍ତି, ଡିଆରଜି ଦାନ୍ତେୱାଡା-ବିଜାପୁର, ଏସଟିଏଫ୍, ସିଆରପିଏଫ୍ ଏବଂ କୋବ୍ରା ଟିମର ଯୁଗ୍ମ ଅପରେସନରେ ବିଜାପୁର-ଦାନ୍ତେୱାଡା ଭିତରେ ଜିଲ୍ଲା ସୀମାରେ ପଶ୍ଚିମ ବସ୍ତର କ୍ଷେତ୍ରରେ ୭ଜଣ ନକ୍ସଲ ନିପାତ ହୋଇଛନ୍ତି।

# ୧.୬୦ କୋଟି ନେଇଛନ୍ତି ମାଧୁରୀ ଦୀକ୍ଷିତ

**ଭୁବନେଶ୍ୱର, ୩।୧୨**
**ନ୍ୟୁଜ୍ ବ୍ୟୁରୋ**

ଓଡିଶା ହସ୍ତତନ୍ତ'ର ବ୍ରାଣ୍ଡ ଆମ୍ବାସଡର ଭାବେ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ନେନେ ନେଇଛନ୍ତି ୧ କୋଟି ୬୦ ଲକ୍ଷ ଟଙ୍କା। ତାଙ୍କର ଯିବା ଆସିବା ଫ୍ଲାଇଟ ଟିକେଟ, ରହିବା ଏବଂ ଖାଇବା ବ୍ୟବସ୍ଥା ମଧ୍ୟ କରିଛନ୍ତି ରାଜ୍ୟ ସରକାର । ଓଡିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡର ଭାବେ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ନେନେଙ୍କୁ ୨୦୨୫ ରେ ନିଯୁକ୍ତି *(ପୃଷ୍ଠା ୭ରେ)*

## ସଂସଦରେ ସୂଚନା ଦେଲେ ରେଳମନ୍ତ୍ରୀ

# ରେଳ ବଜେଟ୍‌ରେ ଓଡ଼ିଶାକୁ ୧୦,୫୯୯କୋଟି

**ନୂଆଦିଲ୍ଲୀ, ୩।୧୨**

ଜୁନାଗଡ଼ ଓ ନବରଙ୍ଗପୁର ନୂଆ ରେଳ ଲାଇନ, ନବରଙ୍ଗପୁର-ଜୟପୁର ରେଳ ପ୍ରକଳ୍ପ, ଜୟପୁର-ମାଲକାନଗିରି ନୂଆ ରେଳ ଲାଇନ ପ୍ରକଳ୍ପ ସମେତ ଓଡ଼ିଶାର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ବିଷୟରେ ବୁଧବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ସୂଚନା ଦେଇଛନ୍ତି। ରେଳ ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଜୁନାଗଡ଼ ଏବଂ ନବରଙ୍ଗପୁର (୧୧୬ କିଲୋମିଟର) ମଧ୍ୟରେ ନୂତନ ରେଳ ଲାଇନ କାମ ପାଇଁ ୨,୮୬୫କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ପ୍ରକଳ୍ପରେ ୩୭୬.୬୪ ହେକ୍ଟର ଘରୋଇ ଜମି ଅଧିଗ୍ରହଣ, ୫୮.୮୭ହେକ୍ଟର ସରକାରୀ ଜମି ପୃଥକୀକରଣ ଏବଂ ୩୫୧.୬୮ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପକୁ ଜମି ଅଧିଗ୍ରହଣ ପାଇଁ 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ଭାବରେ ଅଧିସୂଚିତ କରାଯାଇଛି । ଜମି ଅଧିଗ୍ରହଣ ପାଇଁ କ୍ଷମତାପ୍ରାପ୍ତ ପ୍ରାଧିକରଣ (ସିଏଏଲଏ) ନିଯୁକ୍ତ କରାଯାଇଛି ଏବଂ ଅଧିଗ୍ରହଣ କାର୍ଯ୍ୟ ହାତକୁ ନିଆଯାଇଛି।



ରେଳ ମନ୍ତ୍ରୀ କହିଛନ୍ତି, ନବରଙ୍ଗପୁର-ଜୟପୁର (୪୧କିଲୋମିଟର) ନୂତନ ଲାଇନ ପ୍ରକଳ୍ପକୁ ୭୪୮କୋଟି ଟଙ୍କା ଅଟକଳ ସହ ଖର୍ଚ୍ଚ ସହଭାଗିତା ଭିତ୍ତିରେ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପରେ ୨୯୧.୮୭ହେକ୍ଟର ଘରୋଇ ଜମି ଅଧିଗ୍ରହଣ, ୩୩.୫୯ହେକ୍ଟର ସରକାରୀ ଜମି ପୃଥକୀକରଣ ଏବଂ ୧୩.୪୭ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ପାଇଁ ଜମି ଓଡ଼ିଶା ସରକାର ଯୋଗାଇବାକୁ ଥିବାରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଛନ୍ତି। ଏ ପର୍ଯ୍ୟନ୍ତ ମୋଟ ୩୩୮.୯୪ହେକ୍ଟର ଆବଶ୍ୟକ ଜମି ମଧ୍ୟରୁ ୧୨.୪୧ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି । ଇନ୍ଦ୍ରାବତୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି।

ସେହିପରି ଜୟପୁର-ମାଲକାନଗିରି(୧୩୦କିଲୋମିଟର) ନୂତନ ରେଳ ଲାଇନ ପ୍ରକଳ୍ପକୁ ୨,୩୪୪କୋଟି ଟଙ୍କା ବ୍ୟୟବରାଦ ଆଧାରରେ ଖର୍ଚ୍ଚ ସହଭାଗିତା ଭିତ୍ତିରେ *(ପୃଷ୍ଠା ୭ରେ)*

# ସମାଜର ସହଯୋଗ ଦ୍ୱାରା ଭିନ୍ନକ୍ଷମ ଅସାଧାରଣ ପ୍ରତିଭାର ପରିଚୟ ଦେଇପାରିବେ

**ଭୁବନେଶ୍ୱର, ୩।୧୨**
**ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ବିଶ୍ୱସ୍ତରୀୟ ପାଳନୀୟ ଦିବସ ନୁହେଁ। ଆମ ସମସ୍ତଙ୍କ ପାଇଁ ଏହା ଏକ ସାମାଜିକ ପ୍ରତିବଦ୍ଧତା ଏବଂ ଉତ୍ତରଦାୟିତ୍ୱ ପ୍ରଦର୍ଶନ କରିବାର ଦିନ । ସମାଜର ସହଯୋଗ ଓ ପରିବାରର ପ୍ରେରଣା ଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତିମାନେ ଅସାଧାରଣ ପ୍ରତିଭାର ପରିଚୟ ଦେଇପାରିବେ। ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ସୋଆ ଅଡିଟୋରିୟମରେ ଆୟୋଜିତ ତିନି ଦିନିଆ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅନେକ ଭିନ୍ନକ୍ଷମ ବ୍ୟକ୍ତି ବିଭିନ୍ନ କ୍ଷେତ୍ରରେ ସଫଳତା ପ୍ରଦର୍ଶନ କରି ଏହା ପ୍ରମାଣ କରିଆସିଛନ୍ତି । ନିକଟରେ ଶ୍ରୀଲଙ୍କାର କଲମ୍ବୋ ଠାରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ୍ ଦଳ ଫାଇନାଲରେ



ନେପାଳକୁ ପରାସ୍ତ କରି ଇତିହାସ ସୃଷ୍ଟି କରିଛନ୍ତି। ଏହି ବିଶ୍ୱକପ ଦଳରେ ଓଡ଼ିଶାରୁ ୪ ଜଣ ପ୍ରତିନିଧିତ୍ୱ କରିଥିଲେ । ଗତ କିଛିବର୍ଷ ହେଲା କ୍ରୀଡା ସହିତ ବିଭିନ୍ନ କ୍ଷେତ୍ରରେ ଯେପରି ଭାବେ ଭିନ୍ନକ୍ଷମ ବ୍ୟକ୍ତିମାନେ ସଫଳତା ହାସଲ କରି ଆସୁଛନ୍ତି, ତାହା କେବଳ ଦିବ୍ୟାଙ୍ଗଙ୍କ ପାଇଁ ନୁହେଁ, ସମସ୍ତଙ୍କ ପାଇଁ ଏକ ପ୍ରେରଣାର ସ୍ରୋତ। ଶାରୀରିକ କ୍ଷମତା କିମ୍ବା ଅକ୍ଷମତା, ପ୍ରତିଭାର ବିକାଶରେ କେବେ ବି ବାଧକ ସାଜେ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ସରକାର 'ସଞ୍ଚାର ସାଥୀ' ଆପ୍ ବାଧ୍ୟତାମୂଳକ ଭାବେ ଲଗାଇବା ନିୟମ ହଟାଇଲା।
- କର୍ଣ୍ଣାଟକର ବାଗଲକୋଟ ଜିଲ୍ଲାରେ ଟ୍ରାକ୍ଟର ଟ୍ରଲି ପଛରେ ଧକ୍କା ଦେଲା କାର, ୪ ମୃତ।
- ଭାରତ 'ଇଣ୍ଟରନ୍ୟାସନାଲ୍ ଆଇଡିଆ' ସଂଗଠନର ଅଧ୍ୟକ୍ଷତା ଗ୍ରହଣ କଲା।
- ଡିଆରଡିଓ ପାଇଲଟ୍ ଉଦ୍ଧାର ପ୍ରଣାଳୀର ସଫଳ ପରୀକ୍ଷା କରିଲା।
- ଭାରତୀୟ ଶୋଧକ କାରଖାନା ଛୁଟ୍ ଦରରେ ରୁଷ ତେଲ କ୍ରୟ ଜାରି ରଖିଛି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୫୮ (+୭୧)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୭୦ (+୬୫)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୯୪ (+୫୩)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୧ (+୫)

# ଫେବୃୟାରୀ ୧୮ରୁ +୨ ପରୀକ୍ଷା

**ଭୁବନେଶ୍ୱର, ୩।୧୨**
**ନ୍ୟୁଜ୍ ବ୍ୟୁରୋ**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବାର୍ଷିକ ପରୀକ୍ଷା ୨୦୨୬ ଫେବୃୟାରୀ ୧୮ ତାରିଖ ଠାରୁ ଆରମ୍ଭ ହେବ। ଏହି ପରୀକ୍ଷା ମାର୍ଚ୍ଚ ୨୧ ତାରିଖରେ ଶେଷ ହେବ। ପରୀକ୍ଷା ଆରମ୍ଭ ହେବା ଠାରୁ ଶେଷ ହେବା ପାଇଁ ୨୨ ଦିନ ଲାଗିବ। ସୂଚୀ ଅନୁସାରେ ବାର୍ଷିକ ପରୀକ୍ଷା ସକାଳ ୧୦ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜାରି ରହିବ। ପିଲାମାନେ ପରୀକ୍ଷା ହଲ୍ ଭିତରକୁ ପରୀକ୍ଷା ଆରମ୍ଭ ହେବାର ଅଧ ଘଣ୍ଟା ଭିତରେ ପ୍ରବେଶ କରିବେ। ପରୀକ୍ଷାର ୫ମିନିଟ୍ ଆଗରୁ ପିଲାମାନଙ୍କୁ ପ୍ରଶ୍ନପତ୍ର ଦିଆଯିବ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାର ଅପରାହ୍ଣରେ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି। ପରୀକ୍ଷା ପାଇଁ ମୋଟ୍ ୪,୦୦,୭୩୭ ଛାତ୍ରଛାତ୍ରୀ ଫର୍ମ ଫିଲପ୍ କରିଛନ୍ତି। ବୋର୍ଡ ପରୀକ୍ଷାରେ ପ୍ରଥମ ଥର ୱେବ କାଷ୍ଟିଂ, ସିସିଟିଭି ଓ ଲାଇଭ ଷ୍ଟ୍ରିମିଂ ହେବ।

ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି, ପରୀକ୍ଷା ପାଇଁ ମୋଟ୍ ୪,୦୦,୭୩୭ ଛାତ୍ରଛାତ୍ରୀ ଫର୍ମ ଫିଲପ୍ କରିଛନ୍ତି। ଚଳିତ ବର୍ଷ କଳାରେ ୨,୫୬,୦୪୩ ଛାତ୍ରଛାତ୍ରୀ, ବିଜ୍ଞାନରେ ୧,୧୪,୫୨୩୮, ବାଣିଜ୍ୟରେ ୨୪,୫୩୩ ଛାତ୍ରଛାତ୍ରୀ ଓ ଧନ୍ଦାମୂଳକ ପରୀକ୍ଷା ପାଇଁ ୫,୯୨୩ ଛାତ୍ରଛାତ୍ରୀ ଫର୍ମଫିଲପ୍ କରିଛନ୍ତି। *(ପୃଷ୍ଠା ୭ରେ)*

# ପ୍ରେସ୍ କାଉନ୍‌ସିଲ ସଦସ୍ୟ ହେଲେ ସୁଧୀର କୁମାର ପଣ୍ଡା

**ନୂଆଦିଲ୍ଲୀ, ୩।୧୨**

'ପ୍ରତିଦିନ' ଖବର କାଗଜ ଓ 'ପ୍ରତିଦିନ' ଟିଭିର ସୁଧୀର କୁମାର ପଣ୍ଡା ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ଭାରତୀୟ ପ୍ରେସ୍ ପରିଷଦ) ସଦସ୍ୟ ମନୋନୀତ ହୋଇଛନ୍ତି । ଭାରତର ରାଜପତ୍ର (ଦି ଗେଜେଟ୍ ଅଫ୍ ଇଣ୍ଡିଆ)ରେ ପ୍ରକାଶିତ ଅଧିସୂଚନା ଅନୁଯାୟୀ, ଭାରତୀୟ ପ୍ରେସ୍ ପରିଷଦକୁ ମନୋନୀତ ହୋଇଥିବା ବ୍ୟକ୍ତି ତିନି ବର୍ଷ ଏହାର ସଦସ୍ୟ ରହିପାରିବେ । ଶିକ୍ଷା ଓ ବିଜ୍ଞାନ, ସାହିତ୍ୟ, ସଂସ୍କୃତି, ସମ୍ବାଦପତ୍ର ସହ ଜଡ଼ିତ ବ୍ୟକ୍ତି ଭାରତୀୟ ପ୍ରେସ୍ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଥାନ୍ତି।

ମନୋନୀତ ସଦସ୍ୟଙ୍କ ମଧ୍ୟରେ ରହିଛନ୍ତି ସୁଧୀର କୁମାର ପଣ୍ଡା (ପ୍ରତିଦିନ,



ଭୁବନେଶ୍ୱର, ଓଡ଼ିଶା), ଏମ୍ ଭି ଶ୍ରେୟାଂଶ କୁମାର (ମାତୃଭୂମି, କୋଝିକୋଡ଼, କେରଳ), ଗୁରିନ୍ଦର ସିଂହ (ଇଣ୍ଡିଆନ ଅବଜରଭର, ନୂଆଦିଲ୍ଲୀ), ଅରୁଣ କୁମାର ତ୍ରିପାଠୀ (ଜନ ଏକ୍ସପ୍ରେସ, ଲକ୍ଷ୍ନୌ, ଉତ୍ତର ପ୍ରଦେଶ), ଆରତୀ ତ୍ରିପାଠୀ (ଜୟ ପ୍ରଦେଶ, ଲକ୍ଷ୍ନୌ, ଉତ୍ତର ପ୍ରଦେଶ), ବ୍ରଜ ମୋହନ ଶର୍ମା (ଗୁଲାବୀ ହଲଚଲ, ଜୟପୁର)। ତିନି ଜଣ ସାଂସଦ ସମ୍ବିତ ପାତ୍ର (ଓଡ଼ିଶା), କାଳୀ ଚରଣ ମୁଣ୍ଡା (ଝାରଖଣ୍ଡ) ଏବଂ ନରେଶ ଗଣପତି ମହସ୍କେ (ମହାରାଷ୍ଟ୍ର) ମଧ୍ୟ ଏହାର ସଦସ୍ୟ ହୋଇଛନ୍ତି ।

ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ ଭାରତର ଏକ ବୈଧାନିକ ସଂସ୍ଥା । ୧୯୬୬ରେ ପ୍ରେସ୍ କାଉନ୍‌ସିଲ ଆକ୍ଟ ୧୯୬୫ ଅନୁଯାୟୀ ଏହା ଗଠିତ ହୋଇଥିଲା । ଗଣମାଧ୍ୟମ ପାଇଁ ଉତ୍ସର୍ଗୀକୃତ ବିଶ୍ୱର ପ୍ରଥମ ସଂସ୍ଥାଗୁଡ଼ିକ ମଧ୍ୟରେ ଏହା ଅନ୍ୟତମ । *(ପୃଷ୍ଠା ୭ରେ)*

## ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍ ବିଧାନସଭାରେ ପାରିତ

**ଭୁବନେଶ୍ୱର, ୩।୧୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ଦୃଢ଼ ପ୍ରତିବାଦ ଓ କକ୍ଷତ୍ୟାଗ ମଧ୍ୟରେ ବୁଧବାର ବିଧାନସଭାରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍ ୨୦୨୫ ପାରିତ ହୋଇଛି। ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା, ଜଙ୍ଗଲ ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଦ୍ୱାରା ଗୃହରେ ବିଚାର ଆଲୋଚନା ଓ ପାରିତ ପାଇଁ ଆଗତ ହୋଇଥିବା ଏହି ବିଲ୍‌କୁ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସ ଦୃଢ଼ ବିରୋଧ କରିଥିଲେ ଏବଂ ଏହାକୁ ଯାଞ୍ଚ କମିଟିକୁ ପଠାଇବା ପାଇଁ ବିଲ୍ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଚାଷୀ ସୁଖରେ ଜୀବନ ଜିଇଁବ
ଆୟହେବ ଦୁଇଗୁଣ
ମାସକୁ ବାର ହଜାରେ ପାଇବ
ଛତିଶି ଭିତରେ ଶୁଣ
ନେତାଙ୍କ ଏଇ ଭାଷଣ
ଚାଷୀ କୁଳେ ମୁଁହେ ହସ ଲେଖିଦେଲା
ପିଣ୍ଡରେ ପଶିଲା ପ୍ରାଣ।

# ସଙ୍କଟରେ ଶ୍ରୀଲଙ୍କା: ଅପରେସନ 'ସାଗର ବନ୍ଧୁ' ଜରିଆରେ ସଙ୍କଟମୋଚକ ସାଜିଲା ଭାରତ



**ନୂଆଦିଲ୍ଲୀ, ୩।୧୨**

ଶ୍ରୀଲଙ୍କାରେ ହାହାକାର । ଜଳ ପ୍ରଳୟ ପରେ ଜୀବନ ଯେମିତି ଆଉଟୁପାଉଟୁ ହେଉଛି। ଅନେକ ସ୍ଥାନରେ ଏବେବି ଜୀବନ ଜଳବନ୍ଦୀ । ବନ୍ୟାଜଳ କମିନଥିବାରୁ ଲୋକେ ନିଜ ଘରକୁ ଫେରି ପାରୁ ନାହାନ୍ତି । କିଛି ସ୍ଥାନରେ ଲୋକେ ଏବେବି ଫସି ରହିଛନ୍ତି । ଏମିତି ସଙ୍କଟ ସମୟରେ ଶ୍ରୀଲଙ୍କାକୁ ସହାୟତାର ହାତ ବଢାଇଛି ଭାରତ । ବିପତ୍ତି ବେଳେ ସାଜିଛି ବନ୍ଧୁ । ଅପରେସନ ସାଗର ବନ୍ଧୁ ଜରିଆରେ ଶ୍ରୀଲଙ୍କାରେ ସହାୟତା ଯୋଗାଇ ଚାଲିଛି ଭାରତ ।

ଶ୍ରୀଲଙ୍କାରେ ରେସ୍‌କ୍ୟୁ ଅପରେସନ ହେଉ କି ରିଲିଫ ଯୋଗାଣ, ମେଡିକାଲ ସେବା ହେଉ କି ଖାଦ୍ୟ ଯୋଗାଇ ଦେବା ଭଳି ଅନେକ କାମରେ ଗ୍ରାଉଣ୍ଡ ଜିରୋରେ ନିୟୋଜିତ ଅଛନ୍ତି ଭାରତୀୟ ଯବାନ । କେଉଁଠି ବନ୍ୟା ପରେ ଭୂସ୍ଖଳନ ଯୋଗୁଁ ମାଟି ତଳେ ଦବିଥିବା ଲୋକଙ୍କୁ ଉଦ୍ଧାର କରିବାରେ ଲାଗି ପଡିଛନ୍ତି ଯବାନ ତ ପୁଣି କେଉଁଠି ଭଙ୍ଗା ମାଟିଘରୁ ଜୀବନ ଉଦ୍ଧାରରେ ଲାଗିଛନ୍ତି।

ପାଣି ପାଟିରୁ ଜୀବନକୁ ଉଦ୍ଧାର କରିବାରେ ଲାଗିଛନ୍ତି ଏନଡିଆରଏଫ ଟିମ୍। ବନ୍ୟା ପାଇଁ ଦିନ ଦିନ ଧରି ଫସିଥିବା ଲୋକେ ଯବାନଙ୍କୁ ଦେଖି ନୂଆ ଆଶା ବାନ୍ଧୁଛନ୍ତି । କେଉଁଠି ଡଙ୍ଗା ଯୋଗେ, କେଉଁଠି ହେଲିକପ୍ଟର *(ପୃଷ୍ଠା ୭ରେ)*

# ଡଲାର ତୁଳନାରେ ୯୦ ଟପିଲା ଟଙ୍କା

**ମୁମ୍ବାଇ, ୩।୧୨**

ଭାରତୀୟ ଟଙ୍କା ବୁଧବାର ଆମେରିକୀୟ ଡଲାର ତୁଳନାରେ ପ୍ରଥମ ଥର ପାଇଁ ୯୦ ଟଙ୍କା ସ୍ତର ଅତିକ୍ରମ କରିଛି। ଟଙ୍କାର ମୂଲ୍ୟ ଖସିଯାଇ ଡଲାର୍ ପିଛା ରେକର୍ଡ ସର୍ବନିମ୍ନ ୯୦.୧୩ରେ ପହଞ୍ଚିଛି। ଏହା ପୂର୍ବରୁ ମଙ୍ଗଳବାର ଏହି ମୂଲ୍ୟ ୮୯.୯୪୭୫ ଥିଲା। ଅନିଶ୍ଚିତ ବାଣିଜ୍ୟ ଏବଂ ପୋର୍ଟଫୋଲିଓ ପ୍ରବାହ ସହିତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ବଢୁଥିବା ଦ୍ୱନ୍ଦ୍ୱ ଯୋଗୁଁ ଟଙ୍କା ଉପରେ ଚାପ ପଡ଼ିଥିଲା।

ଟଙ୍କାର ଏହି ତୀବ୍ର ହ୍ରାସ ଘରୋଇ ଶେୟାର ବଜାରକୁ ମଧ୍ୟ ପ୍ରଭାବିତ କରିଥିଲା। ନିବେଶକଙ୍କ ମଧ୍ୟରେ ସତର୍କତା ଭାବନା



ଦେଖାଦେବାରୁ ନିଫ୍ଟି ସୂଚକାଙ୍କ ୨୬,୦୦୦ ତଳକୁ ଖସି ଯାଇଥିଲା। ଦୁର୍ବଳ ମୁଦ୍ରା ମୁଦ୍ରାସ୍ଫୀତି ଓ ବିଦେଶୀ ନିବେଶକଙ୍କ କାର୍ଯ୍ୟକଳାପ ଉପରେ ଚିନ୍ତା ସୃଷ୍ଟି କରିବାରୁ ସେନସେକ୍ସ ଆରମ୍ଭ ବାଣିଜ୍ୟରେ ପ୍ରାୟ ୨୦୦ ପଏଣ୍ଟ ହ୍ରାସ ପାଇଥିଲା।

ବିଶ୍ଳେଷକମାନେ କହିଛନ୍ତି ଯେ ଭାରତ-ଆମେରିକା ବାଣିଜ୍ୟ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ଡିସେମ୍ବର ୨୦୨୫ ଗୁରୁବାର





# ହାତୀ ଆକ୍ରମଣରେ ଯୁବକର ମୃତ୍ୟୁ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଏକ ବଣୁଆ ହାତୀ ପାଦରେ ଦଳିଦେବାରୁ ଜଣେ ଯୁବକର ମୃତ୍ୟୁ ଘଟିବା ଭଳି ଦୁଃଖଦ ଘଟଣା ଘଟିଛି ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମହିସାଲଣ୍ଡା ପଞ୍ଚାୟତ ଅଧିନ ଗହଣ୍ଡା ଗ୍ରାମରେ । ପ୍ରକାଶଯେ ଆଦିବାସୀ ଅଧ୍ୟୁସିତ ଗହଣ୍ଡା ଗ୍ରାମର ମହେଶ୍ୱର ଦେହୁରୀ (୩୫) ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ଘର ଠାରୁ କିଛି ଦୂରରେ ଥିବା ଏକ ପୋଖରୀ ନିକଟକୁ ଶୌଚ ହେବାକୁ ଯାଇଥିବାବେଳେ ଏକ ବଣୁଆ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ହାତୀଟି ହଠାତ୍ ଝପଟିଆସି ତାଙ୍କୁ ପାଦରେ ଦଳିଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ପରିବାର ଲୋକେ ତାଙ୍କ ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିବା ଜଣାପଡ଼ିଛି । ଖବରପାଇ ମଙ୍ଗରାଜପୁର ବନପାଳ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟଯେ ଉକ୍ତ ବଣୁଆ ହାତୀଟି ଗତ କିଛିଦିନ ହେଲା ଉକ୍ତ ଅଞ୍ଚଳରେ ବୁଲୁଥିବା ଓ ଲୋକଙ୍କ ବାଡ଼ି ଘରରେ ପଶି ଫସଲ ଖାଇଦେଉଥିବା ଲୋକମାନେ ବନ ବିଭାଗ ପାଖରେ ଅଭିଯୋଗ କରି ହାତୀଟିକୁ ଘଉଡ଼େଇବା ପାଇଁ ଅନୁରୋଧ କରିଥିଲେ ହେଁ ବନ ବିଭାଗ ତରଫରୁ ହାତୀଟିର ଗତିବିଧିକୁ ଜଗିବା, କିମ୍ବା ଘଉଡ଼େଇବା କିମ୍ବା ଏ ଦିଗରେ କୌଣସି ପଦକ୍ଷେପ ନିଆନଯିବା ଫଳରେ ହାତୀ ପାଦ ତଳେ ଜଣେ ଆଦିବାସୀ ଯୁବକର ପ୍ରାଣ ଚାଲିଗଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଗରିବ ମହେଶ୍ୱରଙ୍କ ପରିବାରକୁ ଉଚିତ୍ କ୍ଷତି ପୂରଣ ପ୍ରଦାନ ପାଇଁ ଦାବି ହେଉଛି ।

# ଓଡ଼ିଶାରେ ପ୍ରଥମ:ଦ.ଆଫ୍ରିକାରୁ ନନ୍ଦନକାନନକୁ ଆସିବ ଚିତାବାଘ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ମାଟିରେ ଦୌଡ଼ିବ ଆଫ୍ରିକା ଚିତା। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଦେଖିବାକୁ ମିଳିବ ଚିତା ବାଘ। ନନ୍ଦନକାନନର ଖୁଆଡ଼ ମଧ୍ୟରେ ପର୍ଯ୍ୟଟକମାନେ ଚିତା ଦେଖିବାର ସୁଯୋଗ ପାଇବେ । ଏହାର ମଜା ଉଠାଇ ପାରିବେ। ପୂର୍ବରୁ ଭାରତରେ ଚିତା ରହିଥିଲେ। ହେଲେ ଅବାଧ ଶୀକାର ଓ ସମୟ କ୍ରମେ ଧୀରେ ଧୀରେ ସଂଖ୍ୟା ହ୍ରାସ ପାଇ ଭାରତରୁ ଚିତା ବଂଶ ଲୋପ ପାଇଯାଇଛି। ଭାରତରେ ପୁଣି ଚିତା ବଂଶ ବୃଦ୍ଧି ତଥା ଭାରତରେ ଚିତାଙ୍କ ଉପସ୍ଥିତି ଜାହିର କରିବା ପାଇଁ 'ପ୍ରୋଜେକ୍ଟ ଚିତା' ମାଧ୍ୟମରେ ପ୍ରଥମ ଥର ୨୦୨୨ ମସିହା ସେପ୍ଟେମ୍ବର ୧୭ ତାରିଖରେ ଭାରତ ଆସିଥିଲା ଚିତା। ନାମିବିଆରୁ ପ୍ରଥମ ପର୍ଯ୍ୟାୟରେ ୮ଟି ଚିତା ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଥିଲା। ପରବର୍ତ୍ତୀ ସମୟରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୩ ମସିହା ଫେବୃୟାରୀ ମାସରେ ଦକ୍ଷିଣ ଆଫ୍ରିକାରୁ ୧୨ଟି ଚିତା ଭାରତକୁ ଅଣାଯାଇଥିଲା। ଜାତୀୟ ଉଦ୍ୟାନ ଭାବରେ ଭାରତକୁ ପ୍ରଥମ ଥର ଚିତା ଆସିଥିଲା। ହେଲେ ଚିଡ଼ିଆଖାନା କ୍ଷେତ୍ରରେ ଓଡ଼ିଶା ତଥା ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ପ୍ରଥମ ଥର ଚିତା ଆସିବାକୁ ଯାଉଛି। ଲୋକଙ୍କ ମନରେ ଯେଉଁ ଉତ୍ସାହ ରହିଛି ଯେ ଚିତା ବାଘ ଦେଖିବେ ଏବଂ ଚିତା ଦୌଡ଼ିବା ମଧ୍ୟ ଦେଖିବାକୁ ପାଇବେ। ଚିତା ସାଧାରଣତଃ ଆଫ୍ରିକାର ତୃଣଭୋଜି ଅଞ୍ଚଳରେ ବସବାସ କରନ୍ତି। ଏମାନେ ଅନ୍ୟ ବାଘ ତୁଳନାରେ ଛୋଟ ହୋଇଥାନ୍ତି। ଚିତା ବାଘଙ୍କ ଦୌଡ଼ିବା ଗତି ସର୍ବାଧିକ ୧୦୩ କିମି ପର୍ଯ୍ୟନ୍ତ ହୋଇଥାଏ। ଯାହା ଅନ୍ୟ କୌଣସି ଜୀବଜନ୍ତୁ ତୁଳନାରେ ସର୍ବାଧିକ। ତେବେ ନନ୍ଦନକାନନକୁ ଚିତା ଆସିବା ପାଇଁ କର୍ତ୍ତୃପକ୍ଷ ସମସ୍ତ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ଏଥିପାଇଁ ଖୁଆଡ଼ ନିର୍ମାଣ ମଧ୍ୟ ଚାଲିଛି। ଆସନ୍ତା ବର୍ଷ ମେ ମାସ ସୁଦ୍ଧା ଖୁଆଡ଼ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସୂଚନା। ଖୁଆଡ଼ ନିର୍ମାଣ ପରେ ଆଫ୍ରିକାରୁ ଚିତା ନନ୍ଦନକାନନ ଆସିବେ। ତେବେ ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି ଯେ ବହୁତ ଶୀଘ୍ର ଚିତା ନନ୍ଦନକାନନ ଆସିବେ। ଫଳରେ ପର୍ଯ୍ୟଟକ ଚିତା ଦେଖିବାକୁ ପାଇବେ ଓ ଏହାର ଭରପୂର ମଜା ଉଠାଇପାରିବେ।

# ମା' ତାରାତାରିଣୀ ମନ୍ଦିରରେ ବିଦ୍ୟୁତ୍ ବିଭ୍ରାଟ:ଭକ୍ତଙ୍କ ଅସନ୍ତୋଷ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ ଅନ୍ଧାରରେ ପୂଜା ପାଉଥିବା ଅଭିଯୋଗ ହୋଇଛି । ମା'ଙ୍କ ମନ୍ଦିର ବେଢ଼ା ଓ ଗର୍ଭଗୃହରେ ୩ ଦିନ ହେଲା ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି । ବର୍ତ୍ତମାନ ପର୍ଯ୍ୟଟନ ଋତୁ ଥିବାବେଳେ ପ୍ରତିଦିନ ଶହ ଶହ ଭକ୍ତଙ୍କ ଭିଡ଼ ଲାଗୁଛି । କିନ୍ତୁ ସନ୍ଧ୍ୟା ହେଲେ ମା'ଙ୍କ ମନ୍ଦିର ଅନ୍ଧକାରମୟ ହୋଇପଡୁଥିବାରୁ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଦୁଇଦିନି ହେଲା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଥିବା ବେଳେ ସେଠାରେ ଲାଗିଥିବା ସୋଲାର ପ୍ୟାନେଲ୍ ମଧ୍ୟ କାମ କରୁନଥିବା ଜଣାପଡ଼ିଛି । ସନ୍ଧ୍ୟାରେ ମନ୍ଦିର ଭିତରେ ଆଲୁଅ ନଥିବାରୁ ଭକ୍ତମାନେ ନିଜ ନିଜ ମୋବାଇଲ୍ ଟର୍ଚ୍ଚ ପକାଇ ମା'ଙ୍କୁ ଦର୍ଶନ କରୁଛନ୍ତି । ତିନି ଦିନ ହେଲା ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି । ମା'ଙ୍କ ମନ୍ଦିର ପରିସର ଅନ୍ଧକାରକୁ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଇତି ମଧ୍ୟରେ ମନ୍ଦିରରେ ଆଲୁଅନଥିବା ଘଟଣାକୁ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ଖଣ୍ଡନ କରିଛନ୍ତି । ମନ୍ଦିର ଗର୍ଭଗୃହ ଭିତରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ରହିଛି । ଏହା ସହିତ ଫୁଲ ରଖିବା ପାଇଁ ଏକ ଫ୍ରିଜ୍ ରହିଥିବାରୁ ଏହା ଚାଲୁ ହେଲେ ବେଳେ ବେଳେ ବିଦ୍ୟୁତ୍ କଟିଯାଉଛି । ସନ୍ଧ୍ୟା ବେଳେ ଏଭଳି ଟ୍ରିପ୍ ହୋଇଥିଲା । କିଛି ସମୟ ପାଇଁ ବିଦ୍ୟୁତ୍ କଟିଯାଇଥିଲା । ମନ୍ଦିର ବେଢ଼ାରେ ଆଲୁଅ ବ୍ୟବସ୍ଥା ଠିକ୍ ଠାକ୍ ରହିଥିବା ଶ୍ରୀ ବେହେରା କହିଛନ୍ତି । ଇତି ମଧ୍ୟରେ ମନ୍ଦିର ବେଢ଼ାରେ ଆଲୁଅ ବ୍ୟବସ୍ଥା ତଦାରଖ ପାଇଁ ତହସିଲଦାର, ବିଦ୍ୟୁତ୍ ବିଭାଗ ଓ ପୋଲିସ ଅଧିକାରୀ ତାରାତାରିଣୀ ମନ୍ଦିରରେ ପହଞ୍ଚିଛନ୍ତି । ମନ୍ଦିରରେ ଥିବା ସୋଲାର ପ୍ୟାନେଲ୍‌କୁ ମଧ୍ୟ ବଦଳାଯିବ ବୋଲି ସୂଚନା ମିଳିଛି ।

# ମନରେଗା ସଚେତନତା ପାଇଁ ଗାଁ ଗାଁ ବୁଲୁଛନ୍ତି ବିଡ଼ିଓ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ତାଳପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମରେ ବିଡିଓ ଲକ୍ଷ୍ମଣ ମାଝୀଙ୍କ ସଭାପତିତ୍ୱରେ ମନରେଗା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଦାଦନ ପ୍ରବଣ ବ୍ଲକ ପାଇଁ ମନରେଗା ଯୋଜନାରେ ରାଜ୍ୟ ସରକାର ୧୦୦ ଦିନରୁ ୩୦୦ ଦିନକୁ ବୃଦ୍ଧି କରିବା ସହ ୯୮ ଟଙ୍କା ବର୍ଦ୍ଧିତ ମଜୁରୀ ଦେବା ପାଇଁ ଘୋଷଣା କରିଛନ୍ତି । ଯାହାଫଳରେ ଲୋକେ ବାହାର ରାଜ୍ୟକୁ କାମ କରିବା ପାଇଁ ନଯାଇ ନିଜ ଭିଟାମାଟିରେ ରହି ବର୍ଷକୁ ୩୦୦ ଦିନ କାମ ପାଇପାରିବେ । ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ଏହି ବଳିଷ୍ଠ ପଦକ୍ଷେପକୁ ଗାଁ ଗାଁରେ ପହଞ୍ଚାଇବା ପାଇଁ ବିଡିଓ ଶ୍ରୀ ମାଝୀ ଅଣ୍ଟା ଭିଡିଛନ୍ତି । ଏହା ସହିତ ବ୍ୟକ୍ତିଗତ ସ୍ତରରେ ଲୋକମାନଙ୍କୁ ଖୁବ୍‌ଶୀଘ୍ର ଗାଈ ଗୁହାଳ, ଛେଳି ଗୁହାଳ, ଫାର୍ମ ପଣ୍ଡ, ଜମି ମରାମତି ଆଦି କାମ ଆବଶ୍ୟକ ଅନୁଯାୟୀ ୱାର୍କ କୋଡ ଖୋଲି ଜିଲ୍ଲାସ୍ତରରୁ ୧୫ ଦିନ ଭିତରେ ଅନୁମୋଦନ କରାଇ କାମ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେବା ସହ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ ଏବଂ ମନରେଗା ଯୋଜନାରେ ଦୈନିକ ବହୁ ସଂଖ୍ୟାରେ ଶ୍ରମିକ ନିୟୋଜିତ କରିବା ପାଇଁ ଅନୁରୋଧ କରିଥିଲେ । ପ୍ରତି ଶ୍ରମିକ ପରିବାରଙ୍କୁ ୩୦୦ ଦିନ ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ଅନ୍ୟାନ୍ୟ ସରକାରୀ ଯୋଜନା ଯୋଗାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନଯିବା ପାଇଁ ସମସ୍ତେ ପଣ କରନ୍ତୁ ବୋଲି ବିଡିଓ ମହାଶୟ ଲୋକମାନଙ୍କୁ ସଚେତନ କରିଥିଲେ । ସମସ୍ତ ହିତାଧିକାରୀ ମାନଙ୍କ ଜବ୍ କାର୍ଡ, ଆଧାରକାର୍ଡ, ନକ୍ସା ଓ ପଟ୍ଟା ପ୍ରସ୍ତୁତ କରି ୱାର୍କ କୋଡ ଖୋଲିବା ପାଇଁ ସ୍ଥାନୀୟ ପି.ଇ.ଓ ଏବଂ ଏ.ଡି.ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଡିଓ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ନୀଳମଣି ବରିହା, ଏ.ପି.ଓ କେତନ ପଧାନ, ବି.ପି.ସି ଅଭୟ ପଧାନ, ସରପଞ୍ଚ ସଞ୍ଜୀବ କୁମାର ସାହୁ, ସମିତି ସଭ୍ୟା ମିନତୀ ମାଝୀ, ପି.ଇ.ଓ ଡିଲେଶ୍ୱର ସାହୁ, ଏ.ଡି.ଓ ବାସୁଦେବ ପଧାନ, ମେଟ୍ ଖୁସିନ୍ଦ୍ର ସାହୁ, କଳ୍ପନା ବରିହା ପ୍ରମୁଖ ଯୋଗ ଦେଇଥିବା ବେଳେ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ହିନ୍ଦୁ ଦେବାଦେବୀଙ୍କ ଅଶ୍ଳୀଳ ଇଙ୍ଗିତ ଭିଡ଼ିଓ ଭାଇରାଲ୍:ଥାନାରେ ଏତଲା

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ରାଷ୍ଟ୍ର ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ଏଠାରେ ସବୁ ଧର୍ମର ଦେବା ଦେବୀଙ୍କ ପ୍ରତି ଯଥେଷ୍ଟ ସମ୍ମାନ ରହିଛି । କିନ୍ତୁ ଆମ ରାଜ୍ୟରେ ବହୁବାର ନିର୍ଦ୍ଦିଷ୍ଟ ଭାବେ ହିନ୍ଦୁ ସମ୍ପ୍ରଦାୟର ଦେବା ଦେବୀଙ୍କ ପ୍ରତି ଅସମ୍ମାନ କରାଯାଉଥିବା ବାରମ୍ବାର ଦେଖିବାକୁ ମିଳୁଛି । ରାୟଗଡା ଜିଲ୍ଲା ସଦର ମହକୁମା ସ୍ଥିତ ଗାୟତ୍ରୀ ମନ୍ଦିର ନିକଟସ୍ଥ ମହାଦେବ ମନ୍ଦିରରେ ହିନ୍ଦୁ ଦେବତାଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶିତ ଭିଡ଼ିଓ ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ଦେଖି ହିନ୍ଦୁ ସମ୍ପ୍ରଦାୟ ବିଚଳିତ ହୋଇପଡିଛି । ଏପରି ଏକ ଅଭାବନୀୟ ଘଟଣା ରାୟଗଡାରେ ଦେଖିବାକୁ ମିଳିଛି । ଲଣ୍ଡା ପାହାଡ଼ ସ୍ଥିତ ଦେବାଧିଦେବ ମହାଦେବଙ୍କୁ ପ୍ରତି ଅଶ୍ଳୀଳ ଇଙ୍ଗିତ କରିବା ଭିଡ଼ିଓ ସୋସିଆଲ ମିଡିଆରେ ଭାଇରଲ୍ କରୁଥିବା ଅଭିଯୋଗରେ ରାୟଗଡା ବଜରଙ୍ଗ ଦଳ ପକ୍ଷରୁ ଏକ ଲିଖିତ ଏତଲା ପ୍ରଦାନ କରାଯାଇଛି । ଏତଲାରେ ସଲମନ ଦିବାକା ନାମକ ଜଣେ ଯୁବକ ତାହାର ସାଙ୍ଗ ସାଥୀଙ୍କ ସହ ମିଶି ମହାଦେବଙ୍କୁ ଅଶ୍ଳୀଳ ଇଂଗିତ କରି ରିଲ୍ ବନାଇ ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରିଥିବା ନେଇ ଉଲ୍ଲେଖ କରାଯାଇଛି । ଯାହାକି ହିନ୍ଦୁ ଧର୍ମକୁ ଅପମାନ ଦେବା ସହ ଲୋକଙ୍କ ଭାବନାରେ ଆଘାତ ପହଞ୍ଚାଇଥିବା ଏତଲାରେ ଦର୍ଶାଯାଇଛି । ତୁରନ୍ତ ଉକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଗତ କିଛି ଦିନ ତଳେ ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଜବାଗୁଡା ଗ୍ରାମର ସଲମନ ଦିବାକା ନାମକ ଜଣେ ଯୁବକ ତାଙ୍କ ସାଥୀମାନଙ୍କ ସହ ରାୟଗଡା ସହର ଗାୟତ୍ରୀନଗର ନିକଟ ପ୍ରେମ ପାହାଡ଼ରେ ଥିବା ମହାକାଳେଶ୍ୱରଙ୍କ ପ୍ରତିମୂର୍ତ୍ତିକୁ ଅଶ୍ଳୀଳ ଇଙ୍ଗିତ କରି ଭିଡ଼ିଓ ବନାଇବା ସହ ତାହାକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରଲ୍ କରିଥିବା ନେଇ ବଜରଙ୍ଗ ଦଳ ଅଭିଯୋଗ କରିଛି । ଯାହାକି ହିନ୍ଦୁ ଧର୍ମାବିଲମ୍ବିଙ୍କୁ ଶକ୍ତ ଆଘାତ ପହଞ୍ଚାଇଛି । ରାୟଗଡା ଭଳି ଶାନ୍ତ ପ୍ରିୟ ଜିଲ୍ଲାକୁ ଅଶାନ୍ତ ଓ ଦଙ୍ଗା ସୃଷ୍ଟି କରିବା ଭଳି ପରିସ୍ଥିତି ଉପୁଜାଇବା ଉଦ୍ଦେଶ୍ୟରେ ଜାଣିଶୁଣି ଏହିଭଳି କାଣ୍ଡ ଭିଆଇଥିବା ଦଳ ଅଭିଯୋଗ କରିଛି । ତୁରନ୍ତ ଉକ୍ତ ଘଟଣାରେ ସାମିଲ୍ ଥିବା ସମସ୍ତଙ୍କୁ ଗିରଫ କରିବା ପାଇଁ ରାୟଗଡା ଥାନାରେ ଏତଲା ଦେଇ ଦାବି କରିଛି ବଜରଙ୍ଗ ଦଳ । ଯଦି ଏଥିରେ ଅବହେଳା ହୁଏ ତେବେ ବଜରଙ୍ଗ ଦଳ ଜୋରଦାର୍ ଆନ୍ଦୋଳନ କରିବା ନେଇ ଗଣମାଧ୍ୟମକୁ ଚେତାବନୀ ଦେଇଛି । ରାୟଗଡା ବଜରଙ୍ଗ ଦଳ ସହ ସଂଯୋଜକ ଶସ୍ୟ ଜ୍ୟୋତ ବେହେରା, ବିଶ୍ୱହିନ୍ଦୁ ପରିଷଦର ଉପସଭାପତି ଆନନ୍ଦ ରାଓ, ସମ୍ପାଦକ କୁନା ରମେଶ, ସହ ସମ୍ପାଦକ ଗୋପୀ ବ୍ରହ୍ମା, ନଗର ବଜରଙ୍ଗ ଦଳ ସଂଯୋଜକ ଶଙ୍କର ବେହେରା, ବ୍ଲକ ସଂଯୋଜକ ଅଜୟ ଆସରାନୀ, ସହସଂଯୋଜକ ବିଜୟ ଚୂଳେଟ, ବିଭାଗ ସଂଯୋଜକ ଇଂ ଶକ୍ତିଧରନ, କାର୍ଯ୍ୟକର୍ତ୍ତା ମାନସ ଦାଶ ଓ ବିଶ୍ୱହିନ୍ଦୁ ପରିଷଦ ବିଧି ପ୍ରମୁଖ ଆଇନଜୀବୀ ଅରୁଣ ଲେଙ୍କା ପ୍ରମୁଖ ଥାନାରେ ଉପସ୍ଥିତ ରହି ଏତଲା ଦେଇଥିଲେ ।

# ଡିସେମ୍ବର ୭ରେ ଲୋକାର୍ପଣ ହେବ କିମ୍ସ-ଶୁଭ୍ରା ରୁରାଲ୍ ହସ୍ପିଟାଲ୍



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କଞ୍ଚଳ ଗ୍ରାମ ଠାରେ ନିର୍ମିତ କିମ୍ସ-ଶୁଭ୍ରା ରୁରାଲ୍ ହସ୍ପିଟାଲ୍ ଡିସେମ୍ବର ୭ରେ ଲୋକାର୍ପଣ ହେବ। ଏନେଇ ଆହୁତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଗୁଜୁରାଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍ ଏବଂ ଓଡ଼ିଶା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାକୁ ଏକ ନୂତନ ସୋପାନରେ ପହଞ୍ଚାଇ କିମ୍ସ ମିଳିତ ସହଭାଗିତାରେ ବେତନଟୀ ଥାନା ଖଡିଶୋଳ ପଞ୍ଚାୟତ ଅଧୀନ କଞ୍ଚଳ ଠାରେ ରୁରାଲ୍ ହସ୍ପିଟାଲ୍ ଆରମ୍ଭ ହେବାକୁଯାଉଛି। ଭାରତର ପୂର୍ବତନ ସିଏଜି ତଥା ଜମ୍ମୁ-କାଶ୍ମୀରର ପ୍ରଥମ ଉପରାଜ୍ୟପାଳ ବରିଷ୍ଠ ଆଇଏଏସ୍ ଅଧିକାରୀ ଗିରିଶଚନ୍ଦ୍ର ମୁର୍ମୁ ନିଜର ଧର୍ମପତ୍ନୀ ତଥା ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ସ୍ମିତା ମୁର୍ମୁ ଏବଂ କିମ୍ସ ଓ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ପ୍ରମୁଖ ଆସନ୍ତା ୭ ତାରିଖରେ ଲୋକାର୍ପଣ କରିବେ। ଗ୍ରାମାଞ୍ଚଳ ଡାକ୍ତରଖାନା ପରିସରରେ କିମ୍ସ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଥିଲା। ପୂର୍ବତନ ସିଏଜି ଗିରିଶଚନ୍ଦ୍ର ମୁର୍ମୁଙ୍କ ସାନ ଭାଇ ଦିଲ୍ଲୀପ ମୁର୍ମୁଙ୍କ ସଂଯୋଜନାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବାରିପଦା ବାଙ୍କିଶୋଳ ସ୍ଥିତ କିସ୍ ଅନୁଷ୍ଠାନର ଅତିରିକ୍ତ ନୋଡାଲ୍ ଅଧିକାରୀ ଜାଗ୍ରତ ସାହୁ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରସ୍ତୁତି ବୈଠକରେ କିମ୍ସ ପକ୍ଷରୁ ଡେପୁଟି ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଡ. ହରିଶ ଚୌଧୁରୀ, ଉନ୍ନୟନ ଅଧିକାରୀ ଦିଲ୍ଲୀପ ଜେନା, ବାୟୋ ମେଡିକାଲ୍ ବିଭାଗ ମୁଖ୍ୟ ଅକ୍ଷୟ ପାଇଁ, କଳିଙ୍ଗ ଟିଭି ମୟୂରଭଞ୍ଜ ବ୍ୟୁରୋ ହେଡ ସତ୍ୟଜିତ ସୋମ୍ ପ୍ରମୁଖ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। କଞ୍ଚଳ ପୂର୍ବତନ ସିଏଜି ଗିରିଶଚନ୍ଦ୍ର ମୁର୍ମୁଙ୍କ ପୈତୃକ ଗ୍ରାମ ହୋଇଥିବା ବେଳେ ଉନ୍ନତ ଚିକିତ୍ସା ସେବାରୁ ବଞ୍ଚିତ ହୋଇ ରହୁଥିବା ହଜାର ହଜାର ଲୋକଙ୍କ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଳ ଭଳି ଗ୍ରାମାଞ୍ଚଳରେ ହସ୍ପିଟାଲ୍‌ର ପ୍ରତିଷ୍ଠା କରାଯାଇଛି। ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ସ୍ମିତା ମୁର୍ମୁ ରହିଥିବା ବେଳେ ଏହି ଡାକ୍ତରଖାନା ପାଇଁ ଫାଉଣ୍ଡେସନ୍ ପକ୍ଷରୁ ଏହି ରୁରାଲ୍ ହସ୍ପିଟାଲ୍ ପାଇଁ ସମସ୍ତ ପ୍ରକାର ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। କିମ୍ସ-ଶୁଭ୍ରା ରୁରାଲ୍ ହସ୍ପିଟାଲ୍ ଉଦ୍‌ଘାଟନ ଅବସରରେ ଆସନ୍ତା ୭ ତାରିଖରେ ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବା ନେଇ ସ୍ଥିରିକୃତ ହୋଇଛି। ବିଭିନ୍ନ ପଞ୍ଚାୟତ ସରପଞ୍ଚ, ପୂର୍ବତନ ସରପଞ୍ଚ, ଶିକ୍ଷାବିତ୍ ତଥା ଅଞ୍ଚଳବାସୀଙ୍କ ମତାମତକୁ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ରୁରାଲ୍ ହସ୍ପିଟାଲ୍ ଉଦ୍‌ଘାଟନ ଦିନ ହେବାକୁଥିବା ମେଗା ସ୍ୱାସ୍ଥ୍ୟ ଶିବିରରେ ଭେଷଜ, ଅସ୍ଥିଶଲ୍ୟ, ନାସା, ଆଖି, ଗ୍ୟାସ୍ଟ୍ରୋଏଣ୍ଟୋଲୋଜି, ସ୍ତ୍ରୀ ଓ ପ୍ରସୂତୀ, ଶିଶୁରୋଗ ବିଶେଷଜ୍ଞ ସମେତ ବିଭିନ୍ନ ବିଭାଗର ବିଶେଷଜ୍ଞ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରୁରାଲ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ ପରେ ବାରିପଦା ସଦର, ମୋରଡା, ବେତନଟୀ ଏବଂ ବଡସାହି ବ୍ଲକ ଅଧୀନ ଆଖ ପାଖ ବିଭିନ୍ନ ପଞ୍ଚାୟତରେ ବସବାସ କରୁଥିବା ହଜାର ହଜାର ଅଞ୍ଚଳବାସୀ ହାତପାହାନ୍ତାରେ ବିନା ମୂଲ୍ୟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ।




# ୫ ସ୍କୁଲ୍‌ର ଶିକ୍ଷକମାନଙ୍କ ନଭେମ୍ବର ମାସର ଦରମା ବନ୍ଦ

**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କ ବିଭିନ୍ନ ଯୋଜନା ଶିକ୍ଷାର ବିକାଶ ଓ ପିଲାଙ୍କୁ ଆକୃଷ୍ଟ କରିବା ସକାଶେ କରାଯାଇଛି ସେଥିମଧ୍ୟରୁ ମଧ୍ୟାହ୍ନ ଭୋଜନ ଅନ୍ୟତମ ଏବଂ ଗୁରୁତ୍ୱ ପୂର୍ଣ୍ଣ ହେଲେ ଗତ ନଭେମ୍ବର ମାସର ପିଲାଙ୍କ ଖାଇବା ସଂଖ୍ୟା କେତେ ପ୍ରତ୍ୟେକ ଦିନ ଏସ୍‌ଏମ୍‌ଏସ୍ ମାଧ୍ୟରେ ଜଣାଇବା କଥା ହେଲେ ତାହା ଗୁଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ୫ ଗୋଟି ସ୍କୁଲରେ ଯଥା- ଅଞ୍ଜରା ସିଙ୍ଗି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ରଇତ, ଭାରସିଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ଚନ୍ଦ୍ର ପଣ୍ଡା ସେହିଭଳି ଅନ୍ୟ ତିନିଗୋଟି ଶିକ୍ଷକ ଜଳତାର ସ୍କୁଲର ଶିକ୍ଷୟିତ୍ରୀ ଶୁଭାରାଣି ଓ ଲବା ସ୍କୁଲର ଶିକ୍ଷକ ନାରାୟଣ ଇଞ୍ଜିରିପୁ ଏବଂ ସନ୍ୟାସିପୁର ସ୍କୁଲର ଶିକ୍ଷକ ଜୟଚନ୍ଦ୍ର ପୁରୁଷୋତ୍ତମଙ୍କୁ କାରଣ ଦର୍ଶାଅ ନୋଟିସ୍ ଗତ ୧୮-୧୧-୨୦୦୫ରେ ପତ୍ର ସଂଖ୍ୟା, ୨୦୫୧/୨୦୭୫ ଚିଠି କରିଥିଲେ । ହେଲେ ତାର ପ୍ରତି ଉତ୍ତର ପତ୍ର ମାଧ୍ୟମରେ ଦେଇନଥିଲେ । ୫ ଜଣ ଶିକ୍ଷକ ଏହି କାରଣରୁ ଗୋଟିଏ ମାସର ଦରମା ବନ୍ଦ କରିଥିବାର ଚିଠି ମାଧ୍ୟମରେ ଜାରି କରାଯାଇଛି ବୋଲି ଗୁଣପୁର ଗୋଷ୍ଠୀ ଶିକ୍ଷା ଭାରପ୍ରାପ୍ତ ଅଧିକାରୀ ହେମନ୍ତ ବୋରିଆ ଜଣାଇଛନ୍ତି ।

# ଆର୍‌ଏସ୍‌ପିର ସମ୍ପ୍ରସାରଣ ନେଇ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ଗତ ୨ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦିନ ରାଉରକେଲା ଗସ୍ତରେ ଆସି ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଓ ବିସ୍ଥାପିତଙ୍କ ଥଇଥାନ, କ୍ଷତିପୂରଣ ସମ୍ପର୍କରେ ପ୍ରଶାସନ ଓ ଆର୍‌ଏସ୍‌ପି ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଛନ୍ତି । ପ୍ରଶାସନ ପକ୍ଷରୁ ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ଡିଆଇସି ଆର୍‌ଏସ୍‌ପି ଆଲୋକ ବର୍ମା। ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ କି କି ପଦକ୍ଷେପ ନିଆଯାଉଛି ସେ ବିଷୟରେ ଅବଗତ କରାଇଥିଲେ । ବୈଠକରେ ସେ କହିଛନ୍ତି ଯେ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣରେ ବିସ୍ଥାପିତଙ୍କର ସ୍ଥାନାନ୍ତରଣ ଓ ଥଇଥାନ ପ୍ରକ୍ରିୟା ଏକ ମାନବୀୟ ପ୍ରକ୍ରିୟା । ଏହି ପ୍ରକ୍ରିୟାରେ ଲୋକମାନେ ନିଜର ପୂର୍ବ ପୁରୁଷଙ୍କ ଜମି ହରାଉଛନ୍ତି । ସେଥିପାଇଁ ସରକାର ତାଙ୍କ ପ୍ରତି ସମ୍ବେଦନଶୀଳ । ଏଥିପାଇଁ ରାଜ୍ୟ ସରକାର ନୂଆ R&R Policy ୨୦୨୫ ଆଣିବାକୁ ଯାଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ବୈଠକରେ ସେ ପ୍ରଶାସନ ଓ ଆର୍‌ଏସ୍‌ପି ଉଭୟ ପକ୍ଷ ସମ୍ପ୍ରସାରଣ ଓ ଥଇଥାନ ପାଇଁ ନିଜନିଜର ଆବଶ୍ୟକତା ବିଷୟରେ ଚଳିତ ଡିସେମ୍ବର ମାସ ଶେଷ ସୁଦ୍ଧା ଏକ ସୂଚି ପ୍ରସ୍ତୁତ କରବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚି ପ୍ରସ୍ତୁତ କଲାପରେ ଜାନୁଆରୀ ମାସରେ ଭୁବନେଶ୍ୱରରେ ଏହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରର ଆବଶ୍ୟକ ବିଭାଗ ସହିତ ବୈଠକ କରିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ଏହି ବୈଠକରେ ପ୍ରଶାସନ ଓ ଆର୍‌ଏସ୍‌ପି ପକ୍ଷରୁ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଜମିରେ ଜବରଦଖଲକାରୀଙ୍କ ସ୍ଥାନାନ୍ତରଣ, ବିସ୍ଥାପିତଙ୍କ ଥଇଥାନ ଶାନ୍ତିପୂର୍ଣ୍ଣ ଭାବରେ କିପରି କରାଯାଇପାରିବ ସେ ଦିଗରେ ଆଲୋଚନା କରାଯାଇଥିଲା । ବୈଠକରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଅତିରିକ୍ତ ଜିଲ୍ଲାପାଳ ରାଉରକେଲା ଦୀନା ଦସ୍ତଗୀର, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଆର୍‌ଏସ୍‌ପି ପକ୍ଷରୁ ଜେନେରାଲ୍ ମ୍ୟାନେଜର ବିଭାବାସୁ ମଲିକ, ଡେପୁଟି ଜେନେରାଲ୍ ମ୍ୟାନେଜର ସୁଧାଂଶୁ ମହାପାତ୍ର, ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୪।୧୨।୨୦୨୫, ମାର୍ଗଶିର ଦି୧୯ନ, ଗୁରୁବାର**
**ସୂର୍ଯ୍ୟୋଦୟ-** ଘ୬।୦୬।୫୨ **ଚନ୍ଦ୍ରୋଦୟ-** ଦିଘ୪।୨୨।୦୬
**ଚତୁର୍ଦ୍ଦଶୀ-** ଦିଘ୮।୩୮ପର୍ଯ୍ୟନ୍ତ । ପୂର୍ଣ୍ଣିମା ନିଘ ୪।୪୪ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର-** ଦିଘ ୨।୫୪ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୮।୩୮ ପରେ ଆମିଷ ନିଘ ୪।୪୪ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୭।୩୭ ମଧ୍ୟେ । ଦିଘ ୧।୨୬ ଗତେ ଘ ୨।୫୩ ମଧ୍ୟେ। **ପର୍ବୋତ୍ସବ-** ପଣ୍ଡୁ ପୂର୍ଣ୍ଣିମା, ଦତ୍ତାତ୍ରେୟ ଜୟନ୍ତୀ, ଭାରତୀୟ ନୌସେନା ଦିବସ।

**ମେଷ:** ବ୍ୟାକୁଳିତ ହେବେ। ତଥାପି କୌଣସି କାର୍ଯ୍ୟ କରିବା କଷ୍ଟସାଧ। ପରିବାରରେ ଅଯଥା ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଦୂରଯାତ୍ରା କରିପାରନ୍ତି।

**ବୃଷ:** ପର ଉପକାର କରି ଆନନ୍ଦିତ ଅନୁଭବ କରିବେ। ବହୁ ଜନ ପ୍ରଶଂସିତ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। କୌଣସି ନୂତନ କାର୍ଯ୍ୟରେ ମନ ନିବେଶ କରିବେ। ଗୃହେ ଶାନ୍ତି ଲାଭ।

**ମିଥୁନ:** ମନରେ ସରସତା ଆସିବ। କିନ୍ତୁ ଅପରାହ୍ନେ ଦୁଶ୍ଚିନ୍ତାର ପରିମାଣ ବଢ଼ିବ। ଆୟ ଠାରୁ ବ୍ୟୟର ପରିମାଣ ସମାନ ରହିବ। ଦେହ ଭଲ ରହିବ। ପରିବାରରେ ସୁଖ ଶାନ୍ତି ମିଳିବ।

**କର୍କଟ:** ପାରିବାରିକ ସୁଖ ଶାନ୍ତି ଲାଭ କରିବେ। ଦୂରଯାତ୍ରା କରିପାରନ୍ତି। ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ଆୟ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବାର ସୂଚନା। ବନ୍ଧୁ ଦର୍ଶନ।

**ସିଂହ:** କାର୍ଯ୍ୟକ୍ଷେତ୍ରରେ ସହଯୋଗ ଲାଭ ହେବ। ବାକିଥିବା କାର୍ଯ୍ୟରେ ଅଗ୍ରଗତି ଦେଖାଦେବ। ସର୍ବଦା କର୍ମଚଞ୍ଚଳ ରହିବେ। ରୋଜଗାର ବଢ଼ିବ। ଘରେ ସମସ୍ତେ ଖୁସିରେ ରହିବେ। ମହିଳାମାନେ ସୁଖୀ ହେବେ।

**କନ୍ୟା:** ହିସାବ ପତ୍ର କାମରେ ନିଜକୁ ନିୟୋଜିତ କରିବେ। ପଠନ ଲିଖନ ପରି ପରିସ୍ଥିତି ସୃଷ୍ଟି ହେବ। ପାରିବାରିକ ସହଯୋଗ ମିଳିବ। ଆୟରେ ଅଗ୍ରଗତି ହେବ। ବନ୍ଧୁ ସହଯୋଗ ମଧ୍ୟ ପ୍ରାପ୍ତ ହେବ।

**ତୁଳା:** ସମସ୍ତଙ୍କ ପ୍ରିୟପାତ୍ର ହେବେ। ପ୍ରଶଂସା ଲାଭ ହେବ। ପାରିବାରିକ ସହଯୋଗ ମିଳିବ। ରୋଜଗାର ଭଲ ହେବ। ପରିଶ୍ରମ କଷ୍ଟ ଅଧିକ ହେଲେ ବି ପ୍ରାଧାନ୍ୟତା ବୃଦ୍ଧି ପାଇବ। ମନ ଖୁସି ରହିବ।

**ବିଛା:** ପାରିବାରିକ ଜଞ୍ଜାଳ ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ମନରେ ବିରକ୍ତି ପ୍ରକାଶ ପାଇବ। ଦୁଶ୍ଚିନ୍ତା ବଢ଼ିବାର ସୂଚନା। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ। ଶରୀର ଅସୁସ୍ଥ ରହିବ।

**ଧନୁ:** ମନୋବଳ ଦୃଢ଼ ହେବ। ସବୁ କାମକୁ ଆଗ୍ରହ ସହକାରେ କରିବେ। ଆୟ ଭଲ ହେବ। ଘରୋଇ ସହଯୋଗ ବୃଦ୍ଧି। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। କଥାର ମୂଲ୍ୟ ବଢ଼ିବ। ଦେହ ଭଲ ରହିବ ।

**ମକର:** ଆଜି ଆପଣ ଜଗିରଖି ଚଳିବେ। ନଚେତ୍ ସମ୍ମାନହାନୀ ଘଟିପାରେ। ସହକର୍ମୀ ସହଯୋଗ କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଗୃହେ ଆଶ୍ୱସ୍ତି ଲାଭ ହେବ। ମହିଳାମାନେ ଗର୍ବୀ ହେବେ।

**କୁମ୍ଭ:** କଥା ଦେଇଥିବା ବନ୍ଧୁଟି ଆପଣଙ୍କୁ ଠକିବା ପାଇଁ ଚେଷ୍ଟା କରିବେ। ପ୍ରତାରିତ ହେବାର ଆଶଙ୍କା। ଏଣୁ ସରଳତା ପରିହାର କଲେ ଭଲ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ଘରେ ଆନନ୍ଦ ଦେଖାଦେବ।

**ମୀନ:** କର୍ମକ୍ଷେତ୍ରରେ ପରିଶ୍ରମର ପରିମାଣ ବୃଦ୍ଧି ହେବ। ଆଶାନୁରୂପ ଫଳ ମିଳିବନାହିଁ। ପାରିବାରିକ ଶାନ୍ତି ଲାଭ। ରୋଜଗାର ଭଲ ହେବ। ମହିଳାମାନେ ସୁଖୀ ହେବେ। ଦେହ ଭଲ ରହିବାର ସୂଚନା।

# ବିପୁଳ ମଦ ଜବତ:୪ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପାଟକୁରା ଓ କେନ୍ଦ୍ରାପଡ଼ା ସଦର ଥାନ ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ନୂଆପଡ଼ା ଗ୍ରାମର ସର୍ବେଶ୍ୱର ବେହେରାଙ୍କ ଠାରୁ ୯୯୫ ଲିଟର ଦେଶୀ ରନ୍ଧା ମଦ ଓ ଶାନ୍ତିଲତା ବେହେରାଙ୍କ ଠାରୁ ୮୯୦ ଲିଟର ଦେଶୀ ରନ୍ଧା ମଦ, ବାହାକାଣ୍ଡିଆ ଗ୍ରାମର କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଓ ନିକୁଞ୍ଜ ଜେନାଙ୍କ ଠାରୁ ୨୯ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୯୩୫ ଲିଟର ବିଦେଶୀ, ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେଶେରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକ ଓ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୫।୧୨।୨୦୨୫, ମାର୍ଗଶିର ଦି୨୦ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ-** ଘ୬।୦୭।୩୧ **ଚନ୍ଦ୍ରୋଦୟ-** ସଂଘ୫।୨୫।୧୦
**ପ୍ରତିପଦ-** ରାଘ୧୨।୫୬ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ଦିଘ ୧୧।୪୭ ପର୍ଯ୍ୟନ୍ତ। **ବୃଷ ଚନ୍ଦ୍ର-** ରାଘ ୧୦।୧୬ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର। ରାଘ ୧୦।୧୬ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ବିଛା ରାଶିର। ରାଘ ୧୦।୧୬ ଗତେ କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୧୨।୫୬ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୬।୫୪ ମଧ୍ୟେ । ଦିଘ ୧୧।୫୮ ଗତେ ଘ ୨।୫୩ ମଧ୍ୟେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଦୃଢ଼ ଆର୍ଥିକ ବିସ୍ତାରର ସଙ୍ଗମସ୍ଥଳ ଭାବେ ଉଭା ହୋଇଛି ଅଯୋଧ୍ୟା

ଉତ୍ତର ପ୍ରଦେଶର ଅଯୋଧ୍ୟା ବିଶ୍ୱ ମାନଚିତ୍ରରେ ଆଧ୍ୟାତ୍ମିକତାର ଏକ ପ୍ରମୁଖ କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି । ୨୦୧୯ରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି, ପରବର୍ତ୍ତୀ ନିର୍ମାଣ କାର୍ଯ୍ୟ ଏବଂ ୨୦୨୪ରେ ରାମ ମନ୍ଦିରର ଭବ୍ୟ ପ୍ରତିଷ୍ଠା ଦିବସ ପରେ ରିଅଲ୍ ଇଷ୍ଟେଟ୍ ବଜାରକୁ ଦ୍ରୁତ ଗତିରେ ଏକ ନୂଆ ଦିଗ ଦେଉଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ବିଭିନ୍ନ ମାଇକ୍ରୋ ମାର୍କେଟରେ ଜମି ମୂଲ୍ୟରେ ୩୦୦ ରୁ ୫୦୦ ପ୍ରତିଶତ ଐତିହାସିକ ବୃଦ୍ଧି ରେକର୍ଡ କରାଯାଇଛି । ଏହାର ଅର୍ଥ ହେଉଛି ଅଯୋଧ୍ୟା ଏବେ ଆଧ୍ୟାତ୍ମିକତା, ଆଧୁନିକ ଭିତ୍ତିଭୂମି ଏବଂ ଦୃଢ଼ ଆର୍ଥିକ ବିସ୍ତାରର ସଙ୍ଗମସ୍ଥଳ ଭାବେ ଉଭା ହୋଇଛି । ତେଣୁ ଏଥିରେ ଅଯୋଧ୍ୟାରେ ପ୍ରପର୍ଟି ବଜାରର ଗତି ସ୍ୱଷ୍ଟ ଅନୁମାନ କରିହେଉଛି । ଇନଭେଷ୍ଟୋଏକ୍ସପର୍ଟ ଆଡଭାଇଜର୍ସର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ବିଶାଲ ରହେଜା ଏବିପିକୁ କହିଛନ୍ତି ଯେ ଅଯୋଧ୍ୟା ଆଜି ଦେଶର ଏଣ୍ଡ ବାୟର୍ସ ଓ ଲଙ୍ଗ ଟର୍ମ ଇନଭେଷ୍ଟରଙ୍କ ପାଇଁ ସବୁଠାରୁ ବିଶ୍ୱାସ ଯୋଗ୍ୟ ବଜାର ମଧ୍ୟରୁ ଗୋଟିଏ ପାଲଟିଛି । ଏହା କ୍ରେତାଙ୍କ ସୁରକ୍ଷା, ମୂଲ୍ୟ ବୃଦ୍ଧି ଏବଂ ଦୀର୍ଘକାଳୀନ ଲାଭ ଦୃଷ୍ଟିରୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି । ଯାହା ବର୍ତ୍ତମାନର ସମୟକୁ ନିବେଶ ପାଇଁ ଅତ୍ୟନ୍ତ ରଣନୈତିକ ସ୍ଥିତିକୁ ଦର୍ଶାଉଛି । ବିଶାଳଙ୍କ ଅନୁସାରେ, ଅନ୍ତର୍ଜାତୀୟ ବିମାନବନ୍ଦର, ଉନ୍ନତ ରେଳ ଷ୍ଟେସନ, ଚାରି ଲେନ୍ ରାସ୍ତା, ନଦୀକୂଳ ବିକାଶ ଏବଂ ହସ୍ପିଟାଲିଟି ଇନଫ୍ରାଷ୍ଟ୍ରକଚରରେ ମୋଟ ୬ ବିଲିୟନ ଡଲାରରୁ ଅଧିକ ନିବେଶ ଚାଲିଛି । ଏହି ପ୍ରୟାସଗୁଡ଼ିକ ଅଯୋଧ୍ୟାକୁ ଏକ ବର୍ଷସାରା ବିଶ୍ୱ ଆଧ୍ୟାତ୍ମିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରୁଛି । ଏହି ନିବେଶ ପାଇଁ ଆଗାମୀ ବର୍ଷଗୁଡ଼ିକରେ ଅଯୋଧ୍ୟାର ସମ୍ପତ୍ତି ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବା ସମ୍ଭାବନା ରହିଛି । ଅଯୋଧ୍ୟାରେ ପର୍ଯ୍ୟଟନର ବିସ୍ତାର କେବଳ ମନ୍ଦିର ପରିଦର୍ଶନ ପର୍ଯ୍ୟନ୍ତ ସୀମିତ ନାହିଁ, ଏହା ସହରର ସମଗ୍ର ରିଅଲ୍ ଇଷ୍ଟେଟ୍ ଦୃଶ୍ୟକୁ ପରିବର୍ତ୍ତନ କରୁଛି । ମନ୍ଦିର ପ୍ରତିଷ୍ଠା ପରେ ବିପୁଳ ଜନସମାଗମ ଯୋଗୁ ବ୍ୟବସାୟ, ବାସସ୍ଥାନ, ହୋଟେଲ ଏବଂ ଯାତ୍ରା ସୁବିଧାର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି ।

# ମାସରେ ମୁଁ ମାର୍ଗଶୀର



ଗୀତାଞ୍ଜଳି କର
ମୋବାଇଲ - ୭୦୦୮୯୪୭୫୨୬

ଭାରତୀୟ ସଂସ୍କୃତିର ଅନନ୍ୟ ଗ୍ରନ୍ଥ ଶ୍ରୀମଦ୍ଭାଗବତ ଗୀତାରେ ଉଲ୍ଲେଖ କରାଯାଇଛି "ମାସାନାଂ ମାର୍ଗଶୀର୍ଷୋ ଅହଂ''। ସ୍ୱୟଂ ବାସୁଦେବ ଶ୍ରୀକୃଷ୍ଣ ଶ୍ରୀମଦ୍ଭାଗବତର ବିଭୁତିଯୋଗରେ ବର୍ଣ୍ଣନା କରିଛନ୍ତି ମାସମାନଙ୍କରେ ମୁଁ ମାର୍ଗଶୀର । ମହାକାର୍ତ୍ତିକର ପୁଣ୍ୟ ପ୍ରଭାବ ପରେ ହେମନ୍ତ ଋତୁରେ ମାର୍ଗଶୀର ମାସ ପ୍ରବେଶ କରେ । ଅଙ୍କୁରଣ ମାସ ମାର୍ଗଶୀର ନୂଆ ଚେତନାର ଭାବ ପ୍ରଦାନ କରେ । ତେଣୁ ମାସଟି ଅଗ୍ରଗଣ୍ୟ ମାସ ବୋଲି ବିଦିତ ଯାହା ଲୋକବାଣୀରେ ଅଗ୍ରଗଣ୍ୟ ହୋଇଛି । ଏହାକୁ ଅଗ୍ରଗଣ୍ୟ ମାସ କହିବାର କାରଣ ହେଲା ନକ୍ଷତ୍ର ଅନୁଯାଇ ଗଣନା । ବୈଦିକ କାର୍ଯ୍ୟ ନିମିତ୍ତ ନକ୍ଷତ୍ରକୁ ଆଧାର କରି ଗଣନା କରାଯାଏ । କିନ୍ତୁ ସୂର୍ଯ୍ୟ ଓ ଚନ୍ଦ୍ରକୁ ଆଧାର କରି ଗଣନା କରାଯାଉଥିବା ବର୍ଷରେ ପ୍ରଥମ ମାସ ଚୈତ୍ର ଅଟେ । ସାଧାରଣ ଭାବରେ ଚୈତ୍ର ହେଉଛି ଅଗ୍ରଗଣ୍ୟ ମାସ । ତଥାପି ଶାସ୍ତ୍ର ଉଲ୍ଲେଖ ଅଛି ଅଗ୍ରଗଣ୍ୟ ମାସ ମାର୍ଗଶୀର ଅଟେ । ତେଣୁ ଶ୍ରୀମଦ୍ଭାଗବତରେ ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣ ବିଦୁରକୁ ବିଭୁତିଯୋଗ ବର୍ଣ୍ଣନା କରି କହିଛନ୍ତି ।

"ଋତୁଙ୍କ ମଧ୍ୟେ ମୁଁ ବସନ୍ତ ଅଗ୍ରହାୟଣ ମାସନାଥ ଯୁଗଙ୍କ ମଧ୍ୟେ ସତ୍ୟ ମୁହିଁ ଶୁଣ ଉଦ୍ଧବ ମନ ଦେଇ।

ମାର୍ଗଶୀର ମାସ ସମ୍ବନ୍ଧରେ ଶାସ୍ତ୍ର କହେ ମୃଗଶିରା ନକ୍ଷତ୍ରର ପ୍ରଭାବ ହେତୁ ଏହି ମାସର ନାମ ମାର୍ଗଶୀର ବୋଲି କୁହାଯାଏ । ଏହି ମାସରେ ଅନେକ କିଛି ପବିତ୍ର ଘଟଣାମାନ ଯୋଡି ହୋଇ ରହିଛି । ମାସସାରା ମାର୍ଗଶୀରରେ ବିଶେଷ ପୌରାଣିକ କଥା ଏବଂ ଧାର୍ମିକ ମହତ୍ତ୍ୱର ପ୍ରାଧାନ୍ୟ ରହିଛି । ଉତ୍ପନ୍ନା ଏକାଦଶୀ, ମୋକ୍ଷଦା ଏକାଦଶୀ, ମତ୍ସ୍ୟ ଦ୍ୱାଦଶୀ, ବିବାହ ପଞ୍ଚମୀ, ଗୀତା ଜୟନ୍ତୀ, ଦତ୍ତାତ୍ରେୟ ଜୟନ୍ତୀ ପରି ଧାର୍ମିକ ଉପାଖ୍ୟାନ ଇତ୍ୟାଦି ଏହି ମାସର ବିଶେଷ ମହତ୍ତ୍ୱ । କାରଣ ଚନ୍ଦ୍ର, ସୂର୍ଯ୍ୟ ଗଣନା ଅନୁସାରେ ଚୈତ୍ର ମାସ ବର୍ଷର ପ୍ରଥମ ମାସ ଯଦି ବୁଝାଯାଏ ତେବେ ମାର୍ଗଶୀର ନବମ ମାସ ରୂପେ ଜଣାଯାଏ । ନ'ଅଙ୍କ ପୂର୍ଣ୍ଣତାର ପ୍ରତୀକ । ତେଣୁ ଏହି ମାସ ଭଗବାନଙ୍କ ବିଭୁତି ସ୍ୱରୂପରେ ଗଣ୍ୟ । ମହାକାର୍ତ୍ତିକରେ ପବିତ୍ର ତୀର୍ଥମାନଙ୍କରେ ସାନ୍ନିଧ୍ୟର କାରଣ ମାର୍ଗଶୀରରେ ସବୁ ଅପବିତ୍ରତାରୁ ଦୂରେଇ ଯାଇ ପବିତ୍ରତା ଆଡକୁ ଆଗେଇ ଯିବା । ପବିତ୍ର ମାର୍ଗଶୀର ଆରମ୍ଭ ପୂର୍ବରୁ ଦେବ ଶୟନର କାଳଖଣ୍ଡକୁ ସମାପ୍ତ କରି ଦେବୋତ୍ଥାପନର ସମୟ ଆଣେ । ଜୀବନ ଆଉ ଦର୍ଶନ କ୍ଷେତ୍ରରେ ନବ ଉନ୍ମାଦନା ଭରିଦିଏ । ତେଣୁ ମାସଟିକୁ ନବ ଅଙ୍କୁରଣର ମାସ କୁହାଯାଏ । ଶସ୍ୟ ଶ୍ୟାମାଳକ୍ଷ ଧରିତ୍ରୀରେ ଶସ୍ୟର ଭଣ୍ଡାର ପୂର୍ଣ୍ଣ ହୋଇଯାଏ। ଭାରତୀୟ ଜନମାନସରେ ଗୋଟିଏ ଭାବ ମାର୍ଗଶୀର ଶ୍ରେଷ୍ଠ ତାହା କ୍ଷେତରେ ଫସଲ ଅମଳ ହେଉ କିମ୍ବା ଜୀବନ ଚେତନାର ଉଦ୍ରେକ ହେଉ । ସୁନ୍ଦର ଚିନ୍ତାଧାରାରେ ବେଦ ଅନ୍ନକୁ ବ୍ରହ୍ମ ସ୍ୱରୂପ ମାନେ ବୋଲି କୃଷକର ନଜର ମଧ୍ୟ ଅନ୍ନକୁ ବ୍ରହ୍ମ ଭାବରେ ଜାଣେ । କାରଣ ଭାରତୀୟ ଚେତନାରେ ଶାସ୍ତ୍ର ହିଁ ସବୁକିଛି । ଶାସ୍ତ୍ରସମ୍ମତ ବ୍ରତମାନଙ୍କ ମଧ୍ୟରୁ ଏକାଦଶୀ ବ୍ରତରେ ଉତ୍ପନ୍ନା ଏକାଦଶୀ ଓ ମୋକ୍ଷଦା ଏକାଦଶୀର ମହତ୍ତ୍ୱ ଅବ୍ୟକ୍ତ । ମାର୍ଗଶୀରର କୃଷ୍ଣପକ୍ଷ ଏକାଦଶୀ ତିଥିରେ ବିଷ୍ଣୁଙ୍କ ଶରୀରରୁ ଦେବୀ ଉତ୍ପନ୍ନା ପ୍ରକଟ ହୋଇ ମୁରା ଦୈତ୍ୟକୁ ବଧ କରିଥିଲେ । ଯାହାଦ୍ୱାରା ସଂସାରରେ ଶାନ୍ତି ସ୍ଥାପନ ହୋଇଥିଲା । ସେହିଦିନଠାରୁ ଏକାଦଶୀ ବ୍ରତର ପାଳନ ଆରମ୍ଭ ହେଲା । ଏହି ବ୍ରତ କରିବା ଦ୍ୱାରା ହଜାର ଯଜ୍ଞର ଫଳ ପ୍ରାପ୍ତି ହୁଏ । ମୋକ୍ଷଦା ଏକାଦଶୀ ମାର୍ଗଶୀର ଶୁକ୍ଳପକ୍ଷ ଏକାଦଶୀ ତିଥି ଅନୁସାରେ କରାଯାଏ । ଏହି ଏକାଦଶୀରେ ଭଗବାନ ବିଷ୍ଣୁଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମୋକ୍ଷ ଏବଂ ପୁଣ୍ୟ ଫଳ ପ୍ରାପ୍ତି ହୋଇଥାଏ । ଏହା ସହିତ ଗୁରୁ ଗ୍ରହ ମଜଭୁତ ହୁଅନ୍ତି ଯାହାପାଇଁ ସାଧକକୁ ଜ୍ଞାନ, ବିବାହ ବାଧାରୁ ମୁକ୍ତି ଓ ସନ୍ତାନ ସୁଖ ପ୍ରାପ୍ତି ହୋଇଥାଏ । ଏହି ବ୍ରତ ପାଳନ ବାଜପେୟ ଯଜ୍ଞ ସହିତ ସମାନ ।

ମୋକ୍ଷଦା ଏକାଦଶୀରେ ପୂଜା ସାରି ବ୍ରତକଥା ପାଠ କଲେ ଅନନ୍ତ ସୁଖ ମିଳିଥାଏ । ବ୍ରତକଥାରୁ ଜଣାଯାଏ ଥରେ ଗୋକୁଳ ନଗରରେ ବୈଖାନସ ନାମକ ରାଜା ସ୍ୱପ୍ନ ଦେଖିଲେ ତାଙ୍କ ପିତା ନର୍କରେ ପତିତ ହୋଇ ପୁତ୍ର ବୈଖାନସକୁ ନର୍କରୁ ଉଦ୍ଧାର କରିବା ପାଇଁ କହୁଛନ୍ତି । ବୈଖାନସ ବ୍ୟାକୁଳ ହୋଇ ନଗରର ବ୍ରାହ୍ମଣଙ୍କୁ ଡକାଇ ଏଇ ବିଷୟରେ ପଚାରିଲେ । ବ୍ରାହ୍ମଣ ରାଜାଙ୍କ ସ୍ୱପ୍ନ ଶୁଣିସାରି ମନ୍ତବ୍ୟ ଦେଲେ ହେ ରାଜା ଏଇ କିଛି ଦୂରରେ ପର୍ବତ ମୁନିଙ୍କ ଆଶ୍ରମ ପଡିବ । ଭୁତ, ଭବିଷ୍ୟ, ବର୍ତ୍ତମାନକୁ ସେ ଭଲ ଭାବରେ ଜାଣନ୍ତି । ସେ ସ୍ଥାନକୁ ଯାଇ ପଚାରି ଦିଅ । ବ୍ରାହ୍ମଣଙ୍କ ଉପଦେଶରେ ରାଜା ମୁନିଙ୍କ ନିକଟକୁ ଗଲେ । ପର୍ବତ ମୁନି ରାଜାଙ୍କ କଥା ଶୁଣି କହିଲେ ହେ ରାଜା ତୁମେ ମୋକ୍ଷଦା ଏକାଦଶୀ ଉପବାସ କରି ତାର ଫଳକୁ ତୁମ ପିତାଙ୍କୁ ଦେଲେ ମୁକ୍ତି ମିଳିବ । ମୁନିଙ୍କ କଥା ଶୁଣି ରାଜା ବିଧି ପୂର୍ବକ ଉପବାସ କଲେ । ବ୍ରାହ୍ମଣଙ୍କୁ ଦାନ ଏବଂ ଦକ୍ଷିଣା ମଧ୍ୟ ଦେଲେ । ଯାହାଦ୍ୱାରା ତାଙ୍କ ପିତା ମୋକ୍ଷ ପାଇଲେ । ତେଣୁ ଏଇ ମାର୍ଗଶୀର ମାସରେ ହରି ପୂଜା ହିଁ ବିଶେଷ ପୂଜା । ତେଣୁ ପଦ୍ମପୁରାଣ ଉଲ୍ଲେଖ କରିଛି ।

"ପ୍ରାଣୀଙ୍କି ଦେବାରୁ ଦଣ୍ଡ ପାତକ ପୁରୁଷ ଆପଣେ ସର୍ଜନା କରିଛନ୍ତି ପୀତବାସ
ଏକାଦଶୀର ମହିମା କହୁ ନ ସରଇ ଯେ କରେ ସେ ପାପନାଶି ସ୍ୱର୍ଗରେ ବସଇ''।

କେବଳ ଏତିକି ନୁହେଁ ଏହି ମାସ ଜୀବନ ଓ ମୋକ୍ଷର ସଙ୍ଗମ ପରି । ଏହି ମୋକ୍ଷଦା ଏକାଦଶୀରେ ଗୀତା ଜୟନ୍ତୀ ପାଳିତ ହୁଏ । ଧର୍ମଶାସ୍ତ୍ର ଅନୁସାରେ ଏହି ଦିନ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ ଜୀବନ, ଧର୍ମ ଆଉ କର୍ମର ସାରତତ୍ତ୍ୱକୁ ଶ୍ରୀମଦ୍ଭାଗବତଗୀତା ରୂପରେ ଉପଦେଶ ଦେଇଥିଲେ । ତେଣୁ ଆମ ଧର୍ମୀୟ ଭାବନାରେ ଗୀତା ପାଠର ବିଶେଷ ମହତ୍ତ୍ୱ ରହିଛି । ଏହାକୁ ଦୈନିକ ପଠନ କରିବାଦ୍ୱାରା ଜୀବନର ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ମାର୍ଗ ଅଥବା ପ୍ରେରଣା ମିଳିଥାଏ । ଶ୍ରଦ୍ଧା ଓ ନିଷ୍ଠା ସହିତ ଏଇ ପବିତ୍ର ଗ୍ରନ୍ଥକୁ ବିଶ୍ୱାସର ସହିତ ପାଠ କଲେ ଜୀବନ ବଞ୍ଚିବାର ସୂତ୍ର ମିଳିଯାଏ ।

ଧନ ଏବଂ ସମୃଦ୍ଧିର ଆରମ୍ଭ ଏହି ମାସରେ ହେଉଥିବା ହେତୁ ମାର୍ଗଶୀରକୁ "ସ୍ୱର୍ଣ୍ଣ ମାସ "ରୂପରେ ଦେଖାଯାଏ । ଦେବୀ ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କ ଆରାଧନା କରି ଧନ, ସମ୍ପତ୍ତି ଏବଂ ସୁଖ, ସମୃଦ୍ଧି ଅକ୍ଳେଶରେ ପ୍ରାପ୍ତି ହୋଇଥାଏ । କାରଣ ଏହି ମାସ ବିଷ୍ଣୁଙ୍କର ଅତି ପ୍ରିୟ ମାସ ଅଟେ । ତେଣୁ ଶ୍ରୀକୃଷ୍ଣଙ୍କୁ ବିଶେଷ ପୂଜା କରି ସକଳ ସମୃଦ୍ଧିର ପଥ ମିଳିଥାଏ । ଯେଉଁଠି ବିଷ୍ଣୁ ସେଇଠି ମାଆ ଲକ୍ଷ୍ମୀ । ପଡିଦାତ୍ରୀ ମାଆ ଲକ୍ଷ୍ମୀ ଅନ୍ନପୂର୍ଣ୍ଣା ସ୍ୱରୂପରେ ଅନ୍ନ ପ୍ରଦାନ କରୁଥିଲାବେଳେ ଭଗବାନ ବିଷ୍ଣୁ ଏହି ଅନ୍ନର ସୁରକ୍ଷା ପ୍ରଦାନ କରିଥାନ୍ତି । ତେଣୁ ଏହି ମାସରେ ଦେବୀ ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ଏକତ୍ର ଉପାସନା କରିବା ବିଧେୟ । ମାର୍ଗଶୀରର ଗୁରୁବାରମାନଙ୍କରେ ଲକ୍ଷ୍ମୀବ୍ରତ ବିଧି ଯେପରି ଘରଦ୍ୱାର ଲିପାପୋଛା ଓ ଝୋଟିଚିତା ସୂଚାଇ ଦିଏ ସୁସ୍ଥତାର ବାର୍ତ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମାନସିକତା ଜୀବନରେ ଭରିଦିଏ ସକଳ ଧନ, ସମ୍ପତ୍ତି ଓ ସମୃଦ୍ଧି । ପଦ୍ମ ପୁରାଣ ଉଲ୍ଲେଖ କରେ...

"ଲକ୍ଷ୍ମୀ ନାରାୟଣ ରୂପ ମାର୍ଗଶୀର ମାସେ ପୂଜିବ ବୈଷ୍ଣବ ଭକ୍ତିଭାବେ ମୁକ୍ତି ଆଶେ କୁଣ୍ଠିତ ସ୍ଥାନରେ ଶ୍ରୀହରିଙ୍କୁ ନ ପୂଜିବ ସଂସାରରେ ବିଷ୍ଣୁଭକ୍ତ ଯେ ଜନ ହୋଇବ ।"

ସ୍କନ୍ଦ ପୁରାଣ ବର୍ଣ୍ଣନା କରେ ଏହି ମାର୍ଗଶୀର ମାସରେ ଯିଏ ଶ୍ରୀକୃଷ୍ଣଙ୍କ ନାମ ସ୍ମରଣ, ବ୍ରତ, ଉପାସନା, ଦାନ ଇତ୍ୟାଦି କରେ ସକଳ କଷ୍ଟରୁ ମୁକ୍ତି ପାଇବା ସହିତ ଈଶ୍ୱରଙ୍କ ପରମତତ୍ତ୍ୱକୁ ପ୍ରାପ୍ତ କରିଥାଏ । କାରଣ ଏହି ମାସ ସତ୍ୟ, ଧର୍ମ, ନ୍ୟାୟ ଏବଂ ସାତ୍ତ୍ୱିକ ସ୍ୱଭାବକୁ ବୃଦ୍ଧି କରେ । ପୁନଶ୍ଚ ସ୍କନ୍ଦ ପୁରାଣ କହେ ଭକ୍ତ ଏହି ମାସସାରା ବିଷ୍ଣୁ ସହସ୍ରନାମ ଓ ଗୋବିନ୍ଦ ନାମକୁ ଜପ କଲେ ଜନ୍ମ ଜନ୍ମାନ୍ତରର ପାପରୁ ମୁକ୍ତି ମିଳିଯାଏ । ଏହି ମାସରେ ପ୍ରାତଃ କାଳୀନ ସ୍ନାନ ଉପରାନ୍ତେ ଦୀପ ଜଳାଇ ବିଶେଷ ଭାବେ ବିଷ୍ଣୁନାମ ଜପ କଲେ ବିଷ୍ଣୁ ପ୍ରସନ୍ନ ହୁଅନ୍ତି । ଏହି ମାସରେ ଗୋଟିଏ ଦୀପ ଦାନ ହଜାର ଦୀପଦାନର ସଦୃଶ ହୁଏ । ମାର୍ଗଶୀର ପୂର୍ଣ୍ଣମାପର୍ଯ୍ୟନ୍ତ ବିଷ୍ଣୁ ଭକ୍ତିରେ ଲୀନ ରହିଲେ ପିତୃପୁରୁଷ ଶାନ୍ତି ହୁଅନ୍ତି । ସବୁ ନକରାତ୍ମକ ଭାବକୁ ଦୂରେଇ ସକାରାତ୍ମକ ଭାବ ବୃଦ୍ଧି ହିଁ ଆତ୍ମଶୁଦ୍ଧି । ଆତ୍ମଶୁଦ୍ଧିରୁ ସଦାଚାର ଭାବ ଆସିଲେ ଆତ୍ମକଲ୍ୟାଣ ନିଶ୍ଚିତ ।

ଭାଗବତ ମହାପୁରାଣ କହିବା ଅନୁସାରେ ଶ୍ରୀକୃଷ୍ଣ କହିଛନ୍ତି ସବୁ ମାସଠାରୁ ମାର୍ଗଶୀର ମାସଟି ମୋରି ସ୍ୱରୂପ ଅଟେ । ତେଣୁ ମାର୍ଗଶୀରରେ ଶ୍ରଦ୍ଧା ଆଉ ଭକ୍ତି ଦ୍ୱାରା କରାଯାଉଥିବା ପୁଣ୍ୟ ଅଖଣ୍ଡ ସୁଖ ପ୍ରଦାନ କରେ । ଗୋପୀମାନଙ୍କୁ ମାର୍ଗଶୀରର ମହତ୍ତ୍ୱରେ ଶ୍ରୀକୃଷ୍ଣ କହିଥିଲେ ମାର୍ଗଶୀରରେ ଯମୁନା ନଦୀରେ ସ୍ନାନ କଲେ ମୁଁ ସମସ୍ତଙ୍କୁ ସହଜରେ ପ୍ରାପ୍ତ ହୋଇଥାଏ । ତେଣୁ ଆତ୍ମକଲ୍ୟାଣ ନିମିତ୍ତ ଆମକୁ ଶ୍ରଦ୍ଧା ଓ ଭକ୍ତିର ସହିତ ବିଷ୍ଣୁନାମ, ଜପ, ତପ କରବା ଆବଶ୍ୟକ । ଗୁରୁ, ଶାସ୍ତ୍ର ତଥା ଈଶ୍ୱରଙ୍କ ପ୍ରତି ଅନୁଗାମୀ ହେଲେ ଜୀବନପଥ ସୁଗମିତ ହୁଏ ଏହା ନିଶ୍ଚିତ ।

# ମାଣବସା ପୂଜାର ମହନୀୟତା




ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ଧର୍ମ, ଐତିହ୍ୟ, ସଂସ୍କୃତିର ରାଜ୍ୟ ଓଡ଼ିଶା ଏକ ଆଧ୍ୟାତ୍ମିକ ପରମ୍ପରାର ରାଜ୍ୟ । ଓଡିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ନେଇ ଅନେକ ପର୍ବ ପର୍ବାଣିରେ ମହିମା ମଣ୍ଡିତ ଆମ ଓଡ଼ିଶା । ପର୍ବ ପର୍ବାଣି, ଯାନି ଯାତରା, ଝୋଟି ଚିତା, ପିଠା ପଣା, ଓଷା ବ୍ରତ ଉତ୍କଳର ବୈଶିଷ୍ଟ୍ୟ । ଭାରତୀୟ ସଂସ୍କୃତିରେ ମହାଲକ୍ଷ୍ମୀ ଧନ ଓ ପ୍ରାଚୁର୍ଯ୍ୟର ଦେବୀ ରୂପେ ପ୍ରତୀୟମାନ । ସେ ପରମାତ୍ମାଙ୍କ ଶକ୍ତି ରୂପେ ପୂଜିତା । ସେ ଅନ୍ନଦାତ୍ରୀ, ବିଷ୍ଣୁପ୍ରିୟା । ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଓଡିଆ ମାଣବସା ପୂଜା, ସୁଦଶା ବ୍ରତ ଉତ୍କଳର ଘରେ ଘରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଆସିଛି କୋଉ ଆବାହମାନ କାଳରୁ । ଗଣନାକାରଙ୍କ ମତରେ ମାର୍ଗଶିର ମାସକୁ ପ୍ରଥମ ବା ଆଦ୍ୟମାସ ବୋଲି ପରିଗଣିତ କରାଯାଇଛି । ଭାଗବତ ଗୀତାର ବିଭୂତି ଯୋଗରେ କୁହାଯାଇଛି- ମାସାନାଂ ମାର୍ଗଶୀର୍ଷୋଅହମ୍ ଅର୍ଥାତ ମାସମାନଙ୍କ ମଧ୍ୟରେ ମୁଁ ଅଟେ ମାର୍ଗଶିର । ଏହିମାସରେ ବିଷ୍ଣୁଙ୍କର ନାମ କେଶବ । ଏହିମାସ ବିଷ୍ଣୁ ବା ବା କୃଷ୍ଣଙ୍କର ସ୍ୱରୂପ ଅଟେ । ନକ୍ଷତ୍ର ଗଣନାରେ ଏହିମାସ ପୂର୍ଣ୍ଣମୀରେ ଚନ୍ଦ୍ର ମୃଗଶିରା ନକ୍ଷତ୍ରରେ ଅବସ୍ଥାନ କରନ୍ତି ତେଣୁ ମଧ୍ୟ ମାସର ନାମ ମାର୍ଗଶିର ।

ପୃଥିବୀର ପ୍ରତ୍ୟେକ ବସ୍ତୁରେ ଦୈବୀ ଶକ୍ତି ରହିଥିବା ଆମ ବିଶ୍ୱାସ । ଶକ୍ତି ହିଁ କଲ୍ୟାଣମୟୀ, ପାଳନକାରିଣୀ ପୁଣି ସଂହାରକାରିଣୀ । ଆଦ୍ୟାଶକ୍ତି ମହାଶକ୍ତି, ମହା ସରସ୍ୱତୀ, ମହାକାଳୀ, ମହାଲକ୍ଷ୍ମୀ ରୂପରେ ବିଦ୍ୟମାନ ହୋଇ ଭକ୍ତମାନଙ୍କୁ ସହାୟ ହୋଇଥାନ୍ତି । ଲକ୍ଷ୍ମୀଙ୍କୁ ନେଇ ଆମ ଓଡିଶାରେ ଅନେକ ପୂଜା ରହିଛି ଆଶ୍ୱିନ ପୂର୍ଣ୍ଣମାରେ ଗଜଲକ୍ଷ୍ମୀ, ଦୀପାବଳୀରେ ଧନ ଓ ଐଶ୍ୱର୍ଯ୍ୟର ଦେବୀ, ଗୁରୁପଂଚମୀ ବ୍ରତ, ସୁଦଶା ବ୍ରତ ଏବଂ ମାଣବସା ପ୍ରଭୃତି ଅନେକ ପୂଜା ହୁଏ । ତନ୍ମଧ୍ୟରୁ ମାର୍ଗଶିର ମାସ ଗୁରୁବାର ଆସିଲେ ଓଡିଶାର ପୁରପଲ୍ଲୀରେ ମହକିଉଠେ ପବିତ୍ରତାର ବାସ୍ନା । ଘରଦ୍ୱାର ପରିଷ୍କାର, ପରିଚ୍ଛନ୍ନ କରି, ଗୋବରପାଣି ଛିଂଚି, ଗୋବରଲିପା ଅଗଣା ଉପରେ ବନମାଟି ଲିପା ହୋଇ , ତା ଉପରେ ଅରୁଆ ଚାଉଳକୁ ବଟୁରାଇ ବାଟି ପଡିଥାଏ ଲକ୍ଷ୍ମୀପୂଜାର ଚିତା, ଲକ୍ଷ୍ମୀପାଦ, ହାତୀ, କଳସ, ଧାନକେଣ୍ଡା, ବିଭିନ୍ନ ପ୍ରକାରର ସୁନ୍ଦର ସୁନ୍ଦର ଚିତା ।ଯାହା ଓଡିଆ ଘରର ପ୍ରଥା ଓ ପରମ୍ପରା । ଘରେ ଘରେ ପିଠାପଣା ସାଙ୍ଗକୁ ପଂଚସଖା ଯୁଗର ବଳରାମ ଦାସଙ୍କ ଦ୍ୱାରା ଲିଖିତ ଲକ୍ଷ୍ମୀପୁରାଣର ମିଳିତ ସ୍ୱର ଭାସିଆସେ ଶୁକ୍ଳବସ୍ତ୍ର ପିନ୍ଧା ପାଦରେ ଅଳତାଲଗା ସଧବା ସ୍ତ୍ରୀମାନଙ୍କ କଣ୍ଠରୁ । ଜାତି, ବର୍ଣ୍ଣ, ଧର୍ମ ଠାରୁ ଉର୍ଦ୍ଧ୍ୱରେ ଚଣ୍ଡାଳ ଠାରୁ ବ୍ରାହ୍ମଣ ସମସ୍ତେ କରନ୍ତି ଏହି ପୂଜା । ଲକ୍ଷ୍ମୀ ପୁରାଣ ଜାତି ଉପରେ ଗୁରୁତ୍ୱ ଦିଏନାହିଁ ବରଂ ଗୁରୁତ୍ୱ ଦିଏ ଆଚରଣ ପବିତ୍ରତା, ସ୍ୱଚ୍ଛତା ଉପରେ । ଅସ୍ପୃଶ୍ୟତା ନିବାରଣ, ଜାତିପ୍ରଥା ଲୋପ କରିବା, ଶ୍ରୀମନ୍ଦିରରେ ମୂର୍ତ୍ତିମେୟ ବ୍ରାହ୍ମଣମାନଙ୍କର ଉଗ୍ର ଆଚରଣ ବଳରାମ ଦାସଙ୍କୁ ବିଚଳିତ କରିଥିଲା ତେଣୁ ସେ ଜଗନ୍ନାଥ ଓ ବଳଭଦ୍ରଙ୍କୁ ରତ୍ନ ସିଂହାସନରୁ ଓହ୍ଲାଇ ଆଣିଥିଲେ ଶ୍ରୀୟା ଚଣ୍ଡାଳୁଣୀର ଭଙ୍ଗା କୁଟୀରକୁ । ଓଡିଆ ପରମ୍ପରାରେ ଧନଧାନ୍ୟ, ସୌଭାଗ୍ୟ, ପ୍ରାଚୁର୍ଯ୍ୟର ଦେବୀ ହେଉଛନ୍ତି ଲକ୍ଷ୍ମୀ । ସେ ସୁଦୟା ହେଲେ ଭଙ୍ଗା କୁଡିଆ ବି ହୋଇପାରେ ରାଜମହଲ । ସେ ସୁଦୟା ନ ହେଲେ ରାଜମହଲ ବି ସାଜିପାରେ ଭଙ୍ଗା କୁଡିଆ । ତେଣୁ ସେ ଦରିଦ୍ରଭଞ୍ଜନୀ । ସେ ଧର୍ମ, ଅର୍ଥ, କାମ, ମୋକ୍ଷ ଓ ଐଶ୍ୱର୍ଯ୍ୟର ଦେବୀ । ବିଷ୍ଣୁ ପତ୍ନୀ , ପରମାତ୍ମାଙ୍କ ଶକ୍ତି ରୂପରେ ପୂଜା ପାଆନ୍ତି ଶ୍ରୀ ମନ୍ଦିରରେ । ରତ୍ନ ସିଂହାସନରେ ଶ୍ରୀ ଜଗନ୍ନାଥଙ୍କ ସହ ଶ୍ରୀ ଦେବୀ ଭାବରେ ପୂଜା ପାଉଛନ୍ତି । ସେ ସିନ୍ଧୁସୁତା, ପଦ୍ମାଳୟା, କମଳା, ଶ୍ରୀହରିପ୍ରିୟା, ଇନ୍ଦିରା, ଲୋକମାତା, କ୍ଷିରାବ୍ଧିତନୟା, ରମା, ସାଗରଦୁଲଣୀ, ଚଂଚଳା । ଲକ୍ଷ୍ମୀଙ୍କରଏହି ଦଶ ନାମରେ ଗଣ୍ଠି ପକାଇ ସୁଦଶା ବ୍ରତ ଧାରଣ କରିଥାନ୍ତି ଓଡିଆ ଘରର ବୋହୂମାନେ, ଶୁକ୍ଳଦଶମୀ ଗୁରୁବାର ସୁଦଶାବ୍ରତ ପଡିଲେ ।

ମାର୍ଗଶିର ମାସରେ ପଡେ ମାଣବସା ପ୍ରତ୍ୟେକ ଓଡିଆ ଘରର ପୂଜା । ଓଡିଶାରେ ମାର୍ଗଶିର ମାସ ଚାରିପାଳି ହୋଇଥାଏ ଲକ୍ଷ୍ମୀପୂଜା ଯାହାକି ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ଏ ପୂଜାରେ ଜାତି ଅଜାତି କିଛି ବି ନାହିଁ । ମହାଲକ୍ଷ୍ମୀ ଧନ, ଅନ୍ନର ଦେବୀ । କୃଷିଭିତ୍ତିକ ପର୍ବ ମାଣବସା । ଚାଷୀ ତା ଅମଳର ପ୍ରଥମ ଧାନ ମା'କୁ ଅର୍ପଣ କରେ । ସେଥିପାଇଁ ମାଣବସା ଗୁରୁବାର ଆସିଲେ ପ୍ରତି ଓଡିଆଣି ଘରଦ୍ୱାର ଗୋବରରେ ଲିପାପୋଛା କରି ବନମାଟି ଲିପି ଅରୁଆ ଚାଉଳ ପିଠଉ ବାଟି ଲକ୍ଷ୍ମୀ ପାଦ ଚିତା, ଷୋଳକ ପଦ୍ମ, ଧାନକେଣ୍ଡା, ମାଣଚିତା ଘର ଅଗଣାରୁ ଖଳାଯାଏଁ ଆଙ୍କିଥାଏ । ଶେଷପାଳି ଗୁରୁବାର ଦିନ ପ୍ରଭାତରୁ ସ୍ନାନ କରି, ମାଣ ଓ ଖଟୁଲିକୁ ଚିତା ଚନ୍ଦନ, ସିନ୍ଦୂର ଦେଇ ସଜାଏ । ଶୁକ୍ଳବର୍ଣ୍ଣ ଧାନ ମାଣରେ ଓ ଗୌଣିରେ ବିରି ରଖି, ଖଟୁଲିକୁ ବୋହୂ ରୂପେ ବସ୍ତ୍ର ପିନ୍ଧାଇ, ଗେଣ୍ଡୁଫୁଲ, ପଦ୍ମଫୁଲ, ଧାନମେଣ୍ଢା, ମୂଳା, ଆଖୁ, ସୋରିଷଫୁଲ , ଦୂବ , ବରକୋଳି ପତ୍ରରେ ସଜେଇଦିଏ । କଦଳୀ, ଛେନା, ନଡିଆ ଗୁଡ ଦହି, ଅଁଳା, କଣ୍ଟେଇକୋଳି ଥୋଇ ଚନ୍ଦନ, ସିନ୍ଦୂର ଲଗାଏ । ବଳରାମ ଦାସଙ୍କ ଲିଖିତ ମାଣବସା ଗୁରୁବାର ବା ଲକ୍ଷ୍ମୀ ପୁରାଣ ପଢ଼ି , ପିଠାପଣା, ଧୁପଦୀପ ଥୋଇ ସାଷ୍ଟାଙ୍ଗ ହୁଏ ଲକ୍ଷ୍ମୀ ମାତାଙ୍କୁ । ଭୋଗ ଖାଇ, ପାଦରେ ଅଳତା, ମଥାରେ ସିନ୍ଦୂର ନାଇ, ଶୁକ୍ଳବର୍ଣ୍ଣର ଲୁଗା ପିନ୍ଧି ଖୁବ୍ ନିଷ୍ଠାରେ ପାଳେ । ଏ ପୂଜା ସାମାଜିକ ଚଳଣିକୁ ଖୁବ୍ ପ୍ରାଧାନ୍ୟ ଦେଇଛି ଯେମିତିକି ଗୁରୁବାର ଦିନ ଅନେକ କଥା କରିବାକୁ ବାରଣ କରିଛି ଯଥା କ୍ଷୌର ହେବା, ଖଇ ନ ଭାଜିବା, ନଖରେ ଭୂମି ବିଦାରଣ ନ କରିବା, ଗୁରୁଜନଙ୍କୁ ଭକ୍ତି କରିବା, ସେବା ମନୋଭାବ ରଖିବା, ଉଚ୍ଚନୀଚ ଭେଦଭାବ ନ ରଖିବା, ପତିଙ୍କୁ ମାନିବା ଇତ୍ୟାଦି ଆହୁରି ଅନେକ କଥା । ଯାହା ସମାଜକୁ ସଂସ୍କାର ମୂଳକ ଶିକ୍ଷା ଦେଇଛି ଲକ୍ଷ୍ମୀ ପୁରାଣ ମାଧ୍ୟମରେ । ମାଣବସା ଅସ୍ପୃଶ୍ୟତା ଦୂରୀକରଣ, ଜାତିଭେଦ ଲୋପ, ପୁରୁଷକୁ ପ୍ରାଧାନ୍ୟ ଦେବାର ହୀନମନ୍ୟତାକୁ ମହତ୍ତ୍ୱ ପ୍ରଦାନ କରିଛି । କବି ଶ୍ରୀୟା ଚଣ୍ଡାଳୁଣୀ ମାଧ୍ୟମରେ ତଥାକଥିତ ସମାଜକୁ ସୁଧାରିବାକୁ ଚାହିଁଛନ୍ତି ରକ୍ଷଣଶୀଳ ମନୋଭାବରୁ । ଯେତେବେଳେ ଲକ୍ଷ୍ମୀ ଶ୍ରୀମନ୍ଦିର ଛାଡି ନଗର ବୁଲି ଯାଇଛନ୍ତି ଅନେକ ଅସ୍ୱଚ୍ଛ ଜନିତ ଘଟଣାମାନ ନଗରସାରା ବୁଲି ଦେଖିଛନ୍ତି କିନ୍ତୁ ଚାଣ୍ଡାଳ ସାହିରେ ପ୍ରବେଶ କରି ଯେତେବେଳେ ଦେଖୁଛନ୍ତି ଶ୍ରୀୟା ଚଣ୍ଡାଳୁଣୀର ବିଷ୍ଣୁ ଭକ୍ତି ପୂଜା ସେତେବେଳେ ପ୍ରସନ୍ନ ହୋଇ ବର ଯାଚିଦେଇଛନ୍ତି । ଏହି ସମୟରେ ଜଗନ୍ନାଥ ଓ ବଳଭଦ୍ର ମୃଗୟାରୁ ମନ୍ଦିରକୁ ଫେରି ଦେଖନ୍ତି ଲକ୍ଷ୍ମୀ ନାହାନ୍ତି ବଳରାମ ଓ ଜଗନ୍ନାଥ ଲକ୍ଷ୍ମୀ ଅଛୁଵ ଘରେ ପଶି ବାରଦୁଆର ବୁଲି ପୁଣି ମନ୍ଦିର ପଶୁଛି, ଛୁଆଁ ଅଛୁଆଁ କିଛି ବାରୁନାହିଁ ଜାଣିପାରି କ୍ଷୁବ୍ଧ ହୋଇ ଲକ୍ଷ୍ମୀଙ୍କୁ ମନ୍ଦିରରୁ ବିତାଡିତ କରିଛନ୍ତି । ପ୍ରତି ବଦଳରେ ମହାଲକ୍ଷ୍ମୀଙ୍କ କୋପ ଫଳରେ ବାରବର୍ଷ ଖାଦ୍ୟ ପାନୀୟ ନ ମିଳିବାର ଅଭିଶାପ ମଧ୍ୟ ପାଇଛନ୍ତି ଏବଂ କହିଛନ୍ତି - ମୁହିଁ ଚାଣ୍ଡାଳୁଣୀ ଯେବେ ଟେକିଦେବି ଅନ୍ନ ଭୋଜନ କରିବ ତୁମେ କାଳୀୟ ଗଞ୍ଜନ । ଜାତିପ୍ରଥା ବିଷୟରେ ସ୍ୱର ଉଠାଇଛନ୍ତି ପ୍ରତ୍ୟେକ ମଣିଷ ମଧ୍ୟରେ ଭଗବାନ ଅଛନ୍ତି ବୋଲି ଲକ୍ଷ୍ମୀ ଶେଷରେ ପ୍ରମାଣିତ କରିଛନ୍ତି । ସେ ଏଥିପାଇଁ ବିଶ୍ୱକର୍ମା, ସରସ୍ୱତୀ, ବେତାଳ, ପଣ୍ଡା ପଡ଼ିଆରୀ ମାନଙ୍କର ସହାୟତା ନେଇ ପ୍ରଭୁ ସେବା ବନ୍ଦ କରିଦେଲେ । ଶେଷରେ ଦୁଇଭାଇ ଲକ୍ଷ୍ମୀଙ୍କ ନଗରରେ ପହଞ୍ଚିଲା ପରେ ପତ୍ନୀ ହିସାବରେ ପ୍ରଭୁଙ୍କ ପ୍ରତି ସମ୍ମାନ ଓ ପ୍ରେମ, ବିଚ୍ଛେଦ ଜନିତ ଅବସାଦକୁ ଶାନ୍ତ କରି ନିଜ ହାତରେ ରୋଷେଇ କରି ଆଦର ସହକାରେ ବାଢ଼ି ଦେଇଛନ୍ତି ଖାଦ୍ୟ ଯାହାକୁ ଖାଇ ତୃପ୍ତ ହୋଇଛନ୍ତି ଦୁଇଭାଇ ଏବଂ ଦୁଇ ଭାଇଙ୍କ ଦୋଷ କ୍ଷମା କରି ବଡଦେଉଳକୁ ଫେରିଯିବାକୁ କହିଛନ୍ତି ଲକ୍ଷ୍ମୀ ସର୍ତ୍ତ ରଖିଲେ, ଯଦି ତାଙ୍କ ମହାପ୍ରସାଦରେ ଚଣ୍ଡାଳ ଠାରୁ ବ୍ରାହ୍ମଣର ଅଧିକାର ରହିବ, ଜାତିଗୋତ୍ରର ଭେଦଭାବ ରହିବନି ମହାପ୍ରସାଦ ପାଇବାରେ କେହି ବି ବଞ୍ଚିତ ହେବେନାହିଁ ତେବେ ଯାଇ ସେ ମନ୍ଦିରକୁ ଯିବେ ଏହା କହିବାରୁ ଜଗନ୍ନାଥ ସମ୍ମତି ପ୍ରକାଶ କଲେ ଏବଂ ଜଗନ୍ନାଥ ଲକ୍ଷ୍ମୀଙ୍କ ବିବାଦର ଅବସାନ ହେଲା । ଲକ୍ଷ୍ମୀ ନାରୀର ସମ୍ମାନ, ମର୍ଯ୍ୟାଦା ପାଇ ଶ୍ରୀମନ୍ଦିରରେ ପ୍ରବେଶ କଲେ । ଜଗନ୍ନାଥ ବଳଭଦ୍ର ମଧ୍ୟ ମନ୍ଦିରକୁ ପ୍ରବେଶ କଲେ । ସେଦିନ ଠାରୁ ବ୍ରାହ୍ମଣ ଚଣ୍ଡାଳ, ଶୁଦ୍ରଙ୍କ ମନ୍ଦିର ପ୍ରବେଶ, ରଥଯାତ୍ରାରେ ସାମିଲ ହେବା ଓ ମହାପ୍ରସାଦ ସେବନ ପ୍ରଚଳିତ ହେଲା । ଛୁଆଁ ଅଛୁଆଁ ଭେଦଭାବ ଦୂର ହେଲା । ଜାତିଧର୍ମ ବର୍ଣ୍ଣର ବାଛବିଚାର ଯୁଗ ଯୁଗକୁ ଦେଖାଇଦେଲା ଯେ ମଣିଷ ମନ ପବିତ୍ର ସମସ୍ତଙ୍କ ଦେହରେ ଭଗବାନ ବିଦ୍ୟମାନ । ଆଚରଣ, ସଂଯମତା, ଶିଷ୍ଟାଚାର, ବ୍ୟବହାର , ସୁମିଷ୍ଟ ବଚନ ଚଣ୍ଡାଳକୁ ମଧ୍ୟ ସାଧୁତାରେ ପରିଣତ କରାଏ । ଏହା ଦ୍ୱାରା ଲକ୍ଷ୍ମୀ ପୂଜାର ଆଦର୍ଶ ଓ ମହନୀୟତା ପ୍ରତିପାଦିତ ହେଲା । ସମାଜରେ ପ୍ରତ୍ୟେକ ମଣିଷର ଆଦର୍ଶକୁ ସମ୍ମାନ କରାଗଲା ।

# ବ୍ୟାଙ୍କ ମିଶ୍ରଣ ନୁହେଁ ବିଶ୍ୱସ୍ତରୀୟ ବ୍ୟାଙ୍କ ସ୍ଥାପନ ଜରୁରୀ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ-୯୩୪୮୪୫୦୯୪

ଭାରତ ଏବେ ବିଶ୍ୱର ୪ର୍ଥ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ଏବଂ ଆଗାମୀ କିଛି ବର୍ଷ ମଧ୍ୟରେ ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବ ବୋଲି କୁହାଯାଉଛି । ଏଭଳି ସମୟରେ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ମଜଭୁତ ଏବଂ ସ୍ଥିର ହେବା ନିହାତି ଆବଶ୍ୟକ । ଏବେ ଦେଶରେ ୧୨ଟି ସରକାରୀ ନିୟନ୍ତ୍ରଣାଧିନ ବ୍ୟାଙ୍କ ରହିଛି । ୨୦୧୭ ରୁ ୨୦୨୦ ମଧ୍ୟରେ ୨୭ଟି ସରକାରୀ ବ୍ୟାଙ୍କର ମିଶ୍ରଣ କରାଯାଇ ୧୨ଟି ସରକାରୀ ବ୍ୟାଙ୍କରେ ପରିଣତ କରାଯାଇଛି । ଏବେ ପୁଣି ସରକାର ଏହି ୧୨ଟି ବ୍ୟାଙ୍କ ମଧ୍ୟରେ ମେଗା ମର୍ଜର (ମିଶ୍ରଣ) କରାଯିବ ବୋଲି କହୁଛନ୍ତି । ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ବାରମ୍ବାର ବ୍ୟାଙ୍କ ଗୁଡିକର ମିଶ୍ରଣ କ'ଣ ପ୍ରକୃତରେ ଦେଶ ପାଇଁ ଲାଭଜନକ ? କ'ଣ ଏଭଳି ମିଶ୍ରଣ କରାଯାଇ ଭାରତ ବିଶ୍ୱର ବୃହତ୍ ବା ବଡ଼ବଡ଼ ବ୍ୟାଙ୍କକୁ ମୁକାବିଲା କରିପାରିବ ? ଏହାର ଉତ୍ତର ଦେଶର ଅର୍ଥଶାସ୍ତ୍ରୀ ମାନଙ୍କୁ ବେଶ୍ ଜଣାଥିବ । ଦେଶରେ ବ୍ୟାଙ୍କର ମିଶ୍ରଣ ନୁହେଁ ବରଂ ନୂଆ ଯୋଜନା/ ଚିନ୍ତାଧାରାର ଆବଶ୍ୟକତା ରହିଛି ବୋଲି ଅନେକ ଅର୍ଥଶାସ୍ତ୍ରୀଙ୍କ ମତ । ଭାରତ ସରକାର ଏଭଳି ଆନ୍ତର୍ଜାତୀୟ ବା ବିଶ୍ୱସ୍ତରୀୟ ବ୍ୟାଙ୍କ ସ୍ଥାପନ କରିବା ଉଚିତ୍ ଯାହାର ମୂଳଦୁଆ ପ୍ରାରମ୍ଭରୁ ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ଯୋଡି ହୋଇଥିବ ଓ ସଂପୃକ୍ତ ବ୍ୟାଙ୍କର ପୁଞ୍ଜି ମଧ୍ୟ ଅଧିକ ଥିବ ଏବଂ ଆନ୍ତର୍ଜାତୀୟ ସ୍ତରରେ କେମିତି ଆଦୃତ ହେବ ସେ ବ୍ୟବସ୍ଥା ଥିବ ।

ବିଗତ କିଛି ବର୍ଷ ହେବ ସରକାରୀ ବ୍ୟାଙ୍କ ଗୁଡିକର ଅବସ୍ଥା ଢେର ସୁଧୁରିଛି । ପୂର୍ବରୁ ସରକାରୀ ବ୍ୟାଙ୍କ ମାନେ କ୍ଷତି ସହୁଥିଲେ ଓ ସେମାନଙ୍କର ଏନ୍‌ପିଏ ମଧ୍ୟ ବଢିଯାଇଥିଲା କିନ୍ତୁ ୨୦୨୩-୨୪ରେ ସରକାରୀ ବ୍ୟାଙ୍କ ଗୁଡିକ ୧.୪୧ ଲକ୍ଷ କୋଟି ଟଙ୍କା ଲାଭ କରିଥିଲେ । ୨୦୨୪-୨୫ରେ ବ୍ୟାଙ୍କ ଗୁଡିକର ଲାଭ ୧.୭୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା । ଏଥିରୁ ସ୍ପଷ୍ଟ ଯେ ମିଶ୍ରଣ ନ କଲେ ମଧ୍ୟ ସରକାରୀ ବ୍ୟାଙ୍କ ଗୁଡିକ ସେମାନଙ୍କ ସ୍ଥିତି ସୁଧାରି ପାରିବେ । ୨୦୧୮ ରେ ସରକାରୀ ବ୍ୟାଙ୍କ ଗୁଡିକର ଖରାପ ଋଣ (ଏନ୍‌ପିଏ) ପାଖାପାଖି ୧୪ ପ୍ରତିଶତ ଥିଲା କିନ୍ତୁ ଏବେ ମାତ୍ର ୩ ପ୍ରତିଶତରେ ପହଞ୍ଚିପାରିଛି । ଏସବୁରୁ ଜଣାପଡୁଛି ଯେ ବ୍ୟାଙ୍କମାନେ ନିଜକୁ ଠିକ୍ କରି ପାରିଛନ୍ତି । ଏଭଳି ଅବସ୍ଥାରେ ବ୍ୟାଙ୍କର ମିଶ୍ରଣ କରାଗଲେ ଏହା ସୁଧୁରିଥିବା ବ୍ୟବସ୍ଥାକୁ ପ୍ରଭାବିତ କରିବାର ଆଶଙ୍କା ମଧ୍ୟ ରହିଛି । ମିଶ୍ରଣ କରାଗଲେ ଦୁଇ ବା ୩ଟି ବ୍ୟାଙ୍କକୁ ଯୋଡିବା (ମିଶ୍ରଣ) ପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥାଏ । ବ୍ୟାଙ୍କ ମାନଙ୍କର କମ୍ପ୍ୟୁଟର ସିଷ୍ଟମକୁ ବଦଳାଇବା, ଆଇଟି ବ୍ୟବସ୍ଥାକୁ ଯୋଡିବା, ବ୍ୟାଙ୍କ ଶାଖା ଗୁଡିକୁ ମିଶାଇବା, ବ୍ୟାଙ୍କ କର୍ମଚାରୀ ମାନଙ୍କ କାର୍ଯ୍ୟସ୍ଥଳ ପରିବର୍ତ୍ତନ କରିବା ଭଳି ଅନେକ ବ୍ୟବସ୍ଥା ମିଶ୍ରଣ ପରେ କରିବାକୁ ପଡିଥାଏ । ଏ ସବୁ ବାବଦରେ ହଜାର ହଜାର କୋଟି ଟଙ୍କା ବ୍ୟୟ କରିବାକୁ ପଡିଥାଏ ଯାହା ଗ୍ରାହାକଙ୍କ ସ୍ୱାର୍ଥକୁ ମଧ୍ୟ ପ୍ରଭାବିତ କରିଥାଏ । ବରଂ ଏ ବାବଦରେ ହେବାକୁ ଥିବା ଖର୍ଚ୍ଚକୁ ଯଦି ବୈଷୟିକ ଜ୍ଞାନ କୌଶଳର ବିସ୍ତାର ଏବଂ ବିଶ୍ୱସ୍ତରୀୟ ବିସ୍ତାର ପାଇଁ ଖର୍ଚ୍ଚ କରାଯିବ ତେବେ ବ୍ୟାଙ୍କ ମାନଙ୍କୁ ଅଧିକ ଫାଇଦା ମିଳିବ ।

ଅନ୍ୟ ଏକ ବଡ଼ ସମସ୍ୟା ହେଉଛି ମିଶ୍ରଣ ପରେ ବ୍ୟାଙ୍କ ବଡ଼ ହୋଇଯାଏ କିନ୍ତୁ ଏହାର କାମ ଧିମେଇଯାଏ । ନିର୍ଣ୍ଣୟ ନେବା ପାଇଁ ଅଧିକ ସମୟ ଲାଗେ । ଶାଖା ମାନଙ୍କରେ ଭିଡ଼ ମଧ୍ୟ ବଢ଼ିବ ଏବଂ ଗ୍ରାହକ ମାନେ ଉତ୍ତମ ସେବା ପାଇବାକୁ ବଞ୍ଚିତ ହେବେ । ଭାରତ ଭଳି ଦେଶର ଅଧିକ ଲୋକ ଗ୍ରାମାଞ୍ଚଳ ଓ ଛୋଟ ଛୋଟ ସହରରେ ରହୁଛନ୍ତି । ଏସବୁ ଅଞ୍ଚଳରେ ବ୍ୟାଙ୍କକୁ ଅଧିକ ମଜଭୁତ କରିବାର ଆବଶ୍ୟକତା ରହିଛି । ଯଦି ଗ୍ରାମାଞ୍ଚଳରେ ଥିବା ବ୍ୟାଙ୍କର ଶାଖାକୁ ବନ୍ଦ କରାଯାଏ ଅଥବା ଶାଖା ଦୂରରେ ରହେ ତେବେ ଗ୍ରାମାଞ୍ଚଳର ଲୋକଙ୍କୁ ଓ ଛୋଟ ବ୍ୟବସାୟୀଙ୍କୁ ହଇରାଣ ହେବାକୁ ପଡିବ । ଯେତେବେଳ ଆମେ ଆନ୍ତଃରାଷ୍ଟ୍ରୀୟ ବ୍ୟାଙ୍କକୁ ଦେଖୁଛେ ସେତେବେଳ ଜଣାପଡୁଛି ଯେ ସେମାନଙ୍କ ଶକ୍ତି କେବଳ ଆକାରରେ ନୁହେଁ ବରଂ ସେମାନଙ୍କର ପ୍ରାରମ୍ଭ ବିଶ୍ୱସ୍ତରୀୟ ଦୂରଦୃଷ୍ଟିରେ ହୋଇଛି । ବୈଷୟିକ ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ଯୋଡିହେବା ଏବଂ ଆନ୍ତଃରାଷ୍ଟ୍ରୀୟ ନେଣଦେଣ କାରବାର କରିବାରେ ସେମାନେ ଅଗ୍ରଣୀ । ଏପରିକି ସାରାବିଶ୍ୱର ସେମାନେ ବ୍ୟାଙ୍କ ବ୍ୟବସ୍ଥାକୁ ପ୍ରସାର କରାଇ ପାରିଛନ୍ତି । ଭାରତ ସରକାର ଯଦି କେବଳ ପୁରୁଣା ଢାଞ୍ଚାକୁ ଯୋଡି ବଡ଼ ବ୍ୟାଙ୍କ କରିବେ ତେବେ ଆନ୍ତଃରାଷ୍ଟ୍ରୀୟ ବ୍ୟାଙ୍କ ମାନଙ୍କର ମୁକାବିଲା କରିବେ କିପରି ?

ଭାରତର ଅର୍ଥବ୍ୟବସ୍ଥା ଏବେ ୪.୧ ଟ୍ରିଲିୟନ ଡ଼ଲାର ପାଖାପାଖି ପହଞ୍ଚିଲାଣି । ଆଗାମୀ ୫ରୁ ୭ବର୍ଷ ମଧ୍ୟରେ ଏହା ୭ ଟ୍ରିଲିୟନ ଡ଼ଲାରରେ ପହଞ୍ଚିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଭାରତ ସରକାର । ଏଭଳି ଦୃତ ବିକାଶ ପାଇଁ ଏମିତି ବ୍ୟାଙ୍କର ଆବଶ୍ୟକତା ରହିଛି ଯିଏ କେବଳ ଘରୋଇ ସୀମାରେ ଦେଶ ଭିତରେ ସୀମିତ ନରହି ବିଶ୍ୱସ୍ତରରେ କାର୍ଯ୍ୟ କରି ପାରିବ । ୨୦୨୫ ଶେଷ ସୁଦ୍ଧା ଭାରତରେ ବ୍ୟାଙ୍କିଙ୍ଗ୍ କ୍ରେଡିଟ ୨୨୦ ଲକ୍ଷକୋଟି ଟଙ୍କାରେ ପହଞ୍ଚିବାର ଅନୁମାନ କରାଯାଉଛି । ଏଭଳି ଅର୍ଥବ୍ୟବସ୍ଥାକୁ ମିଶ୍ରଣ ପରେ ସୃଷ୍ଟି ହେବାକୁ ଥିବା ବଡ଼ ବ୍ୟାଙ୍କ ମାନେ ସମ୍ଭାଳି ପାରିବେ କି ? ସରକାର ଏ ପ୍ରସଙ୍ଗରେ ଦୁଇଟି ସମାନାନ୍ତର ବ୍ୟବସ୍ଥା କରିବା ଆବଶ୍ୟକ । ପ୍ରଥମତଃ ଦେଶର ୧୨ଟି ସରକାରୀ ବ୍ୟାଙ୍କକୁ ସ୍ୱାଧୀନ ଏବଂ ସ୍ଥିର ଭାବେ କାମ କରିବା ପାଇଁ ସୁଯୋଗ ଦେବା ଉଚିତ । ଦ୍ୱିତୀୟତଃ ବିଶ୍ୱସ୍ତରୀୟ ବ୍ୟାଙ୍କ ଗଠନ କରାଯିବା ଆବଶ୍ୟକ ଓ ଏହି ବ୍ୟାଙ୍କ ଯେମିତି ବିଶ୍ୱସ୍ତରର ୫୦ଟି ବ୍ୟାଙ୍କ ତାଲିକାରେ ରହିବ ସେ କଥା ଦେଖିବା ଉଚିତ୍ । ଏହି ବ୍ୟାଙ୍କ ଭାରତର ବିଦେଶୀ ନିବେଶ, ଗ୍ଲୋବାଲ ପ୍ରୋଜେକ୍ଟ ଫାଇନାନ୍ସ, ବିଦେଶୀ ମୁଦ୍ରା କାରବାର ଏବଂ ଆନ୍ତର୍ଜାତୀୟ ବ୍ୟବସାୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ।

ଭାରତ ସରକାର ବୁଝିବା ଉଚିତ୍ ଯେ ମିଶ୍ରଣ କରାଗଲେ ବ୍ୟାଙ୍କ ବଡ ହୋଇପାରେ କିନ୍ତୁ ବିଶ୍ୱସ୍ତରୀୟ ହୋଇପାରିବ ନାହିଁ । ଭାରତ ପାଇଁ ଏବେ ବିଶ୍ୱସ୍ତରୀୟ ବ୍ୟାଙ୍କର ଆବଶ୍ୟକତା ରହିଛି । ବର୍ତ୍ତମାନ ଥିବା ୧୨ଟି ସରକାରୀ ନିୟନ୍ତ୍ରଣାଧିନ ବ୍ୟାଙ୍କୁ ଅଧିକ ମଜଭୁତ କରାଯିବା ଉଚିତ୍ ଓ ସେମାନଙ୍କ ଉପରେ ଅନାବଶ୍ୟକ ମିଶ୍ରଣ ଭଳି ଚାପ ପକାଯିବା ଉଚିତ୍ ନୁହେଁ । ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ଦେଖାଉଥିବା ସରକାର ବୁଝିବା ଉଚିତ୍ ଯେ ବିକଶିତ ଭାରତ ପାଇଁ ନୂଆ ଢାଞ୍ଚାରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଆବଶ୍ୟକତା ରହିଛି । ଏଣୁ ବ୍ୟାଙ୍କ ମିଶ୍ରଣ ଏହାର ସମାଧାନ ନୁହେଁ ବରଂ ବିଶ୍ୱସ୍ତରୀୟ ବ୍ୟାଙ୍କ ସ୍ଥାପନ ହିଁ ବିକଶିତ ଭାରତର ଉଦ୍ଦେଶ୍ୟ ପୂରଣ କରିପାରିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୬୨

## ଦୁର୍ଯ୍ୟୋଧନ ଅପମାନିତ ହେଲେ-୨

ଭୀମସେନ୍ ଶୁଣିଲେ, ଗନ୍ଧର୍ବମାନେ କୌରବମାନଙ୍କୁ ମାରି ଘଉଡେଇ ଦେଇଛନ୍ତି ଏବଂ ଦୁର୍ଯ୍ୟୋଧନଙ୍କୁ ବାନ୍ଧିପକେଇଛନ୍ତି। ତାଙ୍କର ଆନନ୍ଦ କଳିବାର ନୁହଁ। ସେ ବଡଭାଇଙ୍କୁ କହିଲେ - ଆମେ ଯାହା କରିବାକଥା ଗନ୍ଧର୍ବମାନେ କରିଛନ୍ତି । ସେମାନଙ୍କୁ ଆମେ ଧନ୍ୟବାଦ ଦେବା ଉଚିତ୍ । ଦୁର୍ଯ୍ୟୋଧନ ବନ୍ଧା ହେଇଛି । ବାଃ !

ଯୁଧିଷ୍ଠିର ଚମକିପଡ଼ିଲେ। କହିଲେ - ନା ନା । କୌରବମାନେ ଆମର ଭାଇ। ଅଜଣା ଶତ୍ରୁଙ୍କ ଦ୍ୱାରା ସେମାନେ ପରାସ୍ତହେବା, ଆମର ପରାସ୍ତ ସହ ସମାନ । ଏ ତୁମେ କ'ଣ କହୁଚ ଭୀମ ! ସେମାନଙ୍କୁ ରକ୍ଷା କରିବା ଆମର କର୍ତ୍ତବ୍ୟ ।

ଭୀମସେନ୍ ହତବତେଇଗଲେ ।

କହିଲେ - ସେମାନେ ଆମର ଶତ୍ରୁ । କପଟକରି ଆମର ରାଜ୍ୟ ଛଡେଇ ନେଇଛନ୍ତି ଓ ବନବାସ ଦଣ୍ଡ ଦେଇଛନ୍ତି । ସେଇମାନେ ଆମକୁ ଜତୁଘରେ ଜିଅନ୍ତା ମାରିବାକୁ ବସିଥିଲେ, ଈଶ୍ୱରଙ୍କ ଦୟାରୁ ଆମେ ବଞ୍ଚିଗଲେ । ସେମାନଙ୍କର ଭାଇ ଜ୍ଞାନ ଅଛି ? ପଶାଖେଳ ସମୟରେ ଦ୍ରୌପଦୀଙ୍କୁ କି ଲାଞ୍ଛନା ଦିଆଯାଇଥିଲା ଦେଖିନାହାଁନ୍ତି ! ସେଇମାନଙ୍କୁ ସାହାଯ୍ୟ କରିବାକୁ କହୁଛନ୍ତି ?

ଏଇ ସମୟରେ, ଖଣ୍ଡେ ଦୂରତାରେ ଦୁର୍ଯ୍ୟୋଧନର ଆର୍ତ୍ତଚିତ୍କାର ଶୁଭିଲା । ଯୁଧିଷ୍ଠିରଙ୍କର ହୃଦୟ ଅଧିକ ନରମ ହୋଇଗଲା । ସେ ସହସା ଗନ୍ଧର୍ବଙ୍କ ସହ ଯୁଦ୍ଧକରି ଦୁର୍ଯ୍ୟୋଧନକୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଲେ । ଅଧିକ ଯୁକ୍ତିକରିବାକୁ ଭୀମ ସମୟ ପାଇଲେ ନାହିଁ । ଅର୍ଜୁନ ସହ ସେ ଯୁଦ୍ଧଯାତ୍ରା କଲେ । ବାଟରେ ଭେଟିଲେ ଚିତ୍ରସେନ୍ ଓ ତାଙ୍କର ଅନୁଚରଙ୍କୁ । ମାତ୍ର ଚିତ୍ରସେନ, ପାଣ୍ଡବଙ୍କ ସହ ଯୁଦ୍ଧ ଚାହିଁଲେ ନାହିଁ । ଭୀମଙ୍କ କଥାନୁସାରେ ସେ ଦୁର୍ଯ୍ୟୋଧନକୁ ମୁକ୍ତ କରିଦେଲେ । କହିଲେ ଅହଂକାରୀ ଦୁର୍ଯ୍ୟୋଧନକୁ ଶିକ୍ଷାଦେବା



ତାଙ୍କର ଉଦ୍ଦେଶ୍ୟଥିଲା । ଅନ୍ୟ କିଛି ନୁହଁ। ଦୁର୍ଯ୍ୟୋଧନ ଅନ୍ୟମାନଙ୍କ ସହ ହସ୍ତିନାପୁର ଫେରିଲା । ପାଣ୍ଡବମାନଙ୍କ ଦ୍ୱାରା ମୁକ୍ତ ହେବା ଘଟନାକୁ ସେ ସହ୍ୟ କରିପାରୁନଥିଲା । ଭାବୁଥିଲା, ଚିତ୍ରସେନ ହାତରେ ମରିଯାଇଥିଲେ ବରଂ ଭଲ ହୋଇଥାନ୍ତା ।

କହିଲା ଭାଇ ଦୁଃଶାସନକୁ - ମୁଁ ଖାଦ୍ୟ ଗ୍ରହଣ କରିବିନାହଁ । ବଞ୍ଚି ଲାଭ ନାହିଁ । ମରିବି । ତୁ ରାଜ୍ୟ ସମ୍ଭାଳ ।

ବଡ଼ଭାଇଙ୍କର ପାଦଧରି କାନ୍ଦିଲା ଦୁଃଶାସନ ।

କର୍ଣ୍ଣ କହିଲା - ଏହା ଦ୍ୱାରା କ'ଣ କୁରୁବଂଶର ସମ୍ମାନ ବଢିବ ? ବରଂ ଶତ୍ରୁ ଶକ୍ତିଶାଳୀ ହେବେ । ପାଣ୍ଡବମାନଙ୍କୁ ଦେଖ । ଲଜ୍ଜା ଅପମାନ ପାଇବା ପରେ ମଧ୍ୟ ବଞ୍ଚିରହିଚନ୍ତି !

ଶକୁନି ହସ୍ତକ୍ଷେପ କଲେ । କହିଲେ - କାହିଁକି ବୋକାଙ୍କପରି କଥା କହୁଚ ! ଏପର୍ଯ୍ୟନ୍ତ ଯାହା କରିଚ ଯଦି ପ୍ରକୃତରେ ଅନୁତାପ କରୁଥାଅ, ତେବେ ସିଧା ପାଣ୍ଡବଙ୍କ ପାଖକୁ ଯାଅ । ସେମାନଙ୍କୁ କ୍ଷମାମାଗି ସେମାନଙ୍କ ରାଜ୍ୟ ଫେରେଇଦିଅ ।

ଏଇପରି ଶୁଣିବାପରେ ଦୁର୍ଯ୍ୟୋଧନର ଅନୁତାପ ଉଭେଇଗଲା ଓ ତା'ର କ୍ରୂର ମନୋଭାବ ବଢିବାରେ ଲାଗିଲା । ରାଜ୍ୟ ଫେରେଇବା ଠୁ ମୃତ୍ୟୁ ଭଲ ।

"ନା ଅସମ୍ଭବ । ପାଣ୍ଡବମାନଙ୍କ ଉପରେ ମୁଁ ବିଜୟଲାଭ କରିବି ।" - ଚିତ୍କାର କଲା ଦୁର୍ଯ୍ୟୋଧନ ।


କର୍ଣ୍ଣ ଖୁସିପ୍ରକାଶ କଲେ - "ସାବାସ୍ ରାଜା ସାବାସ୍ !"

କହିଲେ - ବଞ୍ଚିରହିଲେ ସିନା କିଛି ଭଲ କରିପାରିବା, ମରିଗଲେ କ'ଣ ହେବ ! ଶୁଣ ! ତେରବର୍ଷ ପୂରିଯାଉ, ମୁଁ ଅର୍ଜୁନଙ୍କୁ ନିଶ୍ଚିତ ମାରିଦେବି । ହେଇ ଖଣ୍ଡାଛୁଇଁ ଶପଥ କରୁଛି ।

କୌରବମାନେ ଆନନ୍ଦରେ କୁରୁଳିଉଠିଲେ ।

ସମସ୍ତେ ହସ୍ତିନାପୁରରେ ପହଞ୍ଚିଲେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଆସ ମାଆ ଅନ୍ନପୂର୍ଣ୍ଣା

*ନଳିନୀ ଦାଶ*

ଆସ ମାଆ ମହାଲକ୍ଷ୍ମୀ ପ୍ରଣତି କରୁଛି
ଶୁଦ୍ଧ ଜଳେ ଧୋଇ ଘର ତୋରଣ ବାନ୍ଧିଛି
ଗୋମୟରେ ଅଗଣାକୁ ଲିପି ମୁଁ ରଖିଛି
ଝୋଟି ଲେଖି ପାଦ ପଦ୍ମ ଆଙ୍କି ମୁଁ ଦେଇଛି ।
ଆସ ମାଆ ଅନ୍ନପୂର୍ଣ୍ଣା ବିଜେ କର ପୁରେ
ଧୋଇଦେବି ଶ୍ରୀଚରଣ ସୁବାସ ଜଳରେ
ବସାଇ ପୂଜିବି ଫୁଲ ସଜା ଖଟୁଲିରେ
ନୈବେଦ୍ୟ ବାଢ଼ିବି ମା'ତୁମ ଆଗରେ ।
ଅତି ଦୟାମୟୀ ତୁମେ ସାଗର ଦୁଲ୍ଲଣୀ
ଅନ୍ତରେ ଡାକିଲେ ଭକ୍ତ ଡାକ ପାର ଶୁଣି
ତୁମେ ଶୁଭ ଆଶୀର୍ବାଦ ଦେଇଥାଅ ବୁଣି
ଧନ ଐଶ୍ୱର୍ଯ୍ୟରେ ଭର ଲକ୍ଷ୍ମୀ ସାଆନ୍ତାଣୀ ।
ସମୁଦ୍ର ମନ୍ଥନୁ ଆଣି ଅମୃତ କଳସ
ଧରଣୀରେ ସିଞ୍ଚି କଲ ବିଷକୁ ପିୟୂଷ
ନଡ଼ାକଇ ଯେଉଁ ଜନ କରିଥାଅ ରୋଷ
କ୍ଷଣକରେ କରିଦିଅ ସବୁ ସର୍ବନାଶ ।
ମଗୁଶୁର ମାସ ପୁଣ୍ୟ ଗୁରୁବାର ଦିନ
କାଦାଚିତେ ନକର ଆମିଷ ଭକ୍ଷଣ
ତୁମ ପୂଜା କରିଥାନ୍ତି ଆଜି ନାରୀଗଣ
ଶ୍ରଦ୍ଧା ଭକ୍ତିରେ ବସାନ୍ତି ଘରେ ଆଜି ମାଣ ।
ଦିବ୍ୟରୂପ ଦରଶନ ଯେ ନାରୀ କରନ୍ତି
ହୃଦେ ମହାଲକ୍ଷ୍ମୀ ନାମ ସଦା ସୁମରନ୍ତି
ଜାତି ଭେଦଭାବ ମାଆ କିଛି ନଦେଖନ୍ତି
ଭକ୍ତିରେ ତୋଷ ହୋଇ ଗୃହେ ପ୍ରବେଶନ୍ତି ।
ଲକ୍ଷ୍ମୀ ଫରୁଆ ଦିଅନ୍ତି ଆନନ୍ଦ ଚିତ୍ତରେ
ସୁନାର କଳସ ଢ଼ାଳି ଦିଅନ୍ତି ମଥାରେ
ଗୋ ସନ୍ତାନ ପାଇଥାନ୍ତି ଲକ୍ଷ୍ମୀଙ୍କ ଦୟାରେ
ଘର ତାର ଭରିଯାଏ ଧନ ସମ୍ପତ୍ତିରେ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ମାଣବସା ଶେଷ ଗୁରୁବାର

*ଦଶରଥ ମାଝୀ*

ମାଣବସା ଶେଷ ଗୁରୁବାର ଦିନେ
ସ୍ନାନ ଆଦି କ୍ରିୟା ସାରି
ଲକ୍ଷ୍ମୀଙ୍କ ପୂଜାରେ ଲାଗିଥାଏ ମାଣ
ବସାଏ ଯତନ କରି (୧)
ଘରଦ୍ୱାର ସବୁ ଲିପାପୋଛା କରି
ଲିପି ନାଳି ଗେରୁ ମାଟି
ଲକ୍ଷ୍ମୀ ପାଦ ଚିହ୍ନ ଧାନଶିଷା ଚିତା
ଦୁଆରେ ପକାଏ ଝୋଟି (୨)
ବୁଧବାର ଦିନ ସଂଗ୍ରହ କରନ୍ତି
ଆଖୁ ଆମ୍ବଡାଳ ଅଁଳା
ବରକୋଳି ପତ୍ର ପଦୁଅଁ କୁସୁମ
ଦୁବ ଗେଣ୍ଡୁଫୁଲ ମୂଳା (୩)
ମାଣବସା ଦିନେ ଓଡ଼ିଆ ଗୃହିଣୀ
ଶୁକ୍ଳବସ୍ତ୍ର ପରିଧାନ
ହଳଦୀ ପାଣିରେ କମଳା ମାଆଙ୍କୁ
ଭକ୍ତିରେ କରନ୍ତି ସ୍ନାନ (୪)
ଲକ୍ଷ୍ମୀ ମାଆଙ୍କର ମାଣବସା କରେ
କରି ଭବ୍ୟ ଆରାଧନା
କଳସ ବସାଇ ଧୂପ ଝୁଣା ଦେଇ
କରିଥାଏ ବନ୍ଦାପନା (୫)

*କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*





# ଆଜି ମଗୁଶୁର ଶେଷ ମାଣବସା...

*ରାମଚନ୍ଦ୍ର ବେହେରା*

ଆଜି ମଗୁଶୁର ଶେଷ ମାଣବସା
ପରାଣେ ଜାଗିଛି ଭକ୍ତି
ଶଂଖ ହୁଳହୁଳି ପବିତ୍ର ଧ୍ୱନିରେ
ହେବ କମଳାଙ୍କ ନୀତି ।
ଦାଣ୍ଡ ଦୁଆରରୁ ଧାନ ଖଳା ଯାଏ
ଚମକିବ ଝୋଟି ଚିତା
ସକାଳ ମଧାହ୍ନ ସନ୍ଧ୍ୟା ବିଧି ସହ
ପୂଜା ହେବେ ଲକ୍ଷ୍ମୀମାତା ।
ସ୍ୱଚ୍ଛତା ପରଖି ପାଦ ଥାପିଥାପି
ଆସିବେ ମା'କମଳିନୀ
ଘିଅ ଦୀପ ସହ ଧୂପ ନୈବେଦ୍ୟରେ
ହେବ ମାତା ଆଗମନୀ ।
ପାଟ କପଡାରେ ନବବଧୂ ସାଜି



ବସିବେ ଖଟୁଲି ପରେ
ଗେଣ୍ଡୁ ପଦୁଅଁର ମାଳା ପିନ୍ଧି ମାତା
ଚମକିବେ ଘରେ ଘରେ ।
ମଣ୍ଡାପିଠା ଖିରି ଚିତଉ ଖେଚୁଡି
ବାଳଭୋଗ ଲାଗି ହେବ
ଲକ୍ଷ୍ମୀ ପୁରାଣର ସୁମଧୁର ସ୍ୱର
ଦାଣ୍ଡକୁ ଭାସି ଆସିବ ।
ଭକ୍ତି ନିଷ୍ଠା ଦେଖି ଖୁସିହୋଇ ମାତା
ଢାଳିବେ କରୁଣା ବାରି
ଧନ ସମ୍ପଦରେ ଭଣ୍ଡାର ପୂରିବ
ଦୁଃଖ ଯିବ ଅପସରି ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୨୪୬*

# ମାଆ ଅନ୍ନପୂର୍ଣ୍ଣା

*ମନୋଜ କୁମାର ମେହେର*

ଆଜି ଭୋରରୁ....
ଦାଣ୍ଡ ପିଣ୍ଡା ଗୁଡ଼ିକ
ସୁସଜ୍ଜିତ ହୋଇଛି
ଗୋବର ପୋଛା ସହିତ
ଚାଉଳ ଚୂନାର ଝୋଟି ॥

ଆଜି ମାଣବସା ଗୁରୁବାର ....
ସକାଳୁ ଚାରିଆଡ଼େ
ହୁଳହୁଳି ଓ ଶଙ୍ଖନାଦ,
ଲକ୍ଷ୍ମୀ ପୁରାଣ ଗୀତରେ
ଚାରି ଆଡ଼େ ମହକି ଉଠୁଥିଲା ॥
କି ସୁନ୍ଦର...
ଭକ୍ତିମୟ ପରିବେଶ ॥

ହେଲେ, ଆଜି ବି.....
ଅନ୍ନର ଅଭାବ !
କିଏ ପେଟ ପାଇଁ ଭିକ ମାଗୁଛି ତ
କିଏ ଅଇଁଠା ପାଇଁ ଅପେକ୍ଷା କରିଛି ॥
ତ କିଏ ଭୋକିଲା ପେଟରେ
ଆଁ କରି ଅପେକ୍ଷା କରିଛି
ମୁଠାଏ ଅନ୍ନ ପାଇଁ ॥

ମାଁ, ଆ ଥରେ....
ଥରେ ଆସି ଦେଖିଯା ଧରାପୃଷ୍ଠେ,
ଆଜି ମାନବର କରୁଣ ଚିତ୍କାର,
ଖାଦ୍ୟ ପାଇଁ ଚାରି ଆଡ଼େ ହାହାକାର....
ଖୋଲିଦେ ତୋ ଅନ୍ନ ଭଣ୍ଡାର
ଖାଦ୍ୟ ଅଭାବ ହୋଇଯାଉ ଦୂର ॥

*ଜୁନାଗଡ଼, କଳାହାଣ୍ଡି*
*ମୋ-୯୩୩୭୭୯୩୧୫୭*

# ନଥାଏ ତାର ବାଦ ବିଭେଦ

*ସୁଜିତ କୁମାର ମିଶ୍ର*

ସୂରୁଜ ଦିଏ ଆଲୋକ ବାଣ୍ଟି
ସାରା ଜଗତ ପାଇଁ,
ତା'ଅବଦାନେ ଜୀଇଁଛୁ ଆମେ
ସୁଖର ଗୀତ ଗାଇ ।

ତା'ର ଛୁଆଁରେ ଅନ୍ଧାର ହଟେ
ନୂଆ ସକାଳ ଆସେ,
ପରାଣେ ଆମ ପୁଲକ ଜାଗେ
ମନ୍ଦ ଭାବନା ନାଶେ ।

ସୂରୁଜ ତାତି କିରଣ ପାଇଁ
ଗଛ ଆହାର ପାଏ,
ସବଳ ହୋଇ ଜୀବଜଗତେ
ଅମଳଜାନ ଦିଏ ।



ସକଳ ଜୀବ ବଣଜଙ୍ଗଲ
ବଞ୍ଚେ ତାହାରି ପାଇଁ,
ତା'ର ତତଲା କିରଣେ ଜଳ
ଯାଏ ଆକାଶ ଧାଇଁ ।

ସୂରୁଜ କରେ ଦିନରୁ ରାତି
ରାତିରୁ ଦିନ ପୁଣି,
ଋତୁଚକ୍ରଟି ଘୁରଇ ନିତି
ବିବିଧ ପାଗ ଆଣି ।

ସୂରୁଜ ସମ ଜଗତେ କେହି
କରେନା ଉପକାର,
ନଥାଏ ତାର ବାଦ ବିଭେଦ
ଅବା ଆପଣା ପର ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ବୋଉତ କରୁଚି ମାଆଙ୍କ ପୂଜା

*ପ୍ରଶାନ୍ତ କୁମାର ଦାଶ*

ଝୋଟି ଚିତା ଦିଆ ଘରଟି ହେଇଚି
ସରସ ସୁନ୍ଦର ଅତି
ବୋଉ ସଜେଇଚି ଘରକୁ ଆମର
ପାହିବା ଆଗରୁ ରାତି ॥
ତୋଳିଆଣି ଫୁଲ କରିଚି ସୁନ୍ଦର
ମାଳ କେତେ ମୀନାଅପା
ମହାଲକ୍ଷ୍ମୀଙ୍କର ପଦ୍ମଫୁଲ ପ୍ରିୟ
ଆଣିଛନ୍ତି ତୋଳି ବାପା ॥
ରଙ୍ଗୀନ୍ କପଡା ନୂଆପିଢ଼ା ପରେ
ଲକ୍ଷ୍ମୀଙ୍କ ମୂରତି ଥୋଇ
ସକାଳୁ ସକାଳୁ ପୂଜୁଚି ମାଆଙ୍କୁ
ବୋଉ ଯେ ବିନୟ ହୋଇ ॥
ଖୁଡି ତିଆରୁଛି କ୍ଷୀରି ପିଠା ସାଥେ
ଖେଚେଡ଼ି ଲଗେଇ ମନ
ଆଇ ତ ପଢୁଛି ଲକ୍ଷ୍ମୀଙ୍କ ପୁରାଣ
ଦେବେ କମଳିନୀ ଧନ ॥
ବଜାରକୁ ଯାଇ ଅଜା ଆଣିଛନ୍ତି
କେତେଯେ ପରିବା ଫଳ
ବୋଉତ ଜଣାଏ ଇନ୍ଦିରାଙ୍କୁ ଦୁଃଖ
ଢାଳି ତାର ଲୁହ ଜଳ ॥
ଗାଧୋଇ ସାରିବା ପରେ କୁନା କୁନି
ମାଆଙ୍କ ପାଖକୁ ଯାଇ



ମାରନ୍ତି ମୁଣ୍ଡିଆ ମହାଲକ୍ଷ୍ମୀଙ୍କର
ମିଠା ଗୀତଟିଏ ଗାଇ ॥
ଏଇ ମଗୁଶୁରେ ପ୍ରତି ଘରେ ଘରେ
ହୁଏ ଲକ୍ଷ୍ମୀଙ୍କର ପୂଜା
ସେ ହେଲେ ସଦୟ ସାରା ସଂସାରରେ
ଖୋଲିଯାଏ ହସ ମଜା ॥

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୭୮୮୨୨୧୯୦*



# ସୁଲୁସୁଲୁ ବାଆ ବହିଲାଣି

*କୁଞ୍ଜବିହାରୀ ସାହୁ*

ସୁଲୁସୁଲୁ ବାଆ ବହିଲାଣି
ଥିରିଥିରି ଶୀତ କହିଲାଣି
ସକାଳ-ସଞ୍ଜରେ ଅଣ୍ଡାରେ ବୁଲନା
କୁହୁଡ଼ି ବାଟକୁ ଛୁଇଁଲାଣି ।

ଦେଖରେ ପିଲାଏ ଟୋପା ଟୋପା
କାକର ପଡୁଛି ଥୋପା ଥୋପା
କଅଁଳ ପତରେ ଲଟକି ଯାଉଛି
କିରଣେ ଦିଶୁଛି ସଫା ସଫା ।

ସକାଳେ ବ୍ୟାୟାମ କରୁଥାଆ
ମୁଣ୍ଡରେ ଟୋପିଟେ ଭରୁଥାଆ
ଖୁସି ମଉଜରେ ସାଙ୍ଗସାଥୀ ମେଳେ
ଗୀତର ସୁରଟି ଧରୁଥାଆ ।

ଶୀତର କଥାଟି ଶୁଣିଦେଲି
ମନେ ମନେ ଖୁସି ହୋଇଗଲି
ସତରେ ବଢିଆ ଶୀତୁଆ ପାଗଟା
ମଜା ମଉଜରେ ବିତେଇଲି ।

*ପାତ୍ରପଡ଼ା, ଭୁବନେଶ୍ୱର*
*ମୋ-୭୦୦୮୧ ୪୨୦୪୦*

# ଶୀତ ଓ ନେତୀ ନାନୀ

*ଶରତ କୁମାର ଦାସ*

ଶୀତ ସକାଳର ନରମ ଖରାରେ
ନେତୀ ନାନୀ ନିଆଁ ପୋଉଁଛି ବସି,
ଆଜି ବି ଚଞ୍ଚଳ ସେସବୁ କାମରେ
ଯଦିବା ତାହର ବୟସ ଅଶୀ ।

ନିଆଁ ପୋଉଁପୋଉଁ ପାକୁଆ ପାଟିରେ
ଖୋଲିଯାଏ ତା'ର ଗପର ପେଡ଼ି,
ଶୁଣିବାକୁ ଗପ ଲାଗିଯାଏ ଭିଡ଼
ଛୁଆ ଠାରୁ ବଡ଼ ବସନ୍ତି ବେଢ଼ି ।

କାକର ଟୋପାକୁ ଡରେ ନାହିଁ କେବେ
ଭିଜୁ ପଛେ ତା'ର ଦେହଟି ଯାକ,
ଥୁରୁଥୁରୁ ହାତ ଥୁରୁଥୁରୁ ଗୋଡ଼
ଧୁଡୁଧୁଡୁ ଚମ ହଜାରେ ବାଙ୍କ ।

ଘରେ ନାହିଁ ଭଲ କନ୍ଥା କି କମ୍ବଳ
ଚିରା ଚାଦରରେ ଦେହକୁ ଢାଙ୍କେ,
ସଂଜ ଗଡ଼ିଗଲେ ଭଙ୍ଗା କୁଡ଼ିଆରେ
ଶୀତ ରାତିର ସେ ଚିତର ଆଙ୍କେ ।

ଯେବେ ଆସେ ମଗୁଶୁର ଗୁରୁବାର
ରାତି ନପାହୁଣୁ ବିଛଣା ଛାଡ଼େ,
ଡରେନାହିଁ ଜମା ଜାଡ଼ର ଦାଉକୁ
ହାତେ ଝାଡୁ ଧରି ପାଦକୁ କାଢ଼େ ।

ଲିପାପୋଛା ଯେତେ ବାସି କାମ ସାରି
ଦାଣ୍ଡ ଅଗଣରେ ପକାଏ ଝୋଟି,



ନଇଁ ନଇଁ ବାଟ ଚାଲୁଥାଏ ସଦା
ଚେହେରାରୁ ଲାଗେ ଟିକିଏ ମୋଟି ।

ସଂସାର କହିଲେ ଏକୁଟିଆ ସିଏ
ଆହା କହିବାକୁ କେହି ତ ନାହିଁ,
ଯେତେ ଦୁଃଖ ଆସୁ ସବୁ ସହି ନିଜେ
ଛିଡ଼ାହୁଏ ଆନ ବିପଦେ ଯାଇ ।

ସୁଖେଦୁଃଖେ ତାର କାଳିଆ ଭରସା
ହସିଦେଇ କହେ ପଚାରେ ଯିଏ,
ଗଲାଣି କାଳକ ଅଛି ତ ବେଳାକ
ମାରିବ ଯେବେ ସେ ରଖିବ କିଏ ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ବଡ଼ବିଲ ମହାବିଦ୍ୟାଳୟ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

# ଶୀତ କରେ ଜଗତ ହିତ

*ଜଗଦୀଶ ସାହୁ*

ଆସରେ ମିତ
ନାଚି ଡେଇଁ ଆମେ ଗାଇବା ଗୀତ
ଶୀତ କରେ ପରା ଜଗତ ହିତ ।
ସୋରିଷ ପାଟ
ପବନ ଦୋଳିରେ କରୁଛି ନାଟ
ହାଟକୁ ମୁଣ୍ଡିଆ କଡ଼ରେ ବାଟ ।
ବବୁଲମିଆଁ
ସାଇତିଛି ପଲେ କୁକୁଡ଼ାଚିଆଁ
ନିଆଁ ଜାଳି ସେକି ଦଉନି କିଆଁ ।
ପରାଜପତି
ଉଡ଼ି ବୁଲୁଥାଏ ଫୁଲର କତି
ଗତି ଫରଫର ଚଞ୍ଚଳ ମତି ।
ଜାଡିଲା ପାଣି
ମାଠିଆ ଭାଙ୍ଗିଲା ନଣଦ ରାଣୀ
କାଣି କହେ କଥା ଦେଖେଇ ଠାଣି ।
କାକର ଝରା
ଶୀତ ସକାଳକୁ ଗରମ ବରା
ଧରାକୁ ସୁନ୍ଦର କଅଁଳ ଖରା ।

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*



# ଶୀତ ସକାଳର କଅଁଳ ଖରା

*ପ୍ରଫୁଲ୍ଲ କୁମାର ସାହୁ*

ଶୀତ ସକାଳର କଅଁଳ ଖରା
ଚୁପି ଚୁପି ଯେବେ ଛୁଅଁଇ ଧରା
କୁହୁଡ଼ିର ଛାତି ଚିରି,
ଘାସ ପଡ଼ିଆରେ କାକର ବିନ୍ଦୁଟି
ହସି ଉଠେ କିରି କିରି ।୧।

ମୁକୁତା ବିନ୍ଦୁଟି ପରି ସେ ଦିଶେ
ଚଉଦିଗେ ଚାହିଁ ମୁରୁକି ହସେ
ଖରା ଯେବେ ଟାଣ ହୁଏ,
ଘାସ ପଡ଼ିଆରେ ସବୁଜିମା ଭରି
କେଉଁଠି ଉଭେଇ ଯାଏ ।୨।

ସକାଳ ସଞ୍ଜରେ ଶୀତର ଦାଉ
ଆମ ପାଶେ ଆସି ଦେଖାଏ ଭାଉ
ଦେହ ଥରେ ଥୁରୁ ଥୁରୁ,
ଫୁଲ ବଗିଚାରୁ ଫୁଲର ମହକ
ଭାସି ଆସେ ଭୁରୁ ଭୁରୁ ।୩।

ପଶମ ପୋଷାକ ସଭିଏଁ ପିନ୍ଧି
ଉଲ୍ ମଫଲର ମୁଣ୍ଡରେ ବାନ୍ଧି
କରନ୍ତି ନିଜର କର୍ମ,
ଶୀତ କାକରକୁ ନକରି ଖାତର
ପାଳିଥାନ୍ତି ନିଜ ଧର୍ମ ।୪।

ଗାଆଁ ଦାଣ୍ଡେ ଲୋକେ ନିଆଁକୁ ଜାଳି
ଘେରି ବସିଥାନ୍ତି ବାନ୍ଧି ସେ ମେଳି
ସକାଳ ସଞ୍ଜରେ ଦେଖ,
ନିଆଁ ଦେଇ ଥାଏ ଉଷୁମ ପରଶ
ଶୀତ ନ ଆସଇ ପାଖ ।୫।

ରାତି ବଡ଼ ଦିନ ଲାଗଇ ସାନ
ଗରମ ଖାଦ୍ୟରେ ସଭିଙ୍କ ମନ
ସୁଆଦ ଲାଗଇ ଭାରି,
ଶୀତ ଦିନେ ମାଆ ହାତ ଗଢା ପିଠା
(ଆସ) ଖାଇବାରେ ମନ ଭରି ।୬।

*ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶକ୍ତି ବିହାର/ ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# ନିଜକୁରେ ଛୋଟ ମଣିବ ନାହିଁ

*ସୁରମା ମିଶ୍ର*



ଜଙ୍ଗଲରେ ଥିଲା ହାତୀଟିଏ
ବଡ ଅମାନିଆଁ ଦୁଷ୍ଟ ସିଏ
ଗଛ ଡାଳ ସବୁ ଭାଙ୍ଗି ଦିଅଇ
ପକ୍ଷୀଙ୍କର ବସା ନଷ୍ଟ କରଇ ॥
ଅଣ୍ଡା ତଳେ ପଡ଼ି ଯାଏଲୋ ଭାଙ୍ଗି
ମନଦୁଃଖ ହୁଏ ଛୁଆଟେ ଲାଗି
ଦିନେ ପକ୍ଷୀମାନେ ବିଚାର କଲେ
ହାତୀ ପାଖେ ଯାଇ ଗୁହାରି ହେଲେ ॥
ଅମାନିଆ ହାତୀ ମାନିଲା ନାହିଁ
ପାରିଲେ ନାହିଁରେ କେହି ବୁଝାଇ
ସବୁ ପକ୍ଷୀ ଦିନେ ସଭା କରିଲେ
ମନ କଥା ଯାକ ଖୋଲି କହିଲେ ॥
ଚାଲ ଆଉ ଗୋଟେ ବଣକୁ ଯିବା
ଅଣ୍ଡା ଦେଇ ବଂଶ ବୃଦ୍ଧି କରିବା
ଛୋଟ ପିମ୍ପୁଡ଼ିଟେ ଗାତରୁ ଆସି
ସଭା ମଧ୍ୟକୁ ସେ ଗଲାରେ ପଶି ॥
କହିଲା ମୋ କଥା ଶୁଣରେ ଶୁଣ
ଯାଅ ନାହିଁ ତୁମେ ଛାଡ଼ି ଏ ବଣ
ଅଚିନ୍ତାରେ ଯାଇ ବାନ୍ଧ ହେ ବସା
ପାନେ ପାଇବ ସେ ହାତୀ ମଉସା ॥
ଏହା କହିଦେଇ ପିମ୍ପୁଡ଼ି ଗଲା
ସାଙ୍ଗ ମାନଙ୍କୁ ସେ ଡ଼ାକି ଆଣିଲା
ହାତୀ ଶୋଇଥିଲା ଗହମ ନିଦ
ପିମ୍ପୁଡ଼ିମାନେରେ ସାଧିଲେ ବାଦ ॥
ଦୁଇ କାନେ ତାର ପଶିଣ ଗଲେ
ହାତୀର ନିଦଟା ସେ ଭାଙ୍ଗି ଦେଲେ
କଲବଲ ହୋଇ ହାତୀ ଉଠିଲା
ଲାଞ୍ଜରେ ଦୁଇ କାନକୁ ପିଟିଲା ॥
ପିମ୍ପୁଡ଼ି ହାତୀକୁ କାମୁଡୁଥାନ୍ତି
ବିକଳେ ବାଡ଼େଇ ହୁଅଇ ହାତୀ
ପାଖରେ ନଈଟିଏ ବହୁଥିଲା
ହାତୀ ଯାଇ ସେ ପାଣିରେ ବୁଡିଲା ॥
କାନରୁ ପିମ୍ପୁଡ଼ି ଗଲେ ବାହାରି
ହାତୀ ସେ ବଣକୁ ଗଲାନି ଫେରି
ପକ୍ଷୀମାନେ ଖୁସି ମନେ ରହିଲେ
ଅଣ୍ଡା ଦେଇ ବଂଶବୃଦ୍ଧି କରିଲେ ॥
ଛୋଟ ଜୀବ ସିନା ବୁଦ୍ଧି ତା ତିଖ
ତାଠାରୁ କିଛିଟା ଶିଖରେ ଶିଖ
ନିଜକୁରେ ଛୋଟ ମଣିବ ନାହିଁ
କାମ କରୁଥିବ ବୁଦ୍ଧି ଖଟାଇ ॥

*ବିଏଲ ୩୯, ଭିଏସ୍ଏସ୍ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଅନ୍ତର୍ଜାତୀୟ କ୍ରିକେଟରେ ୮୪ତମ ଶତକ ହାସଲ କଲେ କୋହଲି

**ରାଏପୁର**

ବିରାଟ କୋହଲି ତାଙ୍କର ୫୩ତମ ଓଡିଆଇ ଶତକ ହାସଲ କରିଛନ୍ତି। ରାୟପୁରରେ ଖେଳାଯାଇ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆରେ ସେ ଏହି ସଫଳତା ହାସଲ କରିଛନ୍ତି। ଏହା ବିରାଟଙ୍କ ୮୪ତମ ଅନ୍ତର୍ଜାତୀୟ ଶତକ ମଧ୍ୟ। ସେ ଦ୍ୱିତୀୟ ଦିନିକିଆରେ ୯୯ବଲରେ ତାଙ୍କର ଶତକ ପୂରଣ କରିଛନ୍ତି। କୋହଲି କ୍ରମାଗତ ତୃତୀୟ ମ୍ୟାଚ୍‌ରେ ୫୦ କିମ୍ବା ତା'ଠାରୁ ଅଧିକ ରନ କରିଛନ୍ତି ଏବଂ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ଶତକ।



ବିରାଟ କୋହଲି ବିଶ୍ୱର ପ୍ରଥମ କ୍ରିକେଟର ଯିଏ ଓଡିଆଇ କ୍ରିକେଟରେ ୧୧ ଥର ଦୁଇଟି ଇନିଂସରେ ଲଗାତାର ଶତକ ହାସଲ କରିଛନ୍ତି। କ୍ରମାଗତ ଓଡିଆଇ ଇନିଂସରେ ଶତକ ତାଲିକାରେ ବିରାଟଙ୍କ ପରେ ଅଛନ୍ତି ଏବି ଡିଭିଲିୟର୍ସ, ଯିଏ ଏପରି ୬ ଥର କରିଛନ୍ତି। ଏହି ପୂର୍ବତନ ଭାରତୀୟ ଅଧିନାୟକ ତାଙ୍କର ଶେଷ ତିନୋଟି ଇନିଂସରେ ଦକ୍ଷିଣ ଆଫ୍ରିକା ଦଳକୁ ନିଦ ହଜାଇ ଦେଇଛନ୍ତି। ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ଶେଷ ତିନୋଟି ଦିନିକିଆ ଇନିଂସରେ ଶତକ ହାସଲ କରିଛନ୍ତି। ପୂର୍ବରୁ, ସେ ୨୦୨୩ ଦିନିକିଆ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୧୦୧ ରନ କରିଥିଲେ। ସେ ଚଳିତ ସିରିଜର ଉଭୟ ଇନିଂସରେ ମଧ୍ୟ ଶତକ ହାସଲ କରିଛନ୍ତି।

## ବିଶାଳ ସ୍କୋର କରି ହାରିଲା ଭାରତ

# ସିରିଜ୍ ୧-୧ରେ ବରାବର କଲା ଦ. ଆଫ୍ରିକା

**ରାୟପୁର**

ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ବିଶାଳ ସ୍କୋର କରି ବି ପରାଜୟର ମୁହଁ ଦେଖିଛି ଭାରତ। ଦ୍ୱିତୀୟ ଦିନିକିଆକୁ ୪ ୱିକେଟ୍‌ରେ ଜିତି ଦକ୍ଷିଣ ଆଫ୍ରିକା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ୧-୧ରେ ବରାବର କରିଛି। ଭାରତ ମାଟିରେ ସବୁଠୁ ବଡ଼ ବିଜୟ ଲକ୍ଷ୍ୟ ହାସଲ କରି ଇତିହାସ ରଚିଛି ଦକ୍ଷିଣ ଆଫ୍ରିକା। ବିରାଟ କୋହଲି ଓ ଋତୁରାଜ ଗାଏକ୍ୱାଡ଼ଙ୍କ ଶତକ ବୃଥା ହୋଇଛି। ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ୱିକେଟ୍ ହରାଇ ୩୫୮ ରନ କରିଥିଲା। ଯାହାକୁ ଭ୍ରମଣକାରୀ ଦଳ ୪୯.୨ ଓଭରରେ ୬ ୱିକେଟ୍ ହରାଇ ହାସଲ କରି ନେଇଛି। ଆଡନ ମାରକ୍ରମଙ୍କ ୧୧୦ ରନ ସହ ମାଥ୍ୟୁ ବ୍ରିଟଜକେ ଓ ଡିୱାଲ୍ଡ ବ୍ରେଭିସଙ୍କ ଅର୍ଦ୍ଧଶତକ ଦକ୍ଷିଣ ଆଫ୍ରିକାକୁ ବିଜୟୀ କରାଇଛି। ମ୍ୟାଚ୍‌ରେ ଭାରତର ବୋଲିଂ ନିଷ୍ପ୍ରଭ ରହିଛି। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଡିସେମ୍ବର ୬ରେ ବିଶାଖାପଟନମରେ ଖେଳାଯିବ।



୩୫୯ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଦକ୍ଷିଣ ଆଫ୍ରିକାକୁ ୨୬ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। କ୍ୱିଣ୍ଟନ ଡିକକ୍ (୮) ପୁଣି ଥରେ ନିରାଶ କରିଥିଲେ। ଏହା ପରେ ଆଡନ ମାରକ୍ରମ ଓ ଅଧିନାୟକ ତେମ୍ବା ବାଭୁମା ଭାରତୀୟ ବୋଲରଙ୍କ ଉପରେ ପାଲଟା ଆକ୍ରମଣ କରିଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍ ପାଇଁ ୧୦୧ ରନ ଯୋଡ଼ିଥିଲେ। ତେମ୍ବା ବାଭୁମା ୪୬ ରନର ଅଧିନାୟକତ୍ୱ ଇନିଂସ ଖେଳିଥିଲେ। ଗୋଟିଏ ପଟୁ ଆଡନ ମାରକ୍ରମ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ସେ ଏବଂ ମାଥ୍ୟୁ ବ୍ରିଟଜକେ ଦ୍ରୁତ ଗତିରେ ବ୍ୟାଟିଂ କରି ଦଳର ସ୍ଥିତି ମଜବୁତ କରିଥିଲେ। ଆଡନ ମାରକ୍ରମ ଦମ୍‌ଦାର ବ୍ୟାଟିଂ କରି ଦିନିକିଆ କ୍ୟାରିୟରରେ ଚତୁର୍ଥ ଶତକ ହାସଲ କରିଥିଲେ। ସେ ଓ ବ୍ରିଟଜକେ ୭୦ ରନ ଯୋଡ଼ିଥିଲେ। ମାରକ୍ରମ ୯୮ ବଲରୁ ୧୦ ଚୌକା ଓ ୪ ଛକା ସହ ୧୧୦ ରନ କରିଥିଲେ।

ଏହା ପରେ ପୁଣି ବ୍ରିଟଜକେ ଓ ଡିୱାଲ୍ଡ ବ୍ରେଭିସ ୯୨ ରନ ଯୋଡ଼ି ଦକ୍ଷିଣ ଆଫ୍ରିକାର ବିଜୟ ଆଶା ଉଜ୍ଜିବୀତ ରଖିଥିଲେ। ବିଶେଷ କରି ବ୍ରେଭିସ ଦ୍ରୁତ ବ୍ୟାଟିଂ କରି ୩୪ ବଲରୁ ୧ ଚୌକା ଏବଂ ୫ ଛକା ସହ ୫୪ ରନର ଇନିଂସ ଖେଳି ଦକ୍ଷିଣ ଆଫ୍ରିକାକୁ ବିଜୟର ନିକଟତର କରାଇଥିଲେ। ଏହା ପରେ କ୍ରିଜ୍‌ରେ ଜମିଥିବା ମାଥ୍ୟୁ ବ୍ରିଟଜକେଙ୍କୁ ଆଉଟ୍ କରି ମ୍ୟାଚ୍‌ରେ ଭାରତ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ବ୍ରିଟଜକେ ୬୮ ରନର ଉପଯୋଗୀ ଇନିଂସ ଖେଳି ଥିଲେ। କୋର୍ବିନ ବୋଶ ୨୯ ରନ କରି ମ୍ୟାଚକୁ ଜିତାଇଛନ୍ତି। ଦକ୍ଷିଣ ଆଫ୍ରିକା ମ୍ୟାଚକୁ ୪ ୱିକେଟରେ ଜିତିବା ସହ ଇତିହାସ ରଚିଛି।

# ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍ ପାଇଁ ଭାରତୀୟ ଟିମ୍ ଘୋଷଣା



**ମୁମ୍ବାଇ**

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆଗାମୀ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ବିସିସିଆଇ ପକ୍ଷରୁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ସୂର୍ଯ୍ୟକୁମାର ଯାଦବଙ୍କୁ ଦଳର ଅଧିନାୟକ ଏବଂ ଶୁବମନ୍ ଗିଲ୍‌ଙ୍କୁ ଉପ-ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି। ଆହତ କାରଣରୁ ଦଳରୁ ବାଦ୍ ପଡ଼ିଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ ଦଳକୁ ଫେରିଛନ୍ତି। ଏହା ସହିତ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ମଧ୍ୟ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରୁ ବିଶ୍ରାମ ପରେ ଟି-୨୦ ଦଳରେ ସାମିଲ ହୋଇଛନ୍ତି।

ଟେଷ୍ଟ ସିରିଜ୍‌ରେ ବେକରେ ଆହତ ହୋଇଥିବା ଉପ-ଅଧିନାୟକ ଶୁବମନ୍ ଗିଲ୍‌ଙ୍କୁ ଟି-୨୦ ସିରିଜ୍‌ରେ ଖେଳିବା ପୂର୍ବରୁ ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସରୁ ଫିଟନେସ୍ କ୍ଲିୟରାନ୍ସ ଆଣିବାକୁ ପଡ଼ିବ।

ଏହି ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତା ଡିସେମ୍ବର ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ। ପରବର୍ତ୍ତୀ ମ୍ୟାଚ୍ ଗୁଡ଼ିକ ମୁଲ୍ଲାନପୁର (ଡିସେମ୍ବର ୧୧), ଧର୍ମଶାଳା (ଡିସେମ୍ବର ୧୪), ଲକ୍ଷ୍ନୌ (ଡିସେମ୍ବର ୧୭), ଏବଂ ଅହମ୍ମଦାବାଦ (ଡିସେମ୍ବର ୧୯)ରେ ଅନୁଷ୍ଠିତ ହେବ।

ଭାରତୀୟ ଟିମ୍ : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ୍ ଗିଲ୍ (ଉପ-ଅଧିନାୟକ), ଅଭିଷେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା (ୱିକେଟ୍ କିପର), ସଞ୍ଜୁ ସାମସନ (ୱିକେଟ୍ କିପର), ଯଶପ୍ରୀତ ବୁମରା, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ହର୍ଷିତ ରାଣା, ୱାଶିଂଟନ ସୁନ୍ଦର।

# କଟକକୁ ଧରିଲାଣି କ୍ରିକେଟ ଫିବର : ୫ରେ ୫ଟି କାଉଣ୍ଟରରେ ବିକ୍ରି ହେବ ଟିକେଟ, ସୁରକ୍ଷାରେ ୪୦ ପ୍ଲାଟୁନ୍ ଫୋର୍ସ

**କଟକ**

ସିଲଭର ସିଟି କଟକକୁ ଧରିଲାଣି କ୍ରିକେଟ ଫିବର। ଦୁଲୁକିବ ବାଟବାଟୀ, କମ୍ପିବ କଟକ। ଆସନ୍ତା ୯ ତାରିଖରେ ବାଟବାଟୀରେ ହେବେ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ଟକ୍କର। ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମ୍ୟାଚ୍ ପାଇଁ ଆସନ୍ତା ୫ ତାରିଖ କାଉଣ୍ଟରରେ ଅଫଲାଇନ୍ ମାଧ୍ୟମରେ ଟିକେଟ ବିକ୍ରି କରାଯିବ। ଏନେଇ କଟକ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସୁରକ୍ଷା ବ୍ୟବସ୍ଥାରେ ମୋଟ ୪୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏଥର ଦଳାଚକଟା ନିୟନ୍ତ୍ରଣ ପାଇଁ ଜିକ୍‌ଜାକ୍ ଶୈଳୀରେ ବ୍ୟାରିକେଡ୍ ପ୍ରସ୍ତୁତ କରାଯାଉଥିବା ବେଳେ ଦ ୟୁନିଭର୍ସ ନିକଟରୁ ଧାଡ଼ି ଆରମ୍ଭ ହେବ। ୫ଟି କାଉଣ୍ଟରରେ ଟିକେଟ ବିକ୍ରି ହେବ।



- ଗ୍ୟାଲେରୀ ଟିକେଟ୍ ପାଇଁବାସ୍କେଟବଲ୍ ପଡ଼ିଆପାଖରେ ୩ କାଉଣ୍ଟର
- ହର୍ସଗେଟ୍ ପାଖରେ ମିଳିବ ୬ ହଜାରରୁ ୨୦ ହଜାର ମୂଲ୍ୟର ଟିକେଟ୍
- ସୁରକ୍ଷାରେ ୪୦ ପ୍ଲାଟୁନ୍‌ଫୋର୍ସ, ୧୫୦ ଅଫିସର, ୫୦ ସିସି କ୍ୟାମେରା

ଆସନ୍ତା ୩ ଓ ୪ ତାରିଖରେ ଓସିଏ ସହିତ ଅନୁବନ୍ଧିତ ସଂସ୍ଥାକୁ ୧୦ ହଜାର ଟିକେଟ ବିକ୍ରି କରାଯିବାକୁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ୫ ତାରିଖ ଦିନ ୧୦ଟାରୁ କାଉଣ୍ଟରରେ ସାଧାରଣ ଦର୍ଶକଙ୍କ ପାଇଁ ଟିକେଟ ବିକ୍ରି କରାଯିବ। ଏଥିପାଇଁ କମିଶନରେଟ୍ ପୁଲିସ ୪ ତାରିଖ ସନ୍ଧ୍ୟାରୁ ସେଠାରେ ଫୋର୍ସ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି। ମୋଟ ୪୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବାକୁ ଥିବା ବେଳେ ପ୍ରତି ସିଫ୍ଟରେ ୨୦ ପ୍ଲାଟୁନ ଫୋର୍ସ ରହିବେ। ୬ଜଣ ଏଡିସିପି, ୧୫ ଏସିପି, ୪୦ ଇନ୍ସପେକ୍ଟର, ଏସଆଇ ଓ ଏଏସଆଇ ୧୫୦ ଜଣ ନିୟୋଜିତ ହେବେ। ଭୁବନେଶ୍ୱରରେ ଥିବା ସମସ୍ତ ପୁରୁଣା ଅଫିସର ଡ୍ୟୁଟିରେ ନିୟୋଜିତ କରାଯିବ। ଏଥିରେ ଏସିପି ଓ ଆଇଆଇସି ସ୍ତରର ଅଫିସର ରହିବେ।

ଗ୍ୟାଲେରୀ ୧ରୁ ୭ ଯାଏଁ ଟିକେଟ ପାଇଁ ୩ଟି କାଉଣ୍ଟର ବାସ୍କେଟ୍‌ବଲ ପଡ଼ିଆ ନିକଟରେ ଖୋଲାଯିବ। ଏଠି ଦୁଇଟି ପୁରୁଷ ଓ ଗୋଟିଏ ମହିଳାଙ୍କ ପାଇଁ କାଉଣ୍ଟର ରହିବ। ସେହିଭଳି ସ୍ପେଶାଲ ଏନକ୍ଲୋଜର, ଏସି ବକ୍ସ, ନିଉ ପ୍ୟାଭିଲିଅନ୍ ଓ କର୍ପୋରେଟ୍ ବକ୍ସ ଇତ୍ୟାଦି ପାଇଁ ହର୍ସ ଗେଟ୍ ନିକଟରେ ବିକ୍ରି ହେବ। ଏଠାରେ ଗୋଟିଏ ପୁରୁଷ ଓ ଗୋଟିଏ ମହିଳାଙ୍କ ପାଇଁ କାଉଣ୍ଟର ରହିବ। କାଉଣ୍ଟର ଗୁଡ଼ିକରେ ଅଧିକ ବ୍ୟାରିକେଡ୍ ସହିତ ଯେଭଳି ଟିକେଟ କଳାବଜାରି ନହୁଏ ସେଥିପାଇଁ ପ୍ରାୟ ୫୦ ସିସି କ୍ୟାମେରା ଲାଗିବ। ଏହି କ୍ୟାମେରା ଗୁଡ଼ିକ କଣ୍ଟ୍ରୋଲ ରୁମ୍ ସହିତ ସଂଯୋଗ କରାଯାଇ ସେଠାରୁ ନିୟନ୍ତ୍ରଣ କରାଯିବ। ପୁଲିସ ସହିତ ମେଡିକାଲ୍ ଟିମ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ହେବେ। ବକ୍ସିବଜାର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏକ ୬ ଜଣିଆ ଟିମ୍ ନିୟୋଜିତ କରାଯିବ। ଏଥିରେ ଗୋଟିଏ ଦମକଳ ଗାଡ଼ି ରହିବ।

ସୂଚନାଯୋଗ୍ୟ ଯେ, ୧ ତାରିଖରେ ଅନଲାଇନ୍‌ରେ ଟିକେଟ୍ ବିକ୍ରି ହୋଇଥିଲା। ସାଇଟ୍ ଖୋଲୁ ଖୋଲୁ ଆଖି ପିଛୁଳାକେ ସରିଗଲା ଟିକେଟ୍। ୪୫ ମିନିଟ୍‌ରେ ୨ ହଜାର ଅନଲାଇନ ଟିକେଟ୍ ବୁକିଂ ହୋଇଯାଇଥିଲା। ଆସନ୍ତା ୫ ତାରିଖରେ କାଉଣ୍ଟର ବିକ୍ରିକୁ ଅପେକ୍ଷା କରିଛନ୍ତି ଦର୍ଶକ। ଶାନ୍ତି ଶୃଙ୍ଖଳାରେ କିପରି ଟିକେଟ୍ ବିକ୍ରି ହେବ ସେ ଦିଗରେ ଅଧିକ ଗୁରୁତ୍ୱ ଦେବ କମିଶନରେଟ୍ ପୁଲିସ୍।

# ବିଜୟ ହଜାରେ ଟ୍ରଫି ଖେଳିବେ ବିରାଟ କୋହଲି



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ବିରାଟ କୋହଲି ଆସନ୍ତା ୨୪ରୁ ଆରମ୍ଭ ହେବାକୁ ଥିବା ବିଜୟ ହଜାରେ ଟ୍ରଫି ପାଇଁ ନିଜର ଉପଲବ୍ଧତା ସୁନିଶ୍ଚିତ କରିଛନ୍ତି। ପ୍ରଥମେ ଘରୋଇ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ମନା କରିବା ପରେ ବିସିସିଆଇ ସିଲେକ୍ଟରମାନେ ତାଙ୍କୁ ବୁଝାଇବାରେ ସଫଳ ହୋଇଛନ୍ତି।

ଜାତୀୟ ଦଳରେ ସ୍ଥାନ ପାଇଁ ଘରୋଇ କ୍ରିକେଟ ଖେଳିବା ବାଧ୍ୟତାମୂଳକ ବୋଲି ଟିମ୍ ଇଣ୍ଡିଆର କୋଚ୍ ଗୌତମ ଗମ୍ଭୀରଙ୍କ ସର୍ତ୍ତ ଏବଂ ବିସିସିଆଇର କଡ଼ା ନିୟମ ଯୋଗୁଁ କୋହଲିଙ୍କ ଉପରେ ଚାପ ପଡ଼ିଥିଲା। କାରଣ ରୋହିତ ଶର୍ମା ମୁମ୍ବାଇ ପାଇଁ ଖେଳିବାକୁ ରାଜି ହୋଇଥିବା ବେଳେ କୋହଲିଙ୍କୁ କିପରି ବାଦ୍ ଦିଆଯିବ, ସେ ନେଇ ପ୍ରଶ୍ନ ଉଠିଥିଲା। ଫଳରେ, ବିସିସିଆଇର ସିଲେକ୍ଟରମାନେ ତାଙ୍କୁ କିଛି ମ୍ୟାଚ୍ ଖେଳିବା ପାଇଁ ରାଜି କରାଇଛନ୍ତି।

କୋହଲି ଦିଲ୍ଲୀ ଦଳ ପାଇଁ ଖେଳିବେ ଏବଂ ଏହା ତାଙ୍କର ୨୦୧୦ ଫେବୃଆରୀ ପରେ ପ୍ରଥମ ବିଜୟ ହଜାରେ ଟ୍ରଫି ହେବ। ବର୍ତ୍ତମାନ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ସିରିଜରେ ବ୍ୟସ୍ତ ଅଛନ୍ତି। ଏହା ପରେ ସେ ଲଣ୍ଡନ ଯାଇ ପରିବାର ସହ ସମୟ କାଟିବା ପରେ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେବେ।

ଦିଲ୍ଲୀ ଡିସେମ୍ବର ୨୪ରେ ବେଙ୍ଗାଲୁରୁରେ ଆନ୍ଧ୍ର ବିପକ୍ଷରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବ। କୋହଲି କେତୋଟି ମ୍ୟାଚ୍ ଖେଳିବେ ତାହା ସ୍ପଷ୍ଟ ହୋଇନାହିଁ, କିନ୍ତୁ ତାଙ୍କର ଉପସ୍ଥିତି ଦିଲ୍ଲୀ ଡ୍ରେସିଂ ରୁମ୍ ପାଇଁ ଏକ ବଡ଼ ଉତ୍ସାହ ସୃଷ୍ଟି କରିବ। ଘରୋଇ ମ୍ୟାଚ୍‌ରେ ତାଙ୍କୁ ଦେଖିବା ପାଇଁ ପ୍ରଶଂସକମାନେ ପୂର୍ବରୁ ଅଭୁତପୂର୍ବ ସଂଖ୍ୟାରେ (୧୨,୦୦୦ରୁ ଅଧିକ) ଉପସ୍ଥିତ ରହିଥିବାରୁ ଏଥର ମଧ୍ୟ ବହୁ ସଂଖ୍ୟକ ଦର୍ଶକଙ୍କ ଭିଡ଼ ଜମିବାର ସମ୍ଭାବନା ରହିଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା ଗୃହ ପରିସରରେ ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ସୂଚୀ ପ୍ରକାରେ ଅନୁଷ୍ଠିତ ହେବା ସହ ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନଙ୍କ ସଭାପତିତ୍ୱ ସହ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥିଭାବେ ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି, ସମ୍ମାନିତ ଅତିଥି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ସଭାପତି ଏମ. ନରସିଂହ ସୁବୁଦ୍ଧି, ସମ୍ପାଦକ ପ୍ରସନ୍ନ ମିଶ୍ର, ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ବାଡ଼ତ୍ୟା, ଉପଦେଷ୍ଟା ମହେନ୍ଦ୍ର ସେନାପତି, କ୍ରୀଡ଼ା ପ୍ରମୁଖ ଶ୍ରୀନିବାସ ପ୍ରଧାନ, ସଦସ୍ୟା ସରିତା ସେଠୀ, ପୂର୍ବତନ ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ରଥ ପ୍ରମୁଖ ମଞ୍ଚାସୀନ ହୋଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବକ୍ତା ଭିନ୍ନଭିନ୍ନ ଶୈଳୀରେ କ୍ରୀଡ଼ାର ଲକ୍ଷ୍ୟ, ମହତ୍ତ୍ୱ, ଉଦ୍ଦେଶ୍ୟ, କ୍ରୀଡା ନୈପୂଣ୍ୟ ଉପରେ ଆଲୋକପାତ କରିଥିଲେ। ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କର ବାଟି ଚାମଚ, ସଂଗୀତ ଚୌକି, ୫୦, ୧୦୦, ୨୦୦, ୪୦୦ ମିଟର ଦୌଡ଼, ଲମ୍ବ ଡିଆଁ, ଉଚ୍ଚା ଡିଆଁ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ଆଦି ଖେଳ ଅନୁଷ୍ଠିତ କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ କୋଷାଧ୍ୟକ୍ଷ ଡି. ପଦ୍ମଲୋଚନ ଆଚାରୀ, ଉପଦେଷ୍ଟା ଅମୂଲ୍ୟ କୁମାର ସେନାପତି, ଅବସର ପ୍ରାପ୍ତ ରେଳ ବିଭାଗ କର୍ମଚାରୀ ସୁରେଶ ଚନ୍ଦ୍ର ନାହାକ ଯୋଗ ଦେଇଥିଲେ। ବାଲ ବର୍ଗ ଓ କିଶୋର ବର୍ଗର ପ୍ରଥମ ସ୍ଥାନ ଅର୍ଜନ କରିଥିବା କ୍ରୀଡ଼ାବିତ୍ ଆସନ୍ତା ୧୪ ତାରିଖରେ ସଂକୁଳ ସ୍ତରୀୟ ଖେଳକୁଦ ସମାରୋହ ଛତ୍ରପୁର ଠାରେ ଅଂଶ ଗ୍ରହଣ ପାଇଁ ସ୍ଥିରୀକୃତ ହୋଇଛି। କ୍ରୀଡ଼ାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ସିଲ୍ କପ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣରେ ଗୁରୁଜୀ ସତ୍ୟନାରାୟଣ ପ୍ରଧାନ, ଗୁରୁମା ସଂଗୀତା ପରିଡ଼ା ଓ ଗୁରୁମା ପ୍ରିୟଙ୍କା ସ୍ୱାଇଁ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ମଉସା ମାଉସୀ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ୧୫ତମ ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଯାପିତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାଇସିଲେଟର ୧୫ତମ ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବାଟିକା ବିଭାଗର ୧୦୭ ଜଣ ପ୍ରତିଭାଗୀ ଏବଂ ଶିଶୁ ମନ୍ଦିର ଓ ବିଦ୍ୟାମନ୍ଦିର ବିଭାଗର ୪୨୬ ଜଣ ପ୍ରତିଭାଗୀ ଭାଗ ନେଇଥିଲେ। ପ୍ରାତଃସମୟରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଖେଳ ଶିକ୍ଷକ ଦୁର୍ଲ୍ଲଭ ଭୋଇ, ବିଦ୍ୟାଳୟର ସଭାପତି ଅରୁଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ସୌରଭ ତ୍ରିବେଦୀ, କୋଷାଧ୍ୟକ୍ଷ ଶାଶ୍ୱତ ପୁରୋହିତ, ଅନୁଷ୍ଠାନର ମାର୍ଗଦର୍ଶକ ଲମ୍ବୋଦର ପୁରୋହିତ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ନିଖିଲ ସାହୁ ଭାଇ ଏବଂ ମିତ୍ରବିନ୍ଦା ପଣ୍ଡା ଭଉଣୀ ମନୋନୀତ ହୋଇଥିଲେ। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ସଞ୍ଜୟ ପୁରୋହିତ, ସମ୍ପାଦକ ବୁଦ୍ଧଦେବ ପୁରୋହିତ ଉପସ୍ଥିତ ଥିଲେ। କ୍ରୀଡ଼ା ପ୍ରମୁଖ ରଞ୍ଜନ କୁମାର ପଧାନ ବିବରଣୀ ପଠନ କରିଥିଲେ। ପ୍ରେମରାଜ ମଟାରୀ, ଦୀପକ ରଞ୍ଜନ ପଣ୍ଡା, ସୌମ୍ୟଜିତ ମିଶ୍ର, ସରୋଜିନୀ ପଟେଲ ପୁରସ୍କାର ବିତରଣ କରିଥିଲେ। ପରିଚାଳନା ସମିତିର ସଦସ୍ୟା ନିଲିମା ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ।




# ଧାମନଗରରେ ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି ବୈଠକ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଚଳିତ ମାସ ୫ ତାରିଖ ଠାରୁ ଆରମ୍ଭ ହେବ। ଏ ନେଇ ପ୍ରସ୍ତୁତି ବୈଠକ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚଳିତ ଡିସେମ୍ବର ୫ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ୧୨ ଶହ ସ୍କୁଲ କଲେଜ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବା ଜଣାପଡ଼ିଛି। ଦୋବଲ କାଳୀ ପଡ଼ିଆ ଏବଂ ଧାମନଗର ଇଣ୍ଡୋର ଷ୍ଟାଡିୟମରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଫୁଟବଲ, କବାଡି, ଖୋଖୋ, ବ୍ୟାଡ୍‌ମିଣ୍ଟନ, ସାଇକେଲ ରେସ୍, ସ୍କିପିଂ, ସର୍ଟପୁଟ ଆଦି ଖେଳ ଖେଳାଯିବ। ପ୍ରସ୍ତୁତି ବୈଠକରେ ଏବିଇଓ ସତ୍ୟ ସୁନ୍ଦର ପରିଡ଼ା, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଅରବିନ୍ଦ ପତି, ବୈକୁଣ୍ଠ ନାଥ ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ାଶିକ୍ଷକମାନେ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ଭେଙ୍କଟେଶ୍ୱର ବିଦ୍ୟାଳୟରେ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ଅମ୍ବିକା ମନ୍ଦିର ନିକଟସ୍ଥ ଭେଙ୍କଟେଶ୍ୱର ବିଦ୍ୟାଳୟର ଆନ୍ତଃ ବିଦ୍ୟାଳୟ ଆଥ୍‌ଲେଟିକ୍ ମିଟ୍ ବାରିପଦା ସ୍ଥିତ ଷ୍ଟାଡିଅମ ଠାରେ ଉଦଯାପିତ ହେଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ଶ୍ରେଣୀର ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ମାର୍ଚ୍ଚ ଫାଷ୍ଟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳ ଖୁବ୍ ସୁନ୍ଦର ଭାବରେ ସମାପ୍ତ ହୋଇଥିଲା। ବିଦ୍ୟାଳୟର ମ୍ୟାନେଜମେଣ୍ଟ କମିଟିର ମୁଖ୍ୟ ସ୍ୱରୂପ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଯୋଗ ଦେଇ ଜୀବନରେ କ୍ରୀଡ଼ାର ଭୂମିକା ଏବଂ ଜୀବନରେ ଭଲ ମଣିଷ ହବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ମ୍ୟାନେଜମେଣ୍ଟର ସଦସ୍ୟ ସୌମେନ କାନ୍ତି ମହାନ୍ତି ଖେଳାଳିଙ୍କ ସହ ଉପସ୍ଥିତ ରହି ତାଙ୍କୁ ପ୍ରସାହନ କରିବା ସହ ଖେଳର ଭୂମିକା ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର କୋର୍ଡିନେଟର ଶାନ୍ତନୁ ସିଂହ ପ୍ରତିଟି ଖେଳକୁ ନିଜେ ସ୍ୱତନ୍ତ୍ର ରୂପେ ତଦାରଖ କରୁଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ଅନ୍ୟାନ୍ୟ ମ୍ୟାନେଜମେଣ୍ଟ ସଦସ୍ୟ ଅମିତ କୁମାର ବେହେରା, ଦୀପାୟନ ସେନ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA** B-791
**INVITATION FOR BIDS (IFB)**
E-mail: pwdoff_khd@yahoo.com
**Quotation Call Notice**
Quotation Bid Identification No. S.E.-KHD-(R&B)-1 / 2025-26
Letter No. 6730 dtd. 1.12.2025

The Superintending Engineer, Khurda (R&B) Division, Khurda on behalf of Governor of Odisha invites **Quotation rate bid** in **Single cover** system in ONLINE MODE from eligible class of contractors having valid registration certificate for execution of the Works as detailed below:

1. Nature of Work : Electrical Works
2. No of Work : 02 Nos
3. Cost of Quotation bid document : Rs. 6000.00 (Online)
4. Class of Contractor : Original Equipment Manufacturer (OEM)/Registered firm having experience in similar nature of work
5. Available of Quotation Bid Documents in the web site. : From 12.00 Noon of Dt.08.12.2025 to 5.00 PM of Dt.17.12.2025
6. Opening of Quotation Bids : Dt. 18.12.2025 at 11.30A.M
7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any information reg upg Addendum I Corrigendum / Cancellation of tender can be available in theXaid website.

OIPR-34095/11/0040/2526
Sd/- Superintending Engineer
Khurda (R&B) Division, Khurda

**OFFICE OF THE CHIEF EXECUTIVE, RPRC, BHUBANESWAR** MM-334
(e-mail Id: rprcbbsr@gmail.com)
Tel-(0674)-2557925
No-T/37/1959 / RPRC Date:02.12.2025
**REQUEST FOR PROPOSAL**
Bid Identification No. RPRC/38/2025-26

The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt, of Odisha invites Request for Proposal for "Selection of an Event Management Agency for Tentage, Decoration & Event Management works for Annual Flower Show: 2026 in RPRC, Bhubaneswar from eligible bidders though e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in / e-portal https://rprc.ewizard.in. The bid calendar under the end-to-end process a re

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) | Event duration |
|---|---|---|---|---|---|
| | | From | To | | |
| 80,000/- (online) | 10,000.00 (On line) | 03.12.2025 / 10.00 A.M. | 17.12.2025/ 11.00 A.M. | 17.12.2025/ 11.30 A.M. | 03 days (during January- 2026) |

Addendum/ Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- **9355030613** and Jitesh Kumar, Mobile- **9355030604**, e-mail: eprochelpdesk.101@gmail.com

OIPR-08004/11/0048/2526
Sd/- CHIEF EXECUTIVE, RPRC, BHUBANESWAR

# ହରଭଙ୍ଗା ବ୍ଲକରେ ଯୁବଶକ୍ତି ଉତ୍ସବ, ଉଦ୍‌ଯାପିତ ହେଲା ସାଂସଦ ଖେଳ ମହୋତ୍ସବ

**ହରଭଙ୍ଗା**

ସାରା ଭାରତ ବର୍ଷରେ ଜସ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ'ଙ୍କ ଯୁବଶକ୍ତିଙ୍କ ପ୍ରତିଭା ପାଇଁ ସାଂସଦ ଖେଳ ମହୋତ୍ସବ ପାଳିତ ହେଉଛି। ଜୁନିୟର ଓ ସିନିୟର ଦୁଇ ଭାଗରେ ଖେଳ ହେଉଥିବା ବେଳେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ପୁରୁଣାକଟକ ମିନି ଷ୍ଟାଡିୟମ, ଲୁଣିବାହାଲ ଓ ଭୈରବୀ ଡିଗ୍ରୀ କଲେଜ ଖେଳ ପଡ଼ିଆରେ ହରଭଙ୍ଗା ବ୍ଲକ ସାଂସଦ ଖେଳ ମହୋତ୍ସବରେ ସାଂସଦଙ୍କ ପ୍ରତିନିଧି ସୁବାସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୫ଦିନ ଧରି ଖେଳ ଅନୁଷ୍ଠିତ ହେଉଛି। ଏହି ଖେଳ ମହୋତ୍ସବରେ ଭଲି, କ୍ରିକେଟ, ଫୁଟବଲ, ପୁଚି, କବାଡ଼ି, ବ୍ୟାଡ୍‌ମିଣ୍ଟନ, ଖୋକୋ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଲି ଖେଳରେ ୮ଟି ଦଳ ପୁରୁଷ ଓ ୨ଟି ଦଳ ବାଳିକା, କ୍ରିକେଟରେ ୨୪ଟି ସିନିଅର ଓ ୮ଟି ଜୁନିଅର ଦଳ, ଫୁଟବଲରେ ୨୪ଟି ପୁରୁଷ ଦଳ ଓ ୨ଟି ବାଳିକା ଦଳ ସହିତ ପୁଚିରେ ୧୦୦ ଜଣ ଭାଗ ନେଇଥିଲେ। ସେହିପରି କବାଡ଼ି ଖେଳରେ ୮ଟି ଦଳ ପୁରୁଷ ଓ ୬ଟି ବାଳିକା ଦଳ, ଚେସରେ ୬ଟି ଦଳ ଏବଂ ବ୍ୟାଡ୍‌ମିଣ୍ଟନରେ ସାତଟି ଦଳ ଭାଗ ନେଇଥିଲେ।




ଏହି ସଂସଦୀୟ ଖେଳ ମହୋତ୍ସବରେ ୨୯୦୦ ଖେଳାଳି ପଞ୍ଜିକରଣ କରିଥିବା ବେଳେ ୧୪ ଶହରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ଖେଳର ଅନ୍ତିମ ଦିବସ ବା ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନଙ୍କ ପ୍ରତିନିଧି ବରିଷ୍ଠ ବିଜେପି ନେତା ସୁଶାନ୍ତ କୁମାର ପ୍ରଧାନ, ହରଭଙ୍ଗା ବିଡ଼ିଓ ବିଜୟ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠି ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଉଦ୍‌ଯାପନୀ ଦିବସ ବା ଫାଇନାଲ ମ୍ୟାଚ୍‌ରେ କ୍ରିକେଟରେ ଧଳପୁର, ଭଲିବଲ ପୁରୁଷରେ ପୁରୁଣାକଟକ, ମହିଳାରେ ବଡ଼ବନ୍ଧ ସ୍କୁଲ, ଜୁନିଅରରେ ମହିଳା ମଣିପୁର ସ୍କୁଲ, ଖୋକୋରେ ପୁରୁଷ ଭୈରବୀ ଡିଗ୍ରୀ କଲେଜ, ମହିଳା ବଡ଼ବନ୍ଧ ସ୍କୁଲ, କବାଡ଼ିରେ ଆଡ଼େଣି ଗଡ଼, ଚେସ୍‌ରେ ସିନିୟର ଓ ଜୁନିୟର ଦଳରେ ପୁରୁଣାକଟକ, ପୁଚିରେ ପ୍ରଥମ ଲୁଣିବାହାଲ ସରକାରୀ ୟୁପି ସ୍କୁଲ, ଦ୍ୱିତୀୟ ଓ ତୃତୀୟ ଖଣ୍ଡାହତା ୟୁପି ସ୍କୁଲ, ବ୍ୟାଡ୍‌ମିଣ୍ଟନରେ ପୁରୁଷ ସିନିୟର ଜଣକିଆ ରାଜେଶ ଷଡ଼ଙ୍ଗୀ, ଦି'ଜଣିଆରେ ସଂସ୍କାର ପଟ୍ଟନାୟକ ଓ ରୁନିତ ପ୍ରଧାନ, ଜୁନିଅରରେ ଜଣକିଆ ବିଭାଗରେ ତନ୍ମୟ ସାହୁ, ଦୁଇ ଜଣିଆ ବିଭାଗରେ ବୈଦ୍ୟନାଥ ହୋତା ଓ ଶକ୍ତି ରଞ୍ଜନ ଚାଉଳିଆ, ମହିଳା ଜଣକିଆ ବିଭାଗରେ କଳ୍ପନା ବେହେରା, ଦୁଇ ଜଣିଆରେ ଶ୍ୟାମଳୀ ଦୀପ ଓ ହଂସ ବିଜେତା ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି।

ଉକ୍ତ ସମସ୍ତ ଟିମ୍ ଓ ଖେଳାଳିଙ୍କୁ ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସଦଙ୍କ ପ୍ରତିନିଧି ସୁବାସ ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ, ସମ୍ମାନିତ ଭାବେ ବିଡ଼ିଓ ବିଜୟ କୁମାର ପ୍ରଧାନ ଉପସ୍ଥିତ ରହି ଟ୍ରଫି ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଖେଳରେ ପରିଚାଳନା କରିଥିବା ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସାଂସଦ ଖେଳ ପ୍ରତିଯୋଗିତାରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାୟକ ତଥା ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ଆନ୍ତରିକତା, ଯୁବ ଶକ୍ତି ମନରେ ଆଗ୍ରହ ଜାଗ୍ରତ କରିଥିଲା।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୪ ଡିସେମ୍ବର ୨୦୨୫ ଗୁରୁବାର





# କାମଧେନୁ ଯୋଜନା କାରଣରୁ ରାଜ୍ୟରେ ବଢ଼ିଛି ୯୬ ଲକ୍ଷ ଲିଟର କ୍ଷୀର ଉତ୍ପାଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ କାମଧେନୁ ଯୋଜନା ଲାଗୁ ହେବା ପରେ ରାଜ୍ୟରେ ୯୬ ଲକ୍ଷ ଲିଟର କ୍ଷୀର ଉତ୍ପାଦନ ବଢ଼ିଛି ବୋଲି ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି । ବିଜେଡି ବିଧାୟକ ଅରୁଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ।
ସେ କହିଛନ୍ତି ଯେ ଏହି ଯୋଜନାରେ ୨ଲକ୍ଷ ୩୦ ହଜାର ଟଙ୍କାର ୨ଟି ଗାଇ ପାଇଁ ୧ ଲକ୍ଷ ୬୧ ହଜାର ଟଙ୍କାର ସବସିଡି ପ୍ରଦାନ କରାଯାଉଛି । ଏହି ଯୋଜନାରେ ମୋଟ ୮୨୨୦୮ ଆବେଦନ ପ୍ରାପ୍ତ ହୋଇଥିବା ବେଳେ ଏବେ ସୁଦ୍ଧା ୯୬୦୧ ଗାଇ ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ଚାଷୀ ମାନଙ୍କୁ ପ୍ରଦାନ କରାଯାଇଛି ।
ସେ କହିଛନ୍ତି ଯେ ପୂର୍ବ ସରକାର ମାନଙ୍କରେ ଯୋଜନାର ଲାଭ କିଛି ନିର୍ଦ୍ଦିଷ୍ଟ ଲୋକ ମାନଙ୍କ ମିଳୁଥିଲା । କିନ୍ତୁ ବର୍ତମାନ ସରକାରରେ ଯୋଜନାର ଲାଭ ସମସ୍ତଙ୍କୁ ମିଳିବ । ସେ କହିଛନ୍ତି ଯେ କାମଧେନୁ ଯୋଜନା ଭଳି ଯୋଜନା ଦେଶର କୌଣସି ରାଜ୍ୟରେ ନାହିଁ । କାରଣ ଏହି ଯୋଜନାରେ ଦୁଗ୍ଧ ଚାଷୀ ମାନଙ୍କୁ ଜର୍ସି ଗାଇ ପ୍ରଦାନ ନ କରାଯାଇ ଦେଶୀ ଗାଇ ଦିଆଯାଇଥାଏ । ଏହା ଦ୍ୱାରା ଦେଶୀ ଗାଈର ସମ୍ବର୍ଧନ କରାଯାଇଥାଏ।
ସେ କହିଛନ୍ତି ଯେ ମୋହନ ମାଝୀ ସରକାର ସନାତନ ସଂସ୍କୃତିର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ । ଗୋମାତାର ସୁରକ୍ଷା ବିଜେପି ସରକାରର ପ୍ରାଥମିକତାରେ ରହିଛି । ରାଜ୍ୟରେ ଗୋଶାଳା ମାନଙ୍କୁ ମଧ୍ୟ ଦିଆଯାଉଥିବା ଅନୁଦାନ ରାଶିରେ ବୃଦ୍ଧି କରାଯାଇଛି ।

# ମହାପୁରୁଷଙ୍କ ପ୍ରତି ଅବହେଳାକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ବିରୋଧୀ ଦଳ ଉପନେତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଶୂନ୍ୟକାଳରେ ଉଠିଲା ମା ରମାଦେବୀଙ୍କ ଜୟନ୍ତୀ ପ୍ରସଙ୍ଗ । ୧୨୫ ତମ ଜୟନ୍ତୀକୁ ସରକାର୍ ଭୁଲିଯାଉଥିବା ନେଇ ପ୍ରସଙ୍ଗ ଉଠାଇଲେ ବିରୋଧୀ ଦଳ ଉପନେତା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଅନ୍ୟ ବିଜେଡି ବିଧାୟକ ପୂର୍ବ ପୁରୁଷଙ୍କ ପ୍ରତି ସରକାରଙ୍କ ଅବହେଳାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ। ବୁଧବାର ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ । ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ପଡିଆରେ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ଅନୁରୋଧ କ୍ରମେ ମୁଖ୍ୟମନ୍ତ୍ରୀ ଖୋଦ୍ ଘୋଷଣା କରିଥିଲେ କି ଆମେ ମାଆ ରମାଦେବୀ ଜନ୍ମ ଜୟନ୍ତୀ ବର୍ଷ ତମାମ ପାଳିବୁ କିନ୍ତୁ ମୁଖ୍ୟମନ୍ତ୍ରୀ ସେହି କଥା ରକ୍ଷା କଲେ ନାହିଁ । ଶୁଣିବାକୁ ପାଉଚୁ କି କୁଆଡେ ମା ରମାଦେବୀ କଂଗ୍ରେସର ଆନ୍ଦୋଳନରେ ସାମିଲ ଥିଲେ ବୋଲି ସରକାର ପାଳିବା ପାଇଁ ନିଷ୍ପତି ନେଇ ନାହାନ୍ତି । ଆମେ ଇତିହାସକୁ ଭୁଲି ଗଲେ ଆଗକୁ ବଢ଼ି ପରିବା ନାହିଁ। ୧୨୫ତମ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଜୟନ୍ତୀ ଚାଲିଥିବା ସତ୍ୱେ ସରକାର ତାକୁ ଭୁଲି ଯାଇଛନ୍ତି । ପାର୍ବତୀଗିରିଙ୍କୁ ମଧ୍ୟ ଭୁଲି ଯିବ ଠିକ୍ ନୁହେଁ ତାଙ୍କ ଜନ୍ମ ଦିନ ବି ଜାନୁଆରୀରେ ଆସିବାକୁ ଯାଉଛି ସରକାର ପାଳିବାର ଆବଶ୍ୟକ ରହିଛି । ଆଉ ଆଜି ସନ୍ଧ୍ୟାରେ ରମାଦେବୀଙ୍କ ଜୟନ୍ତୀ କଳିଙ୍ଗ ଷ୍ଟାଡିୟମ୍ ରେ ପାଳିବାକୁ ସରକାର ନିଷ୍ପତି ନେବାକୁ ମୁ ଗ୍ରହଣ କରି ପାରୁ ନାହିଁ । କାହିଁକି ନା ଜୟଦେବ ଭବନ, ରବୀନ୍ଦ୍ର ମଣ୍ଡପ ଭଳି ସ୍ଥାନ କଣ ସରକାରଙ୍କୁ ମିଳିଲା ନାହିଁ।

# ଡିସେମ୍ବର ୩୧ ପର୍ଯ୍ୟନ୍ତ ଜାରି ରହିବ ଇ-କେୱାଇସି ପ୍ରକ୍ରିୟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଡିସେମ୍ବର ୩୧ ପର୍ଯ୍ୟନ୍ତ ଜାରି ରହିବ ଇ-କେୱାଇସି ପ୍ରକ୍ରିୟା । ଇ-କେୱାଇସି ପ୍ରକ୍ରିୟା ଓ କ୍ଷେତ୍ର ତର୍ଜମା ସମୟ ରେ ୬ ଲକ୍ଷ ୮୩ ହଜାର ୯୯୫ ଜଣ ମୃତ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି । ସେହିପରି ୩୩ ହାଜର ୧୨୮ ଅଯୋଗ୍ୟ ରାସନ କାର୍ଡକୁ ବାତିଲ କରାଯାଇଛି । ଯାହାର ପରିବାର ସଦସ୍ୟଙ୍କ ସଂଖ୍ୟା ହେଉଛି ୧ ଲକ୍ଷ ୨୦ ହଜାର ୧୯୯ । ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରେ ୪ ହଜାର ୭୪୭ ଗୋଟି ଜାଲି ରାସନ କାର୍ଡ ଧରା ପଡ଼ିଛ । ସେହିପରି ଦ୍ୱିତୀୟ ରେ କଟକ ରୁ ୨୯୦୫ ଗୋଟି ଜାଲି କାର୍ଡ ଧରା ପଡିଛି। ତୃତୀୟ ରେ ରହିଛି ସୁନ୍ଦର ଗଡ଼ ଜିଲ୍ଲା ଯେଉଁଠି ୨୩୫୭ ଗୋଟି ଜାଲି ରାସନ କାର୍ଡ ଧରା ପଡ଼ିଛି । ବିଧାନସଭାରେ ଲିଖିତ ଉତ୍ତର ରଖିଲେ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର। ଅନ୍ୟ ଏକ ଲିଖିତ ଉତ୍ତର ରେ ଯୋଗାଣ ମନ୍ତ୍ରୀ କହିଛନ୍ତି ଜୁନ୍ ୨୦୨୪ ଠାରୁ ରାସନ କାର୍ଡ଼ ପାଇଁ ମୋଟ ୧୫ ଲକ୍ଷ ୩୩ ହଜାର ୧୫୩ ଗୋଟି ଆବେଦନ ହସ୍ତଗତ ହୋଇଛି । ତନ୍ମଧ୍ୟରୁ, ୩ ଲକ୍ଷ ୨୩ ହଜାର ୧୪୫ ଗୋଟି ଆବେଦନ ଯାହାର ପରିବାର ସଦସ୍ୟ ସଂଖ୍ୟା ୬ ଲକ୍ଷ ୩୯ ହଜାର ୮୨୭ ଗୁଡିକ କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ବିବେଚିତ ହୋଇ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଭାବରେ ଅନ୍ତର୍ଭୁକ୍ତ ହୋଇଛ । ସେଭଳି, ୭ ଲକ୍ଷ ୩୭ ହଜାର ୫୩୦ ଗୋଟି ଆବେଦନ ଗୁଡ଼ିକୁ, 'ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା ନିୟମ ୨୦୨୦ର ବାଦଦେବା ମାନଦଣ୍ଡ ଭିତ୍ତିରେ, ଅଗ୍ରାହ୍ୟ କରାଯାଇଛି । ବଳକା ଥିବା ଏବଂ ସଦ୍ୟ ହସ୍ତଗତ ହେଉଥିବା ୪ ଲକ୍ଷ ୭୨ ହଜାର ୪୭୮ ଗୋଟି ଆବେଦନ ଗୁଡ଼ିକର, ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ କ୍ଷେତ୍ର ତର୍ଜମା ଚାଲିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧.୬୦ କୋଟି ...

କରାଯାଇଅଛି । ଏହି ନିଯୁକ୍ତି ପାଇଁ ନେନେଙ୍କୁ ରାଜ୍ୟ ରାଜକୋଷରୁ ୧ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଅଛି । ଓଡିଶା ହସ୍ତତନ୍ତର ଚାହିଦାକୁ ଅନ୍ତର୍ଜାତୀୟ ବଜାରରେ ବ୍ୟାପକ କରିବା ପାଇଁ, ବିଶ୍ୱ ସ୍ତରରେ ଖ୍ୟାତି ସମ୍ପନ୍ନ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ନେନେଙ୍କୁ ଓଡିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ର ଭାବେ ନିଯୁକ୍ତି କରାଯାଇଅଛି, ଯାହା ଦ୍ୱାରା ଓଡିଶାର ପାରମ୍ପରିକ ହସ୍ତତନ୍ତ କଳା ଓ ସୁନାମ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚି ଯାଇପାରିବ ଏବଂ ଓଡିଶାର ବୁଣାକାର ମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ । ଏନେଇ ଗୃହରେ ଉତ୍ତର ରଖିଛନ୍ତି ହସ୍ତତନ୍ତ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ।

## ରେଳ ବଜେଟ୍‌ରେ...

ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପରେ ୫୦୫.୪୩ହେକ୍ଟର ବ୍ୟକ୍ତିଗତ ଜମି ଅଧିଗ୍ରହଣ, ୧୬୯.୬୮ହେକ୍ଟର ସରକାରୀ ଜମି ପୃଥକୀକରଣ ଏବଂ ୪୫୨.୭୧ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ଅନ୍ତର୍ଭୁକ୍ତ । ଏଥିପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ହାତକୁ ନିଆଯାଇଛି । ଏ ପର୍ଯ୍ୟନ୍ତ ମୋଟ୍ ୧,୧୨୭.୮୨ ହେକ୍ଟର ଆବଶ୍ୟକ ଜମି ମଧ୍ୟରୁ ୧୬୭.୩୯ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି ବୋଲି ରେଳମନ୍ତ୍ରୀ ସୂଚନା ଦେଇଛନ୍ତି ।

ଶ୍ରୀ ବୈଷ୍ଣବ ଆହୁରି ସୂଚନା ଦେଇଛନ୍ତି ଯେ, ମାଲକାନଗିରି -ପାଣ୍ଡୁରଙ୍ଗପୁରମ ଭାୟା ଭଦ୍ରାଚଲମ ଷ୍ଟେସନ (୧୭୪ କିଲୋମିଟର) ମଧ୍ୟରେ ନୂତନ ରେଳ ଲାଇନ କାର୍ଯ୍ୟ ୩,୫୯୨କୋଟି ଟଙ୍କାରେ ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପରେ ୪୦୩.୨୩ହେକ୍ଟର ବ୍ୟକ୍ତିଗତ ଜମି ଅଧିଗ୍ରହଣ, ୭୭.୭୬ହେକ୍ଟର ସରକାରୀ ଜମି ପୃଥକୀକରଣ ଏବଂ ୩୨୦.୨୫ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପକୁ ଜମି ଅଧିଗ୍ରହଣ ପାଇଁ 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ଭାବରେ ଅଧିସୂଚିତ କରାଯାଇଛି । ଜମି ଅଧିଗ୍ରହଣ ପାଇଁ ସକ୍ଷମ ପ୍ରାଧିକରଣ (ସିଏଏଲଏ) ନିଯୁକ୍ତ କରାଯାଇଛି ଏବଂ ଜମି ଅଧିଗ୍ରହଣ ହାତକୁ ନିଆଯାଇଛି । ରେଳମନ୍ତ୍ରୀ କହିଛନ୍ତି, ୨୦୦୯-୨୦୧୪ମଧ୍ୟରେ ଓଡ଼ିଶାକୁ ମାତ୍ର ୮୩୮କୋଟି ଟଙ୍କାର ରେଳ ବଜେଟ୍ ମିଳିଥିବାବେଳେ କେବଳ ୨୦୨୫-୨୬ରେ ଏହାର ପ୍ରାୟ ୧୩ଗୁଣ ଅଧିକ ୧୦,୫୯୯କୋଟି ଟଙ୍କାର ରେଳ ବଜେଟ୍ ଆବଣ୍ଟନ କରାଯାଇଛି । ସେହିପରି ୨୦୦୯-୧୪ମଧ୍ୟରେ ୨୬୭କିଲୋମିଟର ନୂଆ ରେଳ ଟ୍ରାକ୍ କାମ ହୋଇଥିବାବେଳେ ବାର୍ଷିକ ହାରାହାରି ରେଳ ଲାଇନ୍ ନିର୍ମାଣ ୫୩.୪କିଲୋମିଟର ଥିଲା। ଅନ୍ୟପଟେ ୨୦୧୪-୨୫ମଧ୍ୟରେ ୨୧୫୦କିଲୋମିଟର ରେଳ ଟ୍ରାକ୍ ନିର୍ମାଣ କରାଯାଇଛି । ଅର୍ଥାତ୍ ବାର୍ଷିକ ହାରାହାରି ନୂଆ ରେଳ ଲାଇନ ନିର୍ମାଣ ୧୯୫.୪୫କିଲୋମିଟର ରହିଛି, ଯାହାକି ୩.୫ ଗୁଣ ଅଧିକ।

ଏପ୍ରିଲ୍ ୨୦୨୫ସୁଦ୍ଧା ୬୭,୪୯୬କୋଟି ଟଙ୍କା ବ୍ୟୟରେ ୧୯ଟି ନୂଆ ରେଳ ଲାଇନ ଏବଂ ୩୦ଟି ରେଳ ଲାଇନର ଦୋହରୀକରଣ ସମେତ ମୋଟ୍ ୪,୦୧୦କିଲୋମିଟରର ୪୯ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି । ଏଥିମଧ୍ୟରୁ ୨୮,୦୪୩ କୋଟି ଟଙ୍କା ବ୍ୟୟରେ ୧୪୨୯କିଲୋମିଟର ଲମ୍ବ ରେଳ ଲାଇନ କାମ ଶେଷ ହୋଇସାରିଛି। ନିକଟରେ ୧୧ଟି ରେଳ ଲାଇନ୍ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି । ଏହାବ୍ୟତୀତ ୨୧ଟି ରେଳ ଲାଇନ୍ କାମ ବର୍ତ୍ତମାନ ଜାରି ରହିଛି । ଗତ ତିନି ବର୍ଷ ମଧ୍ୟରେ ୪,୮୪୩କିଲୋମିଟର ଲମ୍ବ ମୋଟ୍ ୩୦ଟି ନୂଆ ରେଳ ଲାଇନ ଏବଂ ୪୬ଟି ରେଳ ଲାଇନର ଦୋହରୀକରଣ ପାଇଁ ସର୍ଭେ କରାଯାଇଛି ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ସମାଜର ସହଯୋଗ...

ନାହିଁ। ଈଶ୍ୱର ପ୍ରତ୍ୟେକଙ୍କୁ କିଛି ନା କିଛି ବିଶେଷ ସାମର୍ଥ୍ୟ ଦେଇ ଧରାପୃଷ୍ଠକୁ ପ୍ରେରଣ କରିଛନ୍ତି। କେବଳ ଆଧୁନିକ ସମାଜ ନୁହେଁ, ଆମ ସନାତନ ସଂସ୍କୃତିରେ ଏହାର ଉଦାହରଣ ଦେଖିବାକୁ ମିଳେ। ତେଣୁ ଭିନ୍ନକ୍ଷମଙ୍କ କ୍ଷମତା ଏବଂ ଆନ୍ତରିକ ଶକ୍ତି ବିଷୟରେ ବହୁ ଆଗରୁ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚଳିତ ବର୍ଷ ଏହି ଦିବସ ପାଳନର ମୁଖ୍ୟ ବିଷୟବସ୍ତୁ ହେଉଛି - 'ସାମାଜିକ ପ୍ରଗତି ପାଇଁ ଭିନ୍ନକ୍ଷମ-ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବା' । ମିଳିତ ଜାତିସଂଘ ପରିଷଦ ଦ୍ୱାରା ଗୃହୀତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ଗଭୀର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । ଭିନ୍ନକ୍ଷମଙ୍କ ସମସ୍ୟା ଉପରେ ଆମ ସରକାର ସବୁବେଳେ ପ୍ରାଥମିକତା ଦେଉଛନ୍ତି। ସେମାନଙ୍କର ସୁରକ୍ଷା, ଯତ୍ନ ଓ ସାମାଜିକ ଜୀବନରେ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ଗୁରୁତ୍ୱ ଦେଇ କାମ କରୁଛନ୍ତି। ରାଜ୍ୟସ୍ତରୀୟ ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ, ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସେମାନଙ୍କ ଅଭିଯୋଗକୁ ପ୍ରାଥମିକତା ଦିଆଯାଇ ତାର ସମାଧାନ ପାଇଁ ବ୍ୟବସ୍ଥା କରାଯାଉଛି । ଭିନ୍ନକ୍ଷମମାନେ କାହାର ଦୟା କିମ୍ବା ସମବେଦନା ଚାହାନ୍ତି ନାହିଁ । ସେମାନେ ଚାହାନ୍ତି ସମ୍ମାନର ସହିତ ଜୀବନ ଅତିବାହିତ କରିବାର ଅଧିକାର। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ସମାଜରେ ସେମାନେ ଯେପରି ଆତ୍ମସମ୍ମାନର ସହ ନିଜକୁ ପ୍ରତିଷ୍ଠିତ କରିପାରିବେ ସେଥିପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ସାମାଜିକ ସୁରକ୍ଷା ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଭିନ୍ନକ୍ଷମମାନେ ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶିତ କରିଛନ୍ତି। ଭିନ୍ନକ୍ଷମଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀ ଚେଷ୍ଟିତ । ସେମାନଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା ବଢ଼ାଇଛନ୍ତି। ସରକାରରେ ଆସିବା ପରେ ଅନ୍ତର୍ଦ୍ଦୟ ଗୃହ ଯୋଜନା ମାଧ୍ୟମରେ ତାଙ୍କୁ ଘର ମିଳୁଛି। ବାଣିଶ୍ରୀ ଛାତ୍ରବୃତ୍ତି ଆଗାମୀ ଦିନରେ ଦେବାକୁ ପୋର୍ଟାଲ ଖୋଲା ଯାଇଛି ବୋଲି ମନ୍ତ୍ରୀ କହିଥିଲେ।

## ଓଡ଼ିଶା ଦୋକାନ...

ଉପରେ ସଂଶୋଧନ ପ୍ରସ୍ତାବ ଆଣିଥିଲେ। ହେଲେ ବାଚନିକ ଭୋଟ୍‌ରେ ବିରୋଧୀ ଦଳର ସଂଶୋଧନ ପ୍ରସ୍ତାବ କାଟ୍ ଖାଇଯାଇଥିଲା।

ବିଲ୍‌ର ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଥିଲେ ଯେ, ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ କାମ କରୁଥିବା ଶ୍ରମିକ କର୍ମଚାରୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦୃଷ୍ଟି ଦିଆଯାଇଛି। ଶ୍ରମିକମାନେ ଦିନକୁ ୯ ଘଣ୍ଟା ହିସାବରେ ସପ୍ତାହରେ ୪୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ବ୍ୟବସ୍ଥା ରହିଛି। ଏଥିରୁ ଅଧିକା ସମୟ କାମ କରିବାକୁ ବାଧ କରାଯିବ ନାହିଁ ସେଥିପାଇଁ ଅନୁମତି ଦିଆଯିବ ନାହିଁ। ମନ୍ତ୍ରୀ ଉତ୍ତର ଦେଉଥିବା ବେଳେ ବିଜେଡ଼ି ବିଧାୟକମାନେ ପ୍ରତିବାଦ କରି କକ୍ଷତ୍ୟାଗ କରିବା ପରେ ବିଲ୍‌ଟି ବାଚନିକ ଭୋଟ୍‌ରେ ଗୃହରେ ଅନୁମୋଦନ ଲାଭ କରିଥିଲା।

## ପ୍ରେସ୍ କାଉନ୍‌ସିଲ ...

୧୯୭୯ରେ ଏହାର ପୁନଃପ୍ରତିଷ୍ଠା ହୋଇଥିଲା ପ୍ରେସ୍ କାଉନ୍‌ସିଲ ଆକ୍ଟ ୧୯୭୮ ଅନୁଯାୟୀ । ସୁପ୍ରିମ କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଏହାର ଚେୟାରମ୍ୟାନ ରହିଥାନ୍ତି । ବର୍ତ୍ତମାନ ଏହାର ଚେୟାରମ୍ୟାନ ରହିଛନ୍ତି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଞ୍ଜନା ପ୍ରସାଦ ଦେଶାଇ । ଗଣମାଧ୍ୟମର ପ୍ରତିନିଧି ଭାବେ ପୂର୍ବଭାରତରୁ ସୁଧୀର କୁମାର ପଣ୍ଡା ଏକମାତ୍ର ସଦସ୍ୟ ହୋଇଥିବାରୁ ବିଭିନ୍ନ ଗଣମାଧ୍ୟମ ସଂସ୍ଥା, ସାମ୍ବାଦିକ ସଂଘ, ସାମାଜିକ ସଙ୍ଗଠନ, ରାଜନୈତିକ ବ୍ୟକ୍ତି, ଆଇନଜୀବୀଙ୍କ ପକ୍ଷରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଶ୍ରୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଫେବୃୟାରୀ...

ରାଜ୍ୟବ୍ୟାପୀ ୩୦ଟି ଜିଲ୍ଲାରେ ୧୩୫୦ ପରୀକ୍ଷା କେନ୍ଦ୍ର ପାଇଁ ଯୋଜନା ଅଛି। ଆବଶ୍ୟକ ଅନୁସାରେ ଏଥିରୁ ଅଳ୍ପ କିଛି ପରିବର୍ତ୍ତନ ହୋଇପାରେ।

ଆସନ୍ତା ୧୫ ତାରିଖ ଠାରୁ ଛାତ୍ରଛାତ୍ରୀଙ୍କ ପାଇଁ ଆଡମିଟ କାର୍ଡ ଜାରି କରାଯିବ। ସେହିପରି ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରୀ ୨ ତାରିଖ ଠାରୁ ଆରମ୍ଭ କରାଯାଇ ୧୫ ତାରିଖ ପର୍ଯ୍ୟନ୍ତ ଶେଷ କରାଯିବ। ଗତବର୍ଷ ଗୁଡ଼ିକରେ ଯେମିତି ପରୀକ୍ଷା ହେଉଥିଲା, ଚଳିତ ବର୍ଷ ମଧ୍ୟ ସେହିଭଳି ପଦକ୍ଷେପ ନିଆଯାଇଛି। ଗତଥର ପରୀକ୍ଷା କ୍ଷେତ୍ରରେ ଆମେ ସ୍ୱଚ୍ଛତା ଆଣିପାରିଥିଲୁ। ପୂର୍ବରୁ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ସ୍କାଡ ରହୁଥିଲେ। ଏଥର ତାହାକୁ ୨ଟି କରିଦିଆଯାଇଛି।

## ଡଲାର...

ଚୁକ୍ତି ହେଲେ ଟଙ୍କାର ମୂଲ୍ୟ ହ୍ରାସ ବନ୍ଦ ହୋଇପାରେ ଏବଂ ଏଥିରେ ପରିବର୍ତ୍ତନ ମଧ୍ୟ ଆସିପାରେ। ବୁଧବାର ଶେୟାର ବଜାର ଶାନ୍ତ ରହିଥିଲା। ସେନସେକ୍ସ ମାତ୍ର ୧୨ ପଏଣ୍ଟ ବୃଦ୍ଧି ପାଇ ୮୫,୧୫୧ରେ ଏବଂ ନିଫ୍ଟି ୧୮ ପଏଣ୍ଟ ଖସି ୨୬,୦୧୪ରେ ବନ୍ଦ ହୋଇଥିଲା।

## ସଙ୍କଟରେ ଶ୍ରୀଲଙ୍କା...

ଯୋଗେ ଉଦ୍ଧାର କାମ ଜାରି ରଖିଛନ୍ତି ଭାରତୀୟ ବୀର । ଆକାଶମାର୍ଗରୁ ରିଲିଫ ସାମଗ୍ରୀ ବଣ୍ଟନ ସହ ଅପହଞ୍ଚ ଅଞ୍ଚଳ, ଯାହା ବନ୍ୟା ଦ୍ୱାରା ବିଚ୍ଛିନ୍ନ ହୋଇଛି ସେଠାରେ ପହଞ୍ଚି ଫସିଥିବା ଲୋକଙ୍କୁ ଉଦ୍ଧାର କରୁଛନ୍ତି ଯବାନମାନେ । ତେବେ ଶ୍ରୀଲଙ୍କାରେ ବନ୍ୟା ଯୋଗୁ ପାଖାପାଖି ୪୦୦ ଜଣଙ୍କ ପ୍ରାଣହାନୀ ହୋଇଥିବା ବେଳେ ଅନେକ ନିଖୋଜ ଅଛନ୍ତି । ସେପଟେ ଶ୍ରୀଲଙ୍କା ଭାରତର ସହାୟତା ପରେ ଧନ୍ୟବାଦ ଅର୍ପଣ କରିଛି । ସଙ୍କଟ ବେଳେ ପ୍ରଥମେ ଭାରତ ହିଁ ସହାୟତା ପାଇଁ ଆଗେଇ ଆସିଥିବା କହିଛନ୍ତି ଶ୍ରୀଲଙ୍କା ହାଇକମିଶନର ।

# ଇମ୍ଫା ଥେରୁବାଲି ଦ୍ୱାରା ନୂତନ ଆମ୍ବୁଲାନ୍ସ ସେବା ଲୋକାର୍ପିତ



**ରାୟଗଡା, ନ୍ୟୁଜ ବ୍ୟୁରୋ**
ରାୟଗଡା ଜିଲ୍ଲାରେ ରେ ଥିବା କମ୍ପାନୀ ଇମ୍ଫାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକାରୀ ସଂସ୍ଥା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ଦ୍ୱାରା ଥେରୁବାଲି ଅଞ୍ଚଳବାସୀଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ଏକ ନୂତନ ଆମ୍ବୁଲାନ୍ସ ଲୋକାର୍ପିତ କରାଯିବା ସଂଗେ ସଂଗେ ସ୍ୱାସ୍ଥ୍ୟସେବା ଯୋଗାଣର ଶୁଭାରମ୍ଭ ହୋଇଛି । ଏହି ଲୋକାର୍ପଣ ସମାରୋହ ରେ ଥେରୁବାଲି ସରପଞ୍ଚ ସୁଶ୍ରୀ ମମତା ପୁଲକା, ଖେଦପଡା ସରପଞ୍ଚ ଶ୍ରୀମାନ ନରସିଂହ କିଲକା, ଡୁମୁରିଗୁଡା ସରପଞ୍ଚ ସୁଶ୍ରୀ ମାଣିକ ପିର୍ବାକା, କାର୍ତ୍ତୀକଗୁଡ଼ା ସରପଞ୍ଚ ସୁଶ୍ରୀ ରୀନା କାଡ୍ରାକା, କେଲିଗୁଡା ସରପଞ୍ଚ ଶ୍ରୀମତୀ ସୁଶାନ୍ତି କୁତୃକା, କୋଲନରା ପଞ୍ଚାୟତ ସମିତିର ଉପାଧକ୍ଷ୍ୟ ଶ୍ରୀମାନ ହଳଧର ହିମିରିକା ଓ ସମିତି ସଭ୍ୟମାନଙ୍କ ଉପସ୍ଥତିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ରୀନା ପ୍ରଧାନ ରିବନ ଫିତା କାଟି ସବୁଜ ପତାକା ଦେଖାଇ ମାଗଣା ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ ଓ ଇମ୍ଫାର ଏଭଳି ଜନହିତକର ସେବାକାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନର ଉପସଭାପତି ଶ୍ରୀମାନ ଧର୍ମେଶ ଗୋଏଲ, ଇମ୍ଫା-ଥେରୁବାଲିର ଉପସଭାପତି ଶ୍ରୀମାନ ଆଶୀଷ କୁମାର ରାୟ, ସାଧାରଣ ପରିଚାଳକ(ଯାନ୍ତ୍ରିକ) ଶ୍ରୀମାନ ଏମ୍. ଶ୍ରୀନିଭାସ, ସାଧାରଣ ପରିଚାଳକ (ଯୋଗାଣ ଶୃଙ୍ଖଳା) ଶ୍ରୀମାନ ଅତନୁ ମିଶ୍ର, ଉପମୁଖ୍ୟ ପରିଚାଳକ (ମାନବ ସମ୍ବଳ ଓ ସାଧାରଣ ପ୍ରସାଶାନ) ଶ୍ରୀମାନ କ୍ଷୀତିଶ ଚନ୍ଦ୍ର ମହାପାତ୍ର ଓ ସମସ୍ତ ବିଭାଗର ମୁଖ୍ୟ , ଇମ୍ଫା ହସ୍ପିଟାଲ ର ମୁଖ୍ୟ ଡାକ୍ତର ଶ୍ରୀମତୀ ବାଗ୍ମୀ ପଣ୍ଡା , ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ ଲୋକ ସମ୍ପର୍କ ବିଭାଗର ସରକାରୀ ପରିଚାଳକ ଶ୍ରୀମାନ ଦୀପକ କୁମାର ଓଝା ଓ ସହାକର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୧୮ ମସିହାରୁ ଏହି ମାଗଣା ଅମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୨୦୦୦ରୁ ଉର୍ଦ୍ଧ୍ୱ ଜନ ସଂଖ୍ୟା ପାଇଁ ଉନ୍ନତ ସେବା ଯୋଗାଇବା ପାଇଁ ଆଉ ଏକ ନୂତନ ଅମ୍ବୁଲାନ୍ସ ସଂଲଗ୍ନ କରାଯାଇଛି । ଏହା ଦିବାରାତ୍ରୀ ମାଗଣା ଅମ୍ବୁଲାନ୍ସ ସେବା ନିରନ୍ତର ଭାବେ ଯୋଗାଇଥାଏ। ଇମ୍ଫାର ଏଭଳି ଜନହିତକର କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିବା ସହ ଇମ୍ଫା କର୍ତ୍ତୃପକ୍ଷ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ସେବା ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ମାଗଣାରେ ଜରୁରୀକାଳୀନ ଅମ୍ବୁଲାନ୍ସ ସେବା ପାଇ ପାରିବେ ବୋଲି ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମାନ ପ୍ରଭାକର ପଣ୍ଡା ପ୍ରକାଶ କରିଥିଲେ।

# 'ଜିନ୍ଦଲ ଆଶା' ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ




**ଅନୁଗୁଳ, ନ୍ୟୁଜ ବ୍ୟୁରୋ**
ଦିବ୍ୟାଙ୍ଗ ପିଲାଙ୍କ ଯତ୍ନ, ଚିକିତ୍ସା ଏବଂ ଶିକ୍ଷା ପାଇଁ ଉତ୍ସର୍ଗୀକୃତ ଜିନ୍ଦଲ ଫାଉଣ୍ଡେସନର ଅଗ୍ରଣୀ ପଦକ୍ଷେପ 'ଜିନ୍ଦଲ ଆଶା' ପକ୍ଷରୁ ସୁବ୍ୟବସ୍ଥିତ ଏବଂ ଆକର୍ଷଣୀୟ ଢଙ୍ଗରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ଜିନ୍ଦଲ ଆଶାର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ, ଯେଉଁଥିରେ ଲୋକନୃତ୍ୟ, ଆଦିବାସୀ ନୃତ୍ୟ ଏବଂ ପାରମ୍ପରିକ ନୃତ୍ୟ ସମେତ ଫ୍ୟାନ୍ସି ଡ୍ରେସ୍ ସାମିଲ ଥିଲା। ଏହି ଅବସରେ ଏକ ସାମାଜିକ ସଚେତନତାଧର୍ମୀ ନାଟକ ପ୍ରଦର୍ଶିତ ହୋଇଥିଲା, ଏଥିରେ ଦିବ୍ୟାଙ୍ଗ ପ୍ରତି ସମ୍ବେଦନଶୀଳ ଓ ସହାନୁଭୂତି ପୂର୍ଣ୍ଣ ଭାବେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ 'ଜିନ୍ଦଲ ଆଶା' ପକ୍ଷରୁ ଜିନ୍ଦଲ ନଗର ଟାଉନସିପରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଦିବ୍ୟାଙ୍ଗ ପ୍ରତି ଜାଗରଣ ସୃଷ୍ଟି କରିବା ଏବଂ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା । ସରକାରଙ୍କ ଦ୍ୱାରା ସମର୍ଥିତ ସୁବିଧା ପ୍ରକ୍ରିୟାର ଏକ ଅଂଶ ସ୍ୱରୂପ, ଯୋଗ୍ୟ ହିତାଧିକାରୀମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ଏବଂ ପିଲାମାନଙ୍କୁ ଜିନ୍ଦଲ ଆଶା ପକ୍ଷରୁ ଅନୁଷ୍ଠିତ ହୋଇଥିବା ଚତୁର୍ଥ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ । ଯାହା ଏହି ଦିବସକୁ ଆକର୍ଷଣୀୟ, ସମାବେଶୀ ଏବଂ ସ୍ମରଣୀୟ ଭାବରେ ପାଳନ କରିବାରେ ସାହାଯ୍ୟ କରିଥିଲା।

# ୮ ଲକ୍ଷ ଟଙ୍କାର ଧଳାଜହର ଜବତ: ୩ ଗିରଫ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**
ଯାଜପୁର ଜିଲ୍ଲାର ଅବକାରୀ ମୋବାଇଲ ସ୍କ୍ୱାର୍ଡ ଓ ଡୋଲିପୁର ଅବକାରୀ ବିଭାଗ ମିଳିତ ଚଢ଼ଉ କରି ୮୨ ଗ୍ରାମ ହିରୋଇନ ଯାହାର ଆନୁମାନିକ ମୂଲ୍ୟ ୮ ଲକ୍ଷରୁ ଉର୍ଦ୍ଧ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ମୁତାବକ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ପାଣିକୋଇଲି ଥାନା ଜହ୍ନା ଛକ ନିକଟରେ ସୋମବାର ଅପରାହ୍ନରେ ଚଢ଼ାଉ କରିଥିଲେ । ଏହି ସମୟରେ ପାଣିକୋଇଲିରୁ ଯାଜପୁରରୋଡ଼ ଆଡକୁ ଆସୁଥିବା ତିନିଜଣ ଯୁବକଙ୍କୁ ଅଟକାଇଥିଲେ। ସେମାନଙ୍କ ନିକଟରୁ ୮୨ ଗ୍ରାମ ହିରୋଇନ ଜବତ କରାଯିବା ସହ ଏଥିରେ ବ୍ୟବହୃତ ଏକ ସ୍କୁଟି ନଂ ଓଡି ୩୪ ଏଲ ୮୭୨୭କୁ ଅଧିକାରୀ ଜବତ କରିଥିଲେ । ସେମାନେ ଭଦ୍ରକ ଅଞ୍ଚଳରୁ ଏହି ଧଳାଜହର ଯାଜପୁରରୋଡ଼ର ସପଗଡିଆ ଅଞ୍ଚଳରେ ବିକ୍ରି ପାଇଁ ଆଣୁଥିଲେ ବୋଲି ପ୍ରକାଶ । ଅଭିଯୁକ୍ତମାନେ ହେଲେ ପାଣିକୋଇଲି ଥାନା ଶଙ୍ଖାଚିଲା ଛୋଟରାୟପୁର ଗ୍ରାମର ସନ୍ତୋଷ ଦାସ (୩୫), ଯାଜପୁରରୋଡ଼ ଥାନା ଗାୟତ୍ରୀ ବିହାରର ଲକ୍ଷ୍ମଣ ସ୍ୱାଇଁ (୩୪) ଓ ଯାଜପୁରରୋଡ଼ ନଟପଦା ଅଞ୍ଚଳର ଜ୍ଞାନରଞ୍ଜନ ସାମଲ (୨୨) ବୋଲି ବିଭାଗ ସୂଚନା ଦେଇଛି । ଅବକାରୀ ବିଭାଗ ପକ୍ଷରୁ ଏନ ଡି ପି ଏସ ପିଆର ନଂ ୨୧୯/ ୨୦୨୫ -୨୬ରେ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଜିଲା ମୋବାଇଲ ସ୍କ୍ୱାର୍ଡ ଆଇଆଇସି ନାରାୟଣ ବେହେରା, ଇନ୍ସପେକ୍ଟର ସସ୍ମିତା ହୋତା, ଡୋଲିପୁର ଅବକାରୀ ଅଧିକାରୀ ବିଭୁ ପ୍ରସାଦ ସାହୁ, ଏସ ଆଇ ରାମେଶ୍ୱର ମହାନ୍ତି, ଏଏସ ଆଇ ରମେଶ ନାୟକ, ରଞ୍ଜନ ପାତ୍ର, ରଶ୍ମିରେଖା ଜେନା ଓ ଚଗଲା ମଲିକ ସାମିଲ ହୋଇଥିଲେ ।



# ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରାଯାଉ ୫ ଆଦିବାସୀ ଭାଷା : ଡକ୍ଟର ସସ୍ମିତ ପାତ୍ର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସଂସଦର ଶୀତକାଳୀନ ଅଧିବେଶନରେ ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର ୫ଟି ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବାକୁ ଦାବି କରିଛନ୍ତି। ହୋ, ମୁଣ୍ଡାରୀ, ଭୂମିଜ, କୁଇ ଏବଂ ସାଓରା ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ଜଣାଇଛନ୍ତି । ସେ ସଂସଦରେ କହିଛନ୍ତି ଯେ, ହୋ, ମୁଣ୍ଡାରୀ, ଭୂମିଜ, କୁଇ ଏବଂ ସାଓରା ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବାକୁ ଭାରତ ଏବଂ ଓଡିଶାର ଆଦିବାସୀ ଭାଇ ଓ ଭଉଣୀମାନେ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି । ଓଡିଶା ସରକାର ଏଥିପାଇଁ ଅନେକ ସମୟରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଓଡିଶା, ଛତିଶଗଡ, ଝାଡଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ ତେଲେଙ୍ଗାନା ରାଜ୍ୟର କୋଟି କୋଟି ଆଦିବାସୀ ଏହି ଭାଷା ବ୍ୟବହାର କରୁଛନ୍ତି । ଏହି ଭାଷାଗୁଡିକୁ ସାମିଲ କରିବା ନେଇ ବହୁବାର ଦାବି କରିଆସୁଛି । ରିଜ୍ୟୁଲେନସନ ଓ ଦାବିପତ୍ର କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ଦାବି ପୂରଣ ହୋଇ ନାହିଁ। ସମ୍ବିଧାନରେ ଉକ୍ତ ୫ ଭାଷାକୁ ସାମିଲ କରିବାକୁ ସସ୍ମିତ ପାତ୍ର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

# ସାର କଳାବଜାରୀ ଓ ବେଆଇନ ବିକ୍ରି ରୋକିବାକୁ ୭୦୦୧ଟି କେନ୍ଦ୍ରରେ ଚଢ଼ଉ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସାର କଳାବଜାରୀ ଓ ବେଆଇନ ବିକ୍ରି ରୋକିବାକୁ ହୋଇଛି କଡା ଆକ୍ସନ । ଚଳିତ ବର୍ଷ ରାଜ୍ୟ ଓ ଜିଲ୍ଲା ସ୍ତରରେ ଏନଫୋସମେଣ୍ଟ ସ୍କ୍ୱାର୍ଡ ଦ୍ୱାରା ୭ ହଜାର ୧ ଟି ସାର ବିକ୍ରୟ କେନ୍ଦ୍ରରେ ହୋଇଛି ଚଢ଼ାଉ। ୨ ହଜାର ୧୧ ଜଣ ନିୟମ ଉଲ୍ଲଘଂନକାରି ବିକ୍ରେତାଙ୍କୁ ହୋଇଛି କାରଣ ଦର୍ଶାଅ ନୋଟିସ। ୩୫ ଦୋକାନରେ ବିକ୍ରି ବନ୍ଦ ସହ ୧୨ ଟି ବିକ୍ରି ସାମଗ୍ରୀ ଜବତ ହୋଇଛି । ୫ ଜଣ ବିକ୍ରେତାଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ ସହ ୭୭ ଟି ଡିଲରଙ୍କ ଲାଇସେନ୍ସ ବାତିଲ ଓ ୩୦ ଡିଲରଙ୍କ ଲାଇସେନ୍ସ ନିଲମ୍ବନ କରିଛନ୍ତି ସରକାର । ବିଜେଡି ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଉତ୍ତର ରଖିଛନ୍ତି ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCBBSPURI-ISLAND-eOT27, ତା.25.11.2025 ରିଖ
**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ପୁରୀ ରେଳ ଷ୍ଟେସନ ଠାରେ ବର୍ତ୍ତମାନ ଥିବା ଇଞ୍ଜିନ୍ ସ୍ଥାୟୀ ଲାଇନ-110ର ସଂପ୍ରସାରଣ ଏବଂ Rt 1A-300M, IB-300 M ମଧ୍ୟରେ ଗୋଟିଏ ନୂଆ Island ପ୍ଲାଟଫର୍ମ ସମ୍ବନ୍ଧୀୟ ପୁରୀ ଷ୍ଟେସନ ଠାରେ ମେସର୍ସ Siemens Rail Automation Pvt Ltd ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ୍ ସିଷ୍ଟମ (କେନ୍ଦ୍ରୀକୃତ) ର ପରିବର୍ତ୍ତନ ଏବଂ ଇନଡୋର ତଥା ଆଉଟଡୋର ସିଗ୍‌ନାଲିଙ୍ଗ୍ କାର୍ଯ୍ୟର ସମ୍ପାଦନ ।
**ଆନୁମାନିକ ମୂଲ୍ୟ (₹) :** 3,40,61,537.83, EMD (₹) : 2,20,300.00, କାର୍ଯ୍ୟ ଶେଷ ହେବା ଅବଧି : 04 (ଚାରି) ମାସ ।
**ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.12.2025 ରିଖ 1100 ଘଟିକାରେ । ଇ-ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.26.12.2025 ରିଖ 1100 ଘଟିକାରେ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ । ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ ।
ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ(ନିର୍ମାଣ), ଭୁବନେଶ୍ୱର
PR-173/CI/25-26

ଭୁବନେଶ୍ୱର
୦୪ ଡିସେମ୍ବର,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ବିଧାନସଭାରେ ମା' ରମାଦେବୀଙ୍କ ଜୟନ୍ତୀ ପାଳିତ

# ମା'ରମାଦେବୀ ହେଉଛନ୍ତି ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ

**ଭୁବନେଶ୍ୱର, ୩/୧୨**
**ନ୍ୟୁଜ ବ୍ୟୁରୋ**



ମା' ରମାଦେବୀ ହେଉଛନ୍ତି ସଂଗ୍ରାମ, ତ୍ୟାଗ, ସାଂପ୍ରଦାୟିକ ସଦ୍ଭାବନା, ମାନବିକତା, ପ୍ରତିବଦ୍ଧତା ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ । ପ୍ରାଚୁର୍ଯ୍ୟରୁ ଆସି ସେ ସରଳତାକୁ ଗ୍ରହଣ କରିଥିଲେ । ଘରକୋଣରୁ ବାହାରି ଜାତୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ । ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଓ ଅସହଯୋଗ ଆନ୍ଦୋଳନରେ ତାଙ୍କର ଅଗ୍ରଗଣ୍ୟ ଭୂମିକା ଥିଲା । ଜାତିଭେଦର ସଂକୀର୍ଣ୍ଣ ଅର୍ଗଳି ଛିନ୍ନ କରି ଗ୍ରାମ ସ୍ୱରାଜ୍ୟ, ସାମାଜିକ ନ୍ୟାୟର ପ୍ରବକ୍ତା ଭାବରେ ମା' ରମାଦେବୀ ଦଳିତ, ଅବହେଳିତ ଓ ନିଷ୍ପେସିତ ବର୍ଗଙ୍କ ପାଇଁ ତ୍ରାଣକର୍ତ୍ତା ପାଲଟିଥିଲେ। ଭୂଦାନ ଓ ସର୍ବୋଦୟ ଭଳି ରଚନାତ୍ମକ କାର୍ଯ୍ୟରେ ମନୋନିବେଶ କରିଥିଲେ। ଓଡ଼ିଶାରେ ମହିଳାମାନଙ୍କ ସାମାଜିକ, ରାଜନୈତିକ ଭୂମିକାକୁ ସେ ଉଚ୍ଚତର ସ୍ତରକୁ ନେବାରେ ଶକ୍ତିଶାଳୀ ଅବଦାନ ପ୍ରକଟ କରିଥିଲେ । ଲାଞ୍ଛନା, ନିର୍ଯାତନା, ଶୋଷଣ, ଲାଠିମାଡ଼, ଜେଲବରଣକୁ ଖାତିର ନ କରି ମା' ରମାଦେବୀ ସ୍ୱାଧୀନତା ନିମନ୍ତେ ତାଙ୍କର ଅତୁଳନୀୟ ଅବଦାନ ପ୍ରକଟ କରି ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ମା'ରମାଦେବୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଓ ଫକୀର ନାୟକ, ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ବିଧାନସଭା ପାର୍ଶ୍ୱବର୍ତ୍ତୀ ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଦୃଢ଼ ଇଚ୍ଛାଶକ୍ତି ସମାଜକୁ ସମୃଦ୍ଧ କରୁଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର ୦୩।୧୨ ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ଡିସେମ୍ବର ୩କୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ପାଳନ କରାଯାଇଥାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭିନ୍ନକ୍ଷମଙ୍କୁ ସଶକ୍ତ କରିବା, ସେମାନଙ୍କ ମୌଳିକ ଅଧିକାର ପାଇଁ ସଚେତନ କରିବା । ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହା ଡିସେମ୍ବର ୩ ତାରିଖକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ଭାବରେ ପାଳନ କରାଯାଉଛି । ଭିନ୍ନକ୍ଷମଙ୍କ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ ସେୟାର କରିଛନ୍ତି । ଯେଉଁଥିରେ ସେ ଲେଖିଛନ୍ତି ଯେ, 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ, ଆସନ୍ତୁ ସମାନ ଅଧିକାର, ସମାନ ସୁଯୋଗ ଓ ଏକ ଅନ୍ତର୍ଭୁକ୍ତ ସୁଦୃଢ଼ ସମାଜ ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃ ସ୍ମରଣ କରିବା । ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଦୃଢ଼ ଇଚ୍ଛାଶକ୍ତି ଏବଂ ଅସୀମ କ୍ଷମତା ଆମ ସମାଜକୁ ସମୃଦ୍ଧ କରୁଛି । ସେମାନଙ୍କ ଅବଦାନ ଓ ସାମର୍ଥ୍ୟକୁ ସମ୍ମାନ ଜଣାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସମ୍ପୂର୍ଣ୍ଣ ଭାବେ ସାମିଲ କରିବା ପାଇଁ ଆମେ ସମସ୍ତେ ମିଳିତ ପ୍ରୟାସ କରିବା ।'

## ଅନ୍ତର୍ଜାତୀୟ ଜର୍ଣ୍ଣାଲ ଡାଟାବେସରେ ତାଲିକାଭୁକ୍ତ ହେଲା କିମ୍ସ ଜର୍ଣ୍ଣାଲ



**ଭୁବନେଶ୍ୱର, ୩/୧୨**
**ନ୍ୟୁଜ ବ୍ୟୁରୋ**

ଶିକ୍ଷାଗତ ଏବଂ ଗବେଷଣା କାର୍ଯ୍ୟକଳାପକୁ ଆଗକୁ ନେବା ପାଇଁ କିମ୍ସ ପକ୍ଷରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଜର୍ଣ୍ଣାଲ୍ ଅଫ୍ ଇଣ୍ଟିଗ୍ରେଟିଭ୍ ମେଡିସିନ୍ ଆଣ୍ଡ୍ ରିସର୍ଚ୍ଚ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍ସରେ ସ୍ଥାନିତ ହୋଇଛି । କିମ୍ସ ଶିଶୁରୋଗ ବିଶେଷଜ୍ଞ ତଥା ଜର୍ଣ୍ଣାଲ୍ ଅଫ୍ ଇଣ୍ଟିଗ୍ରେଟିଭ୍ ମେଡିସିନ୍ ଆଣ୍ଡ୍ ରିସର୍ଚ୍ଚର ସମ୍ପାଦକ ପ୍ରଫେସର ନିର୍ମଳ କୁମାର ମହାକୁଡ, ପୂର୍ବତନ ସମ୍ପାଦକ ପ୍ରଫେସର ପ୍ରଶାନ୍ତ ପ୍ରଧାନ ଓ ସହକାରୀ ପ୍ରଫେସର ଗୀତାଚାନ୍ଦ ଆଚାର୍ଯ୍ୟ ପରିଚାଳନା ସମ୍ପାଦକଙ୍କ ମିଳିତ ପ୍ରୟାସରେ ଏହି ଜର୍ଣ୍ଣାଲଟି ପ୍ରକାଶ ପାଇବା ସହ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍ସରେ ସ୍ଥାନ ପାଇଛି । ବିଶ୍ୱସ୍ତରୀୟ ମାନ୍ୟତା ପାଇବାରେ କିମ୍ସର ଏହି ଚିକିତ୍ସା ଜର୍ଣ୍ଣାଲ ଓଡ଼ିଶାର ପ୍ରଥମ ଚିକିତ୍ସା ଜର୍ଣ୍ଣାଲ ହେବାର ଗୌରବ ଅର୍ଜନ କରିଛି ।

ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲସ ଇଣ୍ଡେକ୍ସ ଅନ୍ତର୍ଜାତୀୟ ଦୃଶ୍ୟମାନତା, ବିଶ୍ୱସନୀୟତା ଏବଂ ବିଶ୍ୱବ୍ୟାପୀ ବିଦ୍ୱାନ, ଗବେଷକ ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଆସିଛି । ବହୁ ବିଶେଷଜ୍ଞ ଓ ଗବେଷକ ଏଥିରୁ ବିଶେଷ ଉପକୃତ ହୋଇଥାନ୍ତି । କିମ୍ସର ଏହି ଜର୍ଣ୍ଣାଲ ଜାନୁଆରୀ ୨୦୨୩ ରେ ଏକ ତ୍ରୈମାସିକ ପ୍ରକାଶନ ଭାବରେ ଆରମ୍ଭ ହୋଇଥିଲା । ଉଚ୍ଚ ଶୈକ୍ଷିକ ତର୍ଜମା ସହିତ ଦଶଟି ନିରନ୍ତର ସଂଖ୍ୟା ସଫଳତାର ସହ ପ୍ରକାଶ କରିବା ପରେ ଏହା ଭାବରେ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍ସରେ ସ୍ଥାନିତ ହେବା ପାଇଁ ଆବେଦନ କରି ଅନୁମୋଦନ ପାଇଥିଲା । ଏହି ସଫଳତା ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଡା ନିର୍ମଳ ମହାକୁଡଙ୍କ ସମେତ ଜର୍ଣ୍ଣାଲର ସମ୍ପାଦନାମଣ୍ଡଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅପରପକ୍ଷରେ ଏହି କାର୍ଯ୍ୟ ପାଇଁ ଉତ୍ସାହିତ କରିଥିବାରୁ ସମ୍ପାଦନାମଣ୍ଡଳୀ ମଧ୍ୟ ଡ. ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ନାଲ୍କୋ ପକ୍ଷରୁ ଦିବ୍ୟାଙ୍ଗଜନଙ୍କୁ ସହାୟତା ପ୍ରଦାନ

**ଭୁବନେଶ୍ୱର, ୦୩।୧୨**
**ନ୍ୟୁଜ ବ୍ୟୁରୋ**





ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍କୋ) ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ନିମନ୍ତେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୫ ଅବସରରେ ଅନୁଗୋଳ, ଦାମନଯୋଡ଼ି ଏବଂ ଭୁବନେଶ୍ୱର ଠାରେ କମ୍ପାନୀର ସିଏସଆର କାର୍ଯ୍ୟକ୍ରମ ଅନ୍ତର୍ଗତ ସହାୟତା ଶିବିରମାନ ଆୟୋଜନ କରାଯାଇ ଦିବ୍ୟାଙ୍ଗଜନମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଛି । ଅନୁଗୋଳସ୍ଥିତ ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସରେ ବଣ୍ଟନ ଶିବିରର ଶୃଙ୍ଖଳା ଆରମ୍ଭ କରାଯାଇଛି ଯେଉଁଠାରେ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ସିଏମଡି, ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ) ଏବଂ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ) ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ସହାୟକ ଉପକରଣ ବଣ୍ଟନ କରିଥିଲେ । ଏହି ଅବସରରେ କମ୍ପ୍ଲେକ୍ସର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ସିଂହ, ଅନ୍ତର୍ଭୁକ୍ତିମୂଳକ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସେ କହିଥିଲେ ଯେ, ନାଲ୍କୋ ଏହିଭଳି ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ସୁବିଧାସୁଯୋଗରୁ ବଞ୍ଚିତ ବର୍ଗଙ୍କୁ ସଶକ୍ତ କରିବା ଦିଗରେ ସଦା ସର୍ବଦା ଗୁରୁତ୍ୱ ଦେଇ ଆସୁଛି ।

ଭୁବନେଶ୍ୱରରେ ଭୀମ ଭୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିବିରରେ ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ), ନାଲ୍କୋର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ନାଲ୍କୋ ଫାଉଣ୍ଡେସନର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ୭୬ ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି । ସେହିପରି ଦାମନଯୋଡ଼ିର ମାଇନ୍ସ ଏବଂ ରିଫାଇନାରୀ କମ୍ପ୍ଲେକ୍ସରେ ୪୦ ଜଣ ହିତାଧିକାରୀଙ୍କୁ ୮୩ ଟି ସହାୟକ ଉପକରଣ ପ୍ରଦାନ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ନାଲ୍କୋ ଦାମନଯୋଡ଼ିରେ ପ୍ରାୟ ୨୦୦ ପାର୍ଶ୍ୱବର୍ତ୍ତୀ ଗ୍ରାମର ୧୮୯ ଜଣ ହିତାଧିକାରୀଙ୍କୁ ସହାୟକ ଉପକରଣ ବଣ୍ଟନ କରାଯିବ, ଯେଉଁଥିରେ ଚାରି ଜଣ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯିବ । ଏହା ସେମାନଙ୍କ ଚଳପ୍ରଚଳ ଏବଂ ଆତ୍ମବିଶ୍ୱାସକୁ ସୁଦୃଢ଼ କରିବା ଦିଗରେ ସହାୟକ ହେବ । ସୂଚନାଯୋଗ୍ୟ ଯେ, ନାଲ୍କୋର ସିଏସଆର ଶାଖା - ନାଲ୍କୋ ଫାଉଣ୍ଡେସନ୍, ଭାରତୀୟ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ (ଆଲିମକୋ) ସହିତ ମିଳିତ ଭାବରେ ତଥା ସମ୍ପୃକ୍ତ ଜିଲ୍ଲା ପ୍ରଶାସନର ସହାୟତାରେ ବ୍ୟାଟେରୀ ଚାଳିତ ମୋଟରାଇଜଡ୍ ଟ୍ରାଇସାଇକେଲ୍, ହ୍ୱିଲଚେୟାର, କୃତ୍ରିମ ଅଙ୍ଗ, ଶ୍ରବଣ ଯନ୍ତ୍ର, ସ୍କ୍ରିନ୍-ରିଡିଂ ବୈଶିଷ୍ଟ୍ୟ ସହିତ ସ୍ମାର୍ଟଫୋନ୍, ସୁଗମ୍ୟ ବାଡ଼ି ଇତ୍ୟାଦି ଭଳି ୬୮୭ଟି ସହାୟକ ଉପକରଣ ବଣ୍ଟନ କରାଯାଉଛି ।

ଏହି କାର୍ଯ୍ୟକ୍ରମରେ ନାଲ୍କୋ ଅନୁଗୋଳର ୪୪ଟି ପାରିପାର୍ଶ୍ୱିକ ଗ୍ରାମ, ନାଲ୍କୋ ଦାମନଯୋଡ଼ି ଅଞ୍ଚଳର ୨୦୦ଟି ଗ୍ରାମ ଏବଂ ଭୁବନେଶ୍ୱରର ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ମିଶାଇ ୪୦୦ରୁ ଅଧିକ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ନାଲ୍କୋ ଦିବ୍ୟାଙ୍ଗ/ଦିବ୍ୟାଙ୍ଗ ଜନମାନଙ୍କ ଚିହ୍ନଟ ଏବଂ ଉପଯୁକ୍ତ ସହାୟକ ଉପକରଣ ବଣ୍ଟନ ନିମନ୍ତେ ଆଲିମକୋ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି, ଯାହାଦ୍ୱାରା ସେମାନଙ୍କ ଯାତାୟାତ, ମର୍ଯ୍ୟାଦା ଏବଂ ଦୀର୍ଘକାଳୀନ ସୁବିଧାକୁ ପ୍ରୋତ୍ସାହିତ କରାଯାଇପାରିବ । ଏଭଳି ପ୍ରୟାସ ମାଧ୍ୟମରେ କମ୍ପାନୀର ପରିପାର୍ଶ୍ୱିକ କ୍ଷେତ୍ରଗୁଡ଼ିକରେ ଏକ ସମ୍ମିଳିତ ଏବଂ ସଶକ୍ତ ସମାଜ ଗଠନ ନିମନ୍ତେ ନାଲ୍କୋ ନିଜର ପ୍ରତିବଦ୍ଧତାକୁ ଦର୍ଶାଇଛି ।

## ୩୬ ତମକୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟାରେ

# ଓଡ଼ିଶୀ ନୃତ୍ୟ ସହିତ କଥାକଲି ନୃତ୍ୟରେ ଦର୍ଶକ ବିଭୋର

**କୋଣାର୍କ, ୦୩/୧୨ ନ୍ୟୁଜ ବ୍ୟୁରୋ**






ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ୩୬ତମ କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଶୀ ଓ କଥାକଲି ନୃତ୍ୟ ଶୈଳୀର ଅପୂର୍ବ କଳା ଓ କଳ୍ପନା ଦେଖିବାକୁ ମିଳିଥିଲା କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ । ଭାରତ ବର୍ଷରେ ସୂର୍ଯ୍ୟ ଉପାସନା ପରମ୍ପରାର ପର୍ଯ୍ୟାୟରେ ସର୍ବାଗ୍ରେ ଆସିବ ଆମ ଓଡ଼ିଶାର ଏହି ସୂର୍ଯ୍ୟ ମନ୍ଦିର, କୋଣାର୍କ । ଆଦିତ୍ୟ ନାରାୟଣଙ୍କ ପୂଜା ଓ ତା'ର ଶିଳ୍ପୀମାନଙ୍କର ବନ୍ଦାପନାକୁ ନେଇ ଏହି କୋଣାର୍କ ଉତ୍ସବର ପରିକଳ୍ପନା ଓ ଉପସ୍ଥାପନା । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ସୃଜନ ଅନୁଷ୍ଠାନର ଗୁରୁ ରତିକାନ୍ତ ମହାପାତ୍ର ଓ ସାଥୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡ଼ିଶୀ ନୃତ୍ୟ । ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଅଦ୍ୱିତୀୟମ୍, ଅଦ୍ୱିତୀୟମ୍ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଦ୍ୱାରା କାଳଜୟୀ ଜ୍ଞାନକୁ ପୁନର୍ଜୀବିତ କରି ପ୍ରାଚୀନ ଭିତରେ ଆଧୁନିକକୁ ଖୋଜିବା । ଗୁରୁ କେଳୁଚରଣ ମହାପାତ୍ରଙ୍କ ଅମର ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶୀରେ ନୂତନ ସୃଜନଶୀଳ ସୀମା ଅନୁସନ୍ଧାନ କରିବା ପାଇଁ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ତଥ୍ୟକୁ ସଂରକ୍ଷଣ କରି ଶାସ୍ତ୍ରୀୟ ଶବ୍ଦାବଳୀ ସହିତ ଏହା ବିବର୍ତ୍ତନକୁ ଗ୍ରହଣ କରେ, ପରମ୍ପରାକୁ ନବସୃଜନ ସହିତ ସମନ୍ୱୟ କରେ । ଏହି ନବ-ଶାସ୍ତ୍ରୀୟ ଅନୁସନ୍ଧାନଗୁଡ଼ିକ ଐତିହ୍ୟ ଏବଂ ପ୍ରଗତି ମଧ୍ୟରେ ସଂଳାପକୁ ସମର୍ଥନ କରେ ଏବଂ ନିଶ୍ଚିତ କରେ ଯେ ଓଡ଼ିଶୀ ପ୍ରାସଙ୍ଗିକ, ଶ୍ରଦ୍ଧାଳୁ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ଆଗେଇ ଚାଲିଛି ଯାହା ଭକ୍ତି, ବୁଦ୍ଧି ଏବଂ କଳାକୃତି ଦ୍ୱାରା ଆକୃତିପ୍ରାପ୍ତ । ଏହି ପ୍ରସ୍ତୁତିଟିର ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର, ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର, ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଏବଂ ଅଗ୍ନିମିତ୍ର ବେହେରା ତଥା ଆଲୋକ ଡିଜାଇନ୍ ଓ ସଞ୍ଚାଳନ ଦେବୀ ପ୍ରସାଦ ମିଶ୍ର କରିଥିଲେ । ବୁଧବାର ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟରେ କେରଳ କଳାମଣ୍ଡଳମର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା କଥାକଲି ନୃତ୍ୟ । ସେମାନଙ୍କ ପ୍ରସ୍ତୁତିରେ ଥିଲା ଦୁର୍ଯ୍ୟୋଧନ ବଧ, ଭୟାସ୍କର ଆର୍ଯ୍ୟନ୍ ନାରାୟଣନ୍ ମୁସାଦଙ୍କ ଦ୍ୱାରା ଲିଖିତ ଏହା ହେଉଛି ଏକ କଥାକଲି ନୃତ୍ୟ ନାଟିକା ଯାହା ମହାଭାରତର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ନାଟକୀୟ କରିଥିଲା, ଯାହା ଦୁର୍ଯ୍ୟୋଧନଙ୍କ ଅହଂକାରର ଉତ୍ଥାନ ଏବଂ ତାଙ୍କର ଚୂଡ଼ାନ୍ତ ପତନକୁ ଦର୍ଶାଇଥିଲା । ପସା ଖେଳ, ଦ୍ରୌପଦୀଙ୍କ ଅପମାନ, କୃଷ୍ଣଙ୍କ ଦିବ୍ୟ ହସ୍ତକ୍ଷେପ ଏବଂ ଭୀମଙ୍କ ପ୍ରତିଜ୍ଞାର ଭୟଙ୍କର ପରିପୂର୍ଣ୍ଣତାକୁ କେନ୍ଦ୍ର କରି, ଏହି ନାଟକ ଅଧର୍ମ ଏବଂ ଧର୍ମ ମଧ୍ୟରେ ଅନନ୍ତ ଦ୍ୱନ୍ଦ୍ୱକୁ ପ୍ରତିପାଦିତ କରିଥିଲା । ଅଭିବ୍ୟକ୍ତିପୂର୍ଣ୍ଣ ଅଭିନୟ, ପ୍ରତୀକାତ୍ମକ ଅଙ୍ଗଭଙ୍ଗୀ ଏବଂ ଶୃଙ୍ଖଳିତ ଯୁଦ୍ଧ କ୍ରମ ମାଧ୍ୟମରେ ଏହି ନୃତ୍ୟନାଟିକାଟି ମନ୍ଦର ବିନାଶ ଏବଂ ମହାଜାଗତିକ କ୍ରମର ପୁନରୁଦ୍ଧାରରେ ପରିଣାମ ସ୍ୱରୂପ ଥିଲା । ଗୁରୁବାର ଚତୁର୍ଥ ଦିନର କୋଣାର୍କ ଉତ୍ସବରେ ରହିଛି କୋଲକାତାରୁ ଆସିଥିବା ମଣିପୁରୀ ନର୍ତ୍ତନାଳୟର ବିମ୍ବାବତି ଦେବୀ ଓ ସାଥିଙ୍କ ଦ୍ୱାରା ମଣିପୁରୀ ନୃତ୍ୟ ଏବଂ ଭାରତୀୟ ନୃତ୍ୟ ମନ୍ଦିରର ଭରତ ଚରଣ ଗିରି ଓ ସାଥୀ ବୃନ୍ଦଙ୍କ ଓଡ଼ିଶୀ ନୃତ୍ୟ । ଚନ୍ଦ୍ରଭାଗର ବାଲୁକା ବେଳାଭୂମିରେ ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ତୃତୀୟ ଦିନର ବିଷୟ ବସ୍ତୁ ପୁରୁଷ ବାଲୁକା କଳା ଶିଳ୍ପୀଙ୍କ ପାଇଁ ଥିଲା । ସାମୁଦ୍ରିକ ଜୀବନ ଏବଂ ମହିଳା ବାଲୁକା କଳା ଶିଳ୍ପୀମାନଙ୍କ ପାଇଁ ଥିଲା ମହିଳା ସଶକ୍ତିକରଣ । ତୃତୀୟ ସଂଧାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓଡ଼ିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳୱନ୍ତ ସିଂହ, ପୁରୀ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା ଓ ପୁରୀ ବନ୍ୟପ୍ରାଣୀ ବିଭାଗର ବିଭାଗୀୟ ବନ ଅଧିକାରୀ ମାଗର ଧାନାଜୀ ରାସୋ । କାର୍ଯ୍ୟକ୍ରମଟିକୁ ସଞ୍ଚାଳନ କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ ଏବଂ ପରିଚାଳନରେ ସହଯୋଗ କରିଥିଲେ ଡକ୍ଟର ସଂଗୀତା ଗୋସାଇଁ ।

## ଭୁବନେଶ୍ୱର ଏମ୍ସକୁ ୩.୪୦ କୋଟି ଦାନକଲେ ଡାକ୍ତର ଲକ୍ଷ୍ମୀ ବାଈ

**ବ୍ରହ୍ମପୁର, ୦୩/୧୨**
**ନ୍ୟୁଜ ବ୍ୟୁରୋ**



ଶହେ ବର୍ଷରେ ପଦାର୍ପଣ କରିଲେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. ଲକ୍ଷ୍ମୀ ବାଇ । ଶହେ ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ଜୀବନବ୍ୟାପି ସଞ୍ଚିତ ପୁଞ୍ଜି ସ୍ୱାସ୍ଥ୍ୟ ସେବାର ବିକାଶରେ ବିନିଯୋଗ କରିଛନ୍ତି । ଶତବାର୍ଷିକୀ ପାଳନ ଅବସରରେ ସେ ଭୁବନେଶ୍ୱର ଏମ୍ସକୁ ୩ କୋଟି ୪୦ ଲକ୍ଷ ଟଙ୍କା ଦାନ କରିଛନ୍ତି । ଏଥିପାଇଁ ହସ୍ପିଟାଲ୍ ସହ ତାଙ୍କର ସମସ୍ତ ଆଲୋଚନା ସରିବା ପରେ କାଗଜପତ୍ର ମଧ୍ୟ ପ୍ରସ୍ତୁତ ହୋଇଥିଲା । ପ୍ରଫେସର ଲକ୍ଷ୍ମୀ ବାଇ କଟକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରୀ । ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ନେବା ପରେ ବ୍ରହ୍ମପୁର ଭାବାନଗରସ୍ଥିତ ଘରେ ରହୁଛନ୍ତି । ଆସନ୍ତା ୫ ତାରିଖରେ ସେ ଶତବାର୍ଷିକୀ ପାଳନରେ ଏହା ଘୋଷଣା କରିବେ । ଜୀବନବ୍ୟାପି ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବାରେ ଦାନ କରି ସେ ଅତ୍ୟନ୍ତ ଖୁସି । ମହିଳା କର୍କଟ ରୋଗ ଚିକିତ୍ସା ଓ ଯତ୍ନ କେନ୍ଦ୍ର କରିବାକୁ ଏହି ଟଙ୍କା ସେ ଭୁବନେଶ୍ୱର ଏମ୍ସକୁ ଦାନ କରିଥିବା କହିଛନ୍ତି । ତାଙ୍କର ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ପି. ଭାରତୀ ଓ ଡା. ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି । ସ୍ୱାସ୍ଥ୍ୟ ସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଉଭୟ ବେଶ୍ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି । ୧୯୨୬ ଡିସେମ୍ବର ୫ରେ ଡା. ଲକ୍ଷ୍ମୀ ବାଇଙ୍କ ଜନ୍ମ । ୧୯୪୫ରୁ ୧୯୫୦ ମଧ୍ୟରେ ସେ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିବା ପରେ ୧୯୫୮ରେ ମାଡ୍ରାସ୍ ମେଡିକାଲ କଲେଜ ଡିଜିଓ ଆଣ୍ଡ୍ ଏମ୍‌ଡି ଇନ୍ 'ଓ ଏଣ୍ଡ୍ ଜି' ପଢ଼ିଥିଲେ । ୧୯୫୦ରେ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲରୁ ଚାକରି ଜୀବନ ଆରମ୍ଭ କରି ୧୯୮୬ରେ ଏମ୍‌କେସିଜିରୁ ଅବସର ନେଇଥିଲେ । ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାସନାଲ ଫ୍ରେଣ୍ଡସିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ୍ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ ପାଇଛନ୍ତି ।

## ବର୍ଷ ତମାମ ପାଳନ ହେବ ରମାଦେବୀଙ୍କ ଜୟନ୍ତୀ

**ଭୁବନେଶ୍ୱର, ୩ /୧୨**
**ନ୍ୟୁଜ ବ୍ୟୁରୋ**

ଗୃହରେ ଉଦ୍‌ବେଗ ପରେ ଉତ୍ତର ରଖିଛନ୍ତି ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ । ରମାଦେବୀଙ୍କ ଜୟନ୍ତୀ ବର୍ଷ ତମାମ ପାଳନ ହେବ । ସନ୍ଧ୍ୟାରେ ମଧ୍ୟ କଳିଙ୍ଗ ଷ୍ଟାଡିୟମ୍‌ରେ ପାଳନ ହେବ ଜୟନ୍ତୀ ଉତ୍ସବ । ସମସ୍ତେ ସାମିଲ ହେବାକୁ ଆସନ୍ତୁ । ତାଙ୍କ ବଳିଦାନ ଉପରେ ବି ପୁସ୍ତକ ବଣ୍ଟନ ହେବ । ଫଟୋ ପ୍ରଦର୍ଶନ ସହ ନାଟକ ମଧ୍ୟ ପରିବେଷଣ କରାଯିବା ପାଇଁ ସରକାର ନିଷ୍ପତି ନେଇଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପୂଜ୍ୟପୂଜାକୁ ଯଥୋଚିତ ସମ୍ମାନ ଦିଆଯାଉଛି । ସୂଚନା ଓ ଲୋକସମ୍ପର୍କ ବିଭାଗର ତଥ୍ୟକୁ ଅନୁଧ୍ୟାନ କରିବା ସହ ସେଥିରେ କିଛି ଯୋଡ଼ିବାକୁ ମୁଁ ଅନୁରୋଧ କରୁଛି ବୋଲି କହିଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ।

## କଥା କଥାକେ ଗଡୁଛି ମୁଣ୍ଡ : ମାସକରେ ୩ ହତ୍ୟା, ୬ ବଳାତ୍କାର

**ଅନୁଗୁଳ, ୩/୧୨**
**ନ୍ୟୁଜ ବ୍ୟୁରୋ**

ଅସୁରକ୍ଷିତ ଅନୁଗୁଳ । କଥା କଥାକେ ଗଡ଼ୁଛି ମୁଣ୍ଡ । ବଢ଼ିଗଲାଣି ଲୁଟେରାଙ୍କ ଦୌରାତ୍ମ୍ୟ, ହତ୍ୟା, ବଳାତ୍କାର, ମହିଳା ନିର୍ଯାତନା । ଜିଲ୍ଲାର ୨୫ଟି ଯାକ ଥାନାରେ ଆଇନଶୃଙ୍ଖଳା ବିଗିଡ଼ି ଚାଲିଛି । ପ୍ରତ୍ୟେକ ମାସରେ ହାରାହାରି ୩ରୁ ୪ଟି ହତ୍ୟାକାଣ୍ଡ ଘଟୁଥିବା ବେଳେ ୬ରୁ ୭ ବଳାତ୍କାର ମାମଲା ରୁଜୁ ହେଉଛି । ଅନୁଗୁଳ ଜିଲ୍ଲାରେ ଗତ ୧୬ ମାସର କ୍ରାଇମ୍ ରେକର୍ଡ଼ ହିଁ ଏହା ବୟାନ କରୁଛି । ସୂଚନା ମୁତାବକ, ସାମାନ୍ୟ ବଚସା ଜଘନ୍ୟ ହତ୍ୟାକାଣ୍ଡର ରୂପ ନେଉଛି । କେଉଁଠି ଜମିବାଡି ବିବାଦ ତ ଆଉ କେଉଁଠି ପରକୀୟା ପ୍ରୀତି ସନ୍ଦେହରୁ ମୁଣ୍ଡ ଗଡୁଛି । ଆଉ କେଉଁଠି ସାମାନ୍ୟ ମଦ ପିଆରୁ ଆରମ୍ଭ ହେଉଥିବା ଝଗଡ଼ା ଜୀବନ ନେଉଛି । ୨୪ ଜୁନ୍ରୁ ଗତ ସେପଟେମ୍ବର ପର୍ଯ୍ୟନ୍ତ ୧୬ ମାସରେ ଜିଲ୍ଲାରେ ଘଟିଛି ୫୯ଟି ହତ୍ୟାକାଣ୍ଡ । ଏମାନଙ୍କ ମଧ୍ୟରେ ୨୩ ଜଣ ମହିଳା ହତ୍ୟାର ଶିକାର ହୋଇଛନ୍ତି । ସେହିପରି ଏହି ୧୬ ମାସର ଅବଧି ମଧ୍ୟରେ ୧୦୪ଜଣ ବଳାତ୍କାରର ଶିକାର ହୋଇଛନ୍ତି । ମୋଟ୍ ପରିସଂଖ୍ୟାନକୁ ହିସାବ କଲେ, ପ୍ରତି ମାସରେ ୫ରୁ ଅଧିକ ମହିଳା, ଯୁବତୀ ଓ ନାବାଳିକା ବଳାତ୍କାର ଶିକାର ହେଉଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ୨୩ ଜଣ ନାବାଳିକା । ଦିନକୁ ଦିନ ବଳାତ୍କାର ସଂଖ୍ୟା ବଢ଼ିଚାଲିଥିବା ବେଳେ ୩ ଜଣ ଗଣ ବଳାତ୍କାରର ଶିକାର ହୋଇଛନ୍ତି । ଜିଲ୍ଲାରେ ମହିଳା ହିଂସା ଉଦ୍ବେଗଜନକ ସ୍ଥିତିରେ । ଯୌତୁକ ଲୋଭରେ ନିର୍ଦ୍ଦୟ ହେଉଛନ୍ତି ଶାଶୁଘର ଲୋକ । କେଉଁଠି ଯୌତୁକ ନିର୍ଯାତନା ସହି ନପାରି ନବବଧୂ ଆତ୍ମହତ୍ୟା କରୁଛି ତ ଆଉ କେଉଁଠି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଛନ୍ତି ଶାଶୁଘର ଲୋକେ । ଯୌତୁକ ଭଳି କୁତ୍ସିତ ପ୍ରଥାକୁ ଲୋକ ଜାବୁଡ଼ି ଧରିଥିବା ବେଳେ ଅନୁଗୁଳ ଜିଲ୍ଲାରେ ଯୌତୁକ ଜନିତ ନିର୍ଯାତନା ଉଦ୍ବେଗଜନକ ଭାବେ ବଢ଼ିଚାଲିଛି ।

# ଅପରେସନ ଗ୍ରୀନ୍ କ୍ଲିନ୍ : ରାଜ୍ୟରେ ୧୮,୧୧୧ ଏକର ଗଞ୍ଜେଇ ଚାଷ ନଷ୍ଟ

**ଭୁବନେଶ୍ୱର, ୩/୧୨**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପୋଲିସ ଚଳିତ ବର୍ଷ ଅଦ୍ୟାବଧି ୧୮ ହଜାର ୧୧୧ ଏକରରୁ ଅଧିକ ଗଞ୍ଜେଇ ଚାଷ ନଷ୍ଟ କରିଥିବା ବେଳେ, ଏହି ବେଆଇନ ଚାଷ ବିରୋଧୀ ଅଭିଯାନକୁ ଆଗାମୀ ମାର୍ଚ୍ଚ ୨୦୨୬ ପର୍ଯନ୍ତ ଜାରି ରଖିବାକୁ ଘୋଷଣା କରାଯାଇଛି । ଡ୍ରୋନ, ସାଟେଲାଇଟ, ଗୁଇନ୍ଦା ସୂଚନା ଓ ସ୍ୱତନ୍ତ୍ର କୌଶଳ ଅବଲମ୍ବନ କରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ହଜାର ହଜାର ଏକର ବେଆଇନ ଗଞ୍ଜେଇ ଚାଷକୁ ସମୂଳେ ଧ୍ୱଂସ କାରାଯାଉଛି ବୋଲି ପୋଲିସ ସୂଚନା ଦେଇଛି । ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି, "ସ୍ୱଳ୍ପ ସମୟରେ ହଜାର ହଜାର ଏକର ଗଞ୍ଜେଇ ଚାଷ ଧ୍ୱଂସ କରିବା ଓଡ଼ିଶା ପୋଲିସଙ୍କ ପାଇଁ ବଡ଼ ସଫଳତା । ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନ ଅଧିକ ତ୍ୱରାନ୍ୱିତ ହେବ ।" ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ଯୁବ ପିଢ଼ିଙ୍କୁ ମାଦକ ଦ୍ରବ୍ୟର କୁ-ପ୍ରଭାବରୁ ରକ୍ଷା କରିବା ଓ ରାଜ୍ୟରେ ବେଆଇନ ଚୋରା ଚାଲାଣକୁ ମୂଳୋତ୍ପାଟନ କରିବା ଦିଗରେ ପୋଲିସ ନିରନ୍ତର ଉଦ୍ୟମଶୀଳ । ସଂପୃକ୍ତ ଜିଲ୍ଲାର ପୋଲିସ ଟିମ୍‌ମାନେ ଦୁର୍ଗମ ଅଞ୍ଚଳରେ ଗଞ୍ଜେଇ ଚାଷ ଚିହ୍ନଟ କରି ବଡ଼ ଅଭିଯାନ ଚଳାଉଛନ୍ତି । ନଭେମ୍ବର ଶେଷ ପର୍ଯ୍ୟନ୍ତ ରୁଜୁ ହୋଇଥିଲା ୪୭୩ ମାମଲା । ସେଥିମଧ୍ୟରୁ ରାଜ୍ୟରେ ଏହି ବର୍ଷ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଗଞ୍ଜେଇ ଚୋରା ଚାଲାଣ ବିରୋଧରେ ୪୭୩ଟି ମାମଲା ରୁଜୁ ହୋଇଛି । ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୧୮୧ଟି ମାମଲା ସହ ୭,୭୫୭ ଏକର ଗଞ୍ଜେଇ ଚାଷ ନଷ୍ଟ ହୋଇଛି । କନ୍ଧମାଳରେ ୧୩୨ଟି ମାମଲା ରୁଜୁ ହୋଇଥିବା ବେଳେ ୯,୩୧୩ ଏକର ଅବୈଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ରାୟଗଡ଼ାରେ ୩୩ଟି ମାମଲା ରୁଜୁ ହୋଇଥିବା ବେଳେ ୧୧୪ ଏକର ଗଞ୍ଜେଇ ଚାଷ ଧ୍ୱଂସ କରାଯାଇଛି । ମାଲକାନଗିରିରେ ୩୫ଟି ମାମଲା ରୁଜୁ ହୋଇଥିବା ବେଳେ ୪୮୩ ଏକର ଗଞ୍ଜେଇ ଚାଷ ଧ୍ୱଂସ କରାଯାଇଛି । କୋରାପୁଟରେ ୨୨ଟି ମାମଲା ରୁଜୁ ହୋଇଥିବା ବେଳେ ୫୦୮ ଏକର ଗଞ୍ଜେଇ ଚାଷ ଧ୍ୱଂସ କରାଯାଇଛି । ଗଜପତିରେ ୪୫ଟି ମାମଲା ରୁଜୁ ହୋଇଥିବା ବେଳେ ୬୫୦ ଏକର ଗଞ୍ଜେଇ ଚାଷ ଧ୍ୱଂସ କରାଯାଇଛି । ଗଞ୍ଜାମରେ ୨୧ଟି ମାମଲା ରୁଜୁ ହୋଇଥିବା ବେଳେ ୧୬୨ ଏକର ଗଞ୍ଜେଇ ଚାଷ ଧ୍ୱଂସ କରାଯାଇଛି । କେନ୍ଦୁଝରରେ ମଧ୍ୟ ୧ ଏକର ଗଞ୍ଜେଇ ଚାଷ ଚିହ୍ନଟ ହୋଇ ନଷ୍ଟ କରାଯାଇଛି । ୨୦୨୪ ମସିହାରେ ସର୍ବମୋଟ ୫୯୪ ମାମଲା ରୁଜୁ ହୋଇଥିଲା ଏବଂ ୨୦,୮୦୩ ଏକର ଗଞ୍ଜେଇ ଚାଷକୁ ସମୂଳେ ନଷ୍ଟ କରାଯାଇଥିଲା । ରାୟଗଡା, ମାଲକାନଗିରି, କୋରାପୁଟ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ ଓ ନବରଙ୍ଗପୁର ଜିଲ୍ଲାରେ ମାସ୍ ସ୍କେଲରେ ଗଞ୍ଜେଇ ଚାଷ ଚିହ୍ନଟ କରିବା ପାଇଁ ଡ୍ରୋନ ଓ ସାଟେଲାଇଟ୍ ଦ୍ୱାରା ସର୍ଭେ ଚାଲିଛି । ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ସଚେତନ କରାଯାଉଥିବା ସହ ଏହି କାର୍ଯ୍ୟରେ ଜଡ଼ିତ ଥିବା ଲୋକଙ୍କ ବିରୋଧରେ କଡ଼ା କାନୁନୀ ପଦକ୍ଷେପ ନିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଚେତାବନୀ ଦେଇଛନ୍ତି । ରାଜ୍ୟରେ ବେଆଇନ ଗଞ୍ଜେଇ ଚାଷ ବନ୍ଦ କରିବା ଓ ମାଦକମୁକ୍ତ ଓଡ଼ିଶା ଗଢ଼ିବା ଲକ୍ଷ୍ୟରେ ପୋଲିସର ଏହି ବ୍ୟାପକ ଅଭିଯାନ ଅବିରତ ଚାଲିଛି ବୋଲି ସେ କହିଛନ୍ତି ।